ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.222 Bhubaneswar Sunday October 23 2022 | ୨୫ତମ ବର୍ଷ ସଂଖ୍ୟା-୨୨୨ ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୩, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ରାଜଧାନୀରେ ନକଲି ସସ୍ ଫ୍ୟାକ୍ଟ୍ରି, କଟକରେ ଗୋଦାମ

ଭୁବନେଶ୍ୱର/କଟକ, ୨୨।୧୦(ପି.ଏନ): ଅପମିଶ୍ରିତ ସସ୍ ଫ୍ୟାକ୍ଟ୍ରି ଓ ଗୋଦାମରେ ପୁଲିସର ରେଡ୍। ଆଳୁ ଓ କଖାରୁ ବ୍ୟବହାର କରାଯାଇ ଲୁଚାଛପାରେ ପ୍ରସ୍ତୁତ ହେଉଥିବା ଚିଲି ସସ୍, ଟମାଟୋ ସସ୍, ଆଚାର ପ୍ରଭୃତି ସାମଗ୍ରୀ। ଆଜି ଭୁବନେଶ୍ୱରର ପାତ୍ରପଡ଼ା ଶିଳ୍ପାଞ୍ଚଳରେ ଏକ ନକଲି ସସ୍ ଫ୍ୟାକ୍ଟ୍ରି ଉପରେ କଟକ ପୁଲିସ ରେଡ୍ କରି ବିପୁଳ ପରିମାଣର ସସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଅପମିଶ୍ରଣ ପାଇଁ ବ୍ୟବହୃତ ଅନେକ ସାମଗ୍ରୀ ମଧ୍ୟ ଜବତ ହୋଇଛି। ସେପଟେ କଟକ ମାଲଗୋଦାମରେ ଥିବା ଏକ ଗୋଦାମରେ ମଧ୍ୟ ଚଢ଼ାଉ ହୋଇଛି। ପାତ୍ରପଡ଼ା ଫ୍ୟାକ୍ଟ୍ରିରେ ସସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଅପମିଶ୍ରିତ ହୋଇ ପ୍ରସ୍ତୁତ ପରେ ମାଲଗୋଦାମକୁ ଯାଉଥିଲା।ଆଜି କଟକ ମାଲଗୋଦାମ ଥାନା ଅଧୀନରେ ଏକ ନକଲି ସସ୍ ଗୋଦାମ ଠାବ ହେବା ପରେ ସେଠାରେ ଜଣେ ବ୍ୟକ୍ତିକୁ ଅଟକ ରଖି ପୁଲିସ ପଚରାଉଚରା କରିବା ବେଳେ ତାଙ୍କ ଠାରୁ ପାତ୍ରପଡା ନକଲି ସସ୍ ଫ୍ୟାକ୍ଟ୍ରି ସମ୍ପର୍କରେ ସୂଚନା ପାଇଥିଲା। ଏହି ସୂଚନାକୁ ଆଧାର କରି ଭୁବନେଶ୍ୱର ପାତ୍ରପଡ଼ାର ଏହି କାରଖାନା ଉପରେ ରେଡ୍ ହୋଇଛି ଓ ଏଠାରୁ ଜବତ ସାମଗ୍ରୀର ନମୁନା ସଂଗ୍ରହ କରାଯାଇଛି। ଜବତ ସସ୍ ଓ ଅନ୍ୟ ସାମଗ୍ରୀ ଉପରେ ଖାଦ୍ୟ ନିରାପତ୍ତା ବିଭାଗର ବାରକୋଡ୍ ଦେଖିବାକୁ ମିଳି ନ ଥିଲା। ସେହିପରି ମନଇଚ୍ଛା ଦର ମଧ୍ୟ ଲଗାଯାଇଛି। ବହୁ ବର୍ଷ ହେବ ଏହି ଫ୍ୟାକ୍ଟ୍ରି ଲୁଚାଛପାରେ ଚାଲିଥିଲା। ଅସ୍ୱାସ୍ଥ୍ୟକର ପରିବେଶରେ ସସ୍ ପ୍ରସ୍ତୁତ ହେଉଥିଲା।ଅନ୍ୟପଟେ କଟକ ମାଲଗୋଦାମର ଏକ ଗୋଦାମ ଉପରେ ସିଏମସି ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ ଓ ପୁଲିସ ମିଳିତ ଚଢ଼ାଉ କରି ଅପମିଶ୍ରିତ ସସ୍, ଆଚାର, ଚକଲେଟ ଓ ବିସ୍କୁଟ ପ୍ରଭୃତି ଜବତ କରିଛି। ଯାଞ୍ଚ ବେଳେ ବିସ୍କୁଟ ଓ ଚକୋଲେଟର ବୈଧତା ତାରିଖ ନଥିଲା। ଯାହା ଖାଇବା ଉପଯୋଗୀ ନୁହେଁ, ସେଭଳି ଖାଦ୍ୟ ସାମଗ୍ରୀ ଏହି ଗୋଦାମରେ ବିକ୍ରି ଉଦ୍ଦେଶ୍ୟରେ ମହଜୁଦ୍ ରଖାଯିବା ସହ ବିଭିନ୍ନ ବଜାରକୁ ଚାଲାଣ ହେଉଥିଲା। ସିଏମସି ଦ୍ୱାରା ଏଭଳି ପାଞ୍ଚ ?ଟି ଗୋଦାମକୁ ସିଲ କରାଯାଇଛି।




## ୨୦ ମିନିଟ ପାଇଁ ଦେଖାଯିବ ସୂର୍ଯ୍ୟପରାଗ

ଭୁବନେଶ୍ୱର,୨୨।୧୦(ପି.ଏନ): ଚଳିତ ମାସ ୨୫ ତାରିଖ ଅର୍ଥାତ୍ ମଙ୍ଗଳବାର ଆଂଶିକ ସୂର୍ଯ୍ୟପରାଗ ହେବ। ଅପରାହ୍ନ ୪ଟା ୫୬ ମିନିଟରୁ ସୂର୍ଯ୍ୟପରାଗ ଆରମ୍ଭ ହେବ। ଏହା ଭୁବନେଶ୍ୱରରେ ୨୦ ମିନିଟ ପାଇଁ ଦେଖାଯିବ। ଏହି ସମୟରେ ସୂର୍ଯ୍ୟର ମାତ୍ର ୧୫ ପ୍ରତିଶତକୁ ଢାଙ୍କି ରଖିବ ଚନ୍ଦ୍ର।ଏହି ପ୍ରକ୍ରିୟାକୁ ଖାଲି ଆଖିରେ ନ ଦେଖି, ସନଗ୍ଲାସ୍ ପିନ୍ଧି ବା ପ୍ରୋଜେକ୍ସନ ମାଧ୍ୟମରେ ଦେଖିବାକୁ ପରାମର୍ଶ ଦେଇଛନ୍ତି ପଠାଣି ସାମନ୍ତ ପ୍ଲାନେଟୋରିୟମର ଉପ ନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ। ଏହା ୨୦୨୨ ର ଦ୍ୱିତୀୟ ତଥା ଶେଷ ସୂର୍ଯ୍ୟପରାଗ। ଭାରତ ସମେତ ଏସିଆ ଓ ୟୁରୋପର କିଛି ଅଞ୍ଚଳରେ ଦୃଶ୍ୟମାନ ହେବ। ସୂର୍ଯ୍ୟପରାଗ ହେଉଥିବାରୁ ଆସନ୍ତା ୨୫ ତାରିଖ ମଙ୍ଗଳବାରକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ଏହି ଦିନ ସମସ୍ତ ସରକାରୀ ସ୍କୁଲ, କଲେଜ, ଅଫିସ, ବ୍ୟାଙ୍କ ପ୍ରଭୃତି ବନ୍ଦ ରହିବ।ଅନ୍ୟପଟେ ଏହି ସୂର୍ଯ୍ୟପରାଗକୁ ଜ୍ୟୋତିଷମାନେ କେତୁଗ୍ରସ୍ତ ଖଣ୍ଡଗ୍ରାସ ସୂର୍ଯ୍ୟପରାଗ ବୋଲି ମତ ଦେଇଛନ୍ତି। ସୂର୍ଯ୍ୟପରାଗ ସ୍ପର୍ଶର ୧୨ଘଣ୍ଟା ପୂର୍ବରୁ ପାକତ୍ୟାଗ ନୀତି ରହିଛି। ତେଣୁ ସୋମବାର ରାତି ୪ଟା ୫୭ରୁ ପାକତ୍ୟାଗ ଓ ଦେବ ନୀତି ନିଷେଧ। ଗ୍ରହଣ ସ୍ପର୍ଶ ମଙ୍ଗଳବାର ଦିନ ୪ଟା ୫୬ ମିନିଟ ୫୨ ସେକେଣ୍ଡ ଓ ଗ୍ରହଣ ସର୍ବମୋକ୍ଷ ସନ୍ଧ୍ୟା ୬ଟା ୨୬ ମିନିଟ୍ ୫୨ସେକେଣ୍ଡରେ ରହିଛି।



## ଅବକାରୀ ବିଭାଗ ପକ୍ଷରୁ ୯୪ କିଲୋ ଗଂଜେଇ ଜବତ ୨ ଜଣ ଗିରଫ

ମାଲକାନଗିରି, ୨୨।୧୦(ପି.ଏନ): ମାଲକାନଗିରି ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୯୪ କିଲୋ ଗଂଜେଇ ଜବତ କରିବା ସହ ୨ ଜଣ ଆସାମୀକୁ ଗିରଫ କରାଯାଇଛି। ଏଥିସହ ଏକ ସ୍କର୍ପିଓ ଗାଡି ମଧ୍ୟ ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଦୁଇଟି ଟିମ ଗଠନ କରାଯାଇ ବାଲିମେଳା ରାସ୍ତାରେ ପେଟ୍ରୋଲିଂ କରୁଥିବା ବେଳେ ଏମଭି-୩୭ ଗ୍ରାମ ନିକଟରେ ଏକ ସ୍କର୍ପିଓ କାରଟି ଦ୍ରୁତ ଗତିରେ ଆସୁଥିବା ଅବକାରୀ କର୍ମଚାରୀମାନେ ଦେଖିବାକୁ ପାଇଥିଲେହି ଗାଡିକୁ ଅଟକାଇ ଯାଂଚ କରିବା ପରେ ସେଥିରେ ୬୯ କିଲୋ ଗଂଜେଇ ଜବତ କରାଯାଇଥିଲା। ଏଥିସହ ସ୍କର୍ପିଓ ଗାଡିକୁ ମଧ୍ୟ ଜବତ କରାଯାଇଥିଲା। ଏହି ଗାଡିରେ ଗିରଫ ହୋଇଥିବା ଆସାମୀ ଜଣକ ହେଲା ମଧ୍ୟପ୍ରଦେଶ ର ସୋନୁ ଆଶାରୀ। ଏହି ଗଂଜେଇ ଚିତ୍ରକୋଣ୍ଡା ରୁ ମଧ୍ୟପ୍ରଦେଶକୁ ଚାଲାଣ କରାଯାଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।ସେହିପରି ଅନ୍ୟ ଏକ ଘଟଣାରେ ଏମଭି-୧୧ ନିକଟରେ ଅବକାରୀ ବିଭାଗର ଅନ୍ୟ ଏକ ଟିମ ପେଟ୍ରୋଲିଂ କରୁଥିବା ବେଳେ ଜଣେ ବ୍ୟକ୍ତି ଏକ ଧଳା ଜରି ବ୍ୟାଗରେ କଛି ଧରି ରାସ୍ତା କଡରେ ଛିଡା ହୋଇଥିବା ଦେଖିଥିଲେ। ସେହି ବ୍ୟକ୍ତିଙ୍କ ନିକଟକୁ ଯାଇ ଯାଂଚ କରିବା ପରେ ସେଥିରେ ୨୫ କିଲୋ ଗଂଜେଇ ରହିଥିବା ଅବକାରୀ କର୍ମଚାରୀ ଦେଖିବାକୁ ପାଇଥିଲେ। ତୁରନ୍ତ ଗଂଜେଇ ଜବତ କରିବା ସହ ଗଂଜେଇ ଚାଲାଣ କରୁଥିବା ଆସାମୀକୁ ଗିରଫ କରିଥିଲେ। ଏହି ବ୍ୟକ୍ତି ମଧ ମଧ୍ୟପ୍ରଦେଶର ଫରିଦ ମହମ୍ମଦ। ଦୁହିଁକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନସପେକ୍ଟର ଉଦୟଲାଲ ନାୟକ ପ୍ରକାଶ କରିଛନ୍ତି। ଏହି ଚଢାଉରେ ଆଶିଷ କୁମାର ନାୟକ, ଗଦାଧର ମହାରଣା, ଜ୍ଞାନରଂଜନ ସାହୁ, ଅକ୍ଷୟ କୁମାର ଜେନା, ପଣ୍ଡା ନାଗେଶ, ଦିନେଶ କୁମାର, ଜୁଲି ସା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସୃଷ୍ଟି ହେଲା ଅବପାତ

ଭୁବନେଶ୍ୱର, ୨୨।୧୦ (ପି.ଏନ): ଆଣ୍ଡମାନସାଗର ନିକଟବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଂଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହୋଇଛି । ୨୩ ତାରିଖରେ ଏହା ଏକ ସାମୁଦ୍ରିକ ଝଡ଼ରେ ପରିଣତ ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ଏହା କ୍ରମଶଃ ଉତରପଶ୍ଚିମ ଦିଗରେ ଗତି କରିବ । ୨୫ ତାରିଖ ସକାଳ ସମୟରେ ସମ୍ଭାବ୍ୟ ବାତ୍ୟା 'ସିତ୍ରଙ୍ଗ' ବାଙ୍ଗଲାଦେଶ-ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଥିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ନନ୍ଦନକାନନରେ ଧଳା ବାଘୁଣୀ ବିଜୟାର ମୃତ୍ୟୁ

ଭୁବନେଶ୍ୱର,୨୨।୧୦(ପି.ଏନ): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୧୨ ବର୍ଷର ଧଳା ବାଘୁଣୀ 'ବିଜୟା'ର ମୃତ୍ୟୁ ହୋଇଛି। ସେ ଗତ ୯ ତାରିଖରୁ ଅସୁସ୍ଥ ହୋଇ ଖିଆପିଆ କରୁନଥିଲା। ତାକୁ କ୍ୱାରେନଟାଇନ୍‌ରେ ଓୟୁଏଟିର ୪ ଜଣିଆ ଡାକ୍ତରୀ ଟିମ୍ ଚିକିତ୍ସା କରୁଥିଲେ। ଅବସ୍ଥାରେ ସୁଧାର ଆସି ଖିଆପିଆ କରିବାରୁ ଗୁରୁବାର ଖୁଆଡକୁ ଅଣାଯାଇଥିଲା। ଆଜି ସେଠାରେ ତାର ମୃତ୍ୟୁ ହୋଇଛି। କେଉଁ କାରଣ ଯୋଗୁଁ ତା'ର ମୃତ୍ୟୁ ହୋଇଛି ତାହା ବ୍ୟବଚ୍ଛେଦ ପରେ ଜଣା ପଡ଼ିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି। ତା'ର ମୃତ୍ୟୁ ପରେ ବର୍ତମାନ ନନ୍ଦନକାନନରେ ବାଘ ସଂଖ୍ୟା ୨୫ରେ ପହଂଚିଛି।

## ବାଲିଗୁଡାରେ ନୂତନ ଉପଜିଲ୍ଲାପାଳ ଭାବେ ଆଇଏଏସ ମଧୁସ୍ମିତାଙ୍କ ଦାୟିତ୍ୱ ଗ୍ରହଣ

କନ୍ଧମାଳ ,୨୨।୧୦(ପି.ଏନ): କନ୍ଧମାଳ ଜିଲ୍ଲା ବାଲିଗୁଡା ନୂତନ ଉପଜିଲାପାଳ ଭାବେ ଆଇଏଏସ ମଧୁସ୍ମିତା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି କ୍ଷ ମଧୁସ୍ମିତା ଆଇଏଏସ ତାଲିମ ପାଇବା ପରେ ପ୍ରଥମ ଥର ପାଇଁ ବାଲିଗୁଡା ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି କ୍ଷ ସେ ଗ୍ରାମାଞ୍ଚଳର ଉନ୍ନତି ପାଇଁ ନିଷ୍ଠା ଓ ଆନ୍ତରିକତାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି କ୍ଷ ଏଥି ପୂର୍ବରୁ ଥିବା ଉପଜିଲାପାଳ ଦୁଖବନ୍ଧୁ ନାୟକଙ୍କ ଅନ୍ୟତ୍ର ବଦଳି ହୋଇଛନ୍ତି କ୍ଷ ଦୁଖବନ୍ଧୁ ନାୟକଙ୍କୁ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି କ୍ଷ ଦୁଖବନ୍ଧୁ କମ ଦିନ ଦାୟିତ୍ୱରେ ଥିଲେ ବି ବାଲିଗୁଡା ଭଳି ମାଓ ଅଧୁସିତ ଉପଖଣ୍ଡ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଉନ୍ନୟନମୂଳକ କାର୍ଯ୍ୟ କରି ବେଶ ପ୍ରଶଂସନୀୟ ହୋଇଥିଲେ କ୍ଷ ସେହିପରି ପଞ୍ଚାୟତ ଓ ପୌର ନିର୍ବାଚନକୁ ମଧ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିଥିଲେ ଦୁଖବନ୍ଧ କ୍ଷ ତାଙ୍କର ବଦଳି ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବିଦାୟ ସମ୍ବର୍ଦ୍ଧନା ଜଣାଇବା ସହ ନୂତନ ଉପଜିଲ୍ଲାପାଳ ମଧୁସ୍ମିତାଙ୍କୁ ଫୁଲ ତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ।

## ୨୫ ରେ ସୂର୍ଯ୍ୟପରାଗ ପାଇଁ ବନ୍ଦ ରହିବ ଘଟଗାଁ ମା ତାରିଣୀ ମନ୍ଦିର

ଘଟଗାଁ, ୨୨।୧୦(ପି.ଏନ):୨୫ ତାରିଖ ସୂର୍ଯ୍ୟପରାଗ ପାଇଁ ବନ୍ଦ ରହିବ କେନ୍ଦୁଝର ଜିଲ୍ଲା ଘଟଗାଁ ସ୍ଥିତ ମା ତାରିଣୀ ମନ୍ଦିର । ୨୪ ତାରିଖ ସଂନ୍ଧ୍ୟା ଆଳତୀ ପରେ ମନ୍ଦିର ବନ୍ଦ ରହିବ । ୨୬ ତାରିଖ ପ୍ରାତଃ ସମୟରେ ମାଙ୍କ ଦୈନନ୍ଦିନ ନୀତିକାନ୍ତି ସ୍ନାନ, ମାଜଣା, ବଡ଼ସିଂହାର ବେଶ ସମ୍ପନ୍ନ ହୋଇ ସାଢ଼େ ୬ଟାରେ ଭକ୍ତଙ୍କ ଦର୍ଶନ ପାଇଁ ପହୁଡ଼ ଖୋଲିବ । ଏହାପରେ ମଙ୍ଗଳଆଳତୀ ଓ ଷୋଡ଼ଶ ଉପଚାର, ଭକ୍ତଙ୍କ ମାନସିକ ପୂଜା ଅନୁଷ୍ଠିତ ହେବ ।

## ରାଜଧାନୀରେ ୭ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର ,୨୨।୧୦(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶନିବାର ମୋଟ ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ୨୫ ତାରିଖ ସକାଳେ ସମ୍ଭାବ୍ୟ ବାତ୍ୟା ସିତ୍ରଙ୍ଗ ବାଙ୍ଗଲାଦେଶ-ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବାର ସମ୍ଭାବନା

ଭୁବନେଶ୍ୱର, ୨୨।୧୦(ପି.ଏନ): ଆଣ୍ଡମାନସାଗର ନିକଟବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଂଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହୋଇଛି । ୨୩ ତାରିଖରେ ଏହା ଏକ ସାମୁଦ୍ରିକ ଝଡ଼ରେ ପରିଣତ ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ଏହା କ୍ରମଶଃ ଉତରପଶ୍ଚିମ ଦିଗରେ ଗତି କରିବ । ୨୫ ତାରିଖ ସକାଳ ସମୟରେ ସମ୍ଭାବ୍ୟ ବାତ୍ୟା 'ସିତ୍ରଙ୍ଗ' ବାଙ୍ଗଲାଦେଶ-ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଥିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ୨୬ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ମାଛଧରା ଡଙ୍ଗା ମନା

ଭୁବନେଶ୍ୱର,୨୨।୧୦(ପି.ଏନ): ସମ୍ଭାବ୍ୟ ବାତ୍ୟା ସିତ୍ରାଙ୍ଗ ପରିପ୍ରେକ୍ଷୀରେ ସୁରକ୍ଷା ଦୃଷ୍ଟିରୁ ଅକ୍ଟୋବର ୨୨ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ଏବଂ ଚିଲିକାକୁ ଡଙ୍ଗାନେଇ ମାଛ ଧରିବାକୁ ଯିବା ପାଇଁ ନିଷେଧ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅନୁମୋଦନ କ୍ରମେ ଓଡ଼ିଶା ମାରାଇନ୍ ଫିସ୍ ରେଗୁଲେସନ୍ ଆକ୍ଟ ୧୯୮୨ ଅନୁଯାୟୀ ଶନିବାର ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗ ପକ୍ଷରୁ ଏ ସଂପର୍କରେ ବିଜ୍ଞପ୍ତି ଜାରି କରାଯାଇଛି। ମତ୍ସ୍ୟଜୀବୀମାନଙ୍କ ଧନଜୀବନର ସୁରକ୍ଷା ପାଇଁ ରାଜ୍ୟର ସମଗ୍ର ଉପକୂଳରେ ଏବଂ ଚିଲିକା ହ୍ରଦରେ ଯନ୍ତ୍ରଚାଳିତ ତଥା ମୋଟରଚାଳିତ ଡଙ୍ଗା ଏବଂ ଦେଶୀ ଡଙ୍ଗା ନେଇ ମାଛ ଧରିବା ପାଇଁ ବାରଣ କରାଯାଇଛି। ଅକ୍ଟୋବର ୨୨ରୁ ୨୬ ତାରିଖ ୫ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବା ପାଇଁ ସମୁଦ୍ର ଓ ଚିଲିକାକୁ ନଯିବା ପାଇଁ କୁହାଯାଇଛି ।ସମ୍ଭାବ୍ୟ ବାତ୍ୟା ଯୋଗୁଁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ମତ୍ସ୍ୟ ଅଧିକାରୀମାନଙ୍କୁ ଏ ଦିଗରେ ସମସ୍ତ ପ୍ରକାର ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ବିଭାଗ ପକ୍ଷରୁ ମାଇକ ଯୋଗେ ଘୋଷଣା କରାଯାଇ ସମୁଦ୍ର ଭିତରକୁ ନଯିବା ପାଇଁ ସତର୍କ କରାଯାଇଛି। ବିଭାଗୀୟ ଅଧିକାରୀ ଏବଂ ମାରାଇନ୍ ପୋଲିସ୍ ଙ୍କ ଦ୍ୱାରା ମିଳିତ ଭାବେ ଉପକୂଳରେ ପାଟ୍ରୋଲିଂ କରାଯାଉଛି। ଏଥି ସହିତ କୋଷ୍ଟାଗାର୍ଡ ପକ୍ଷରୁ ମଧରୁ ପାଟ୍ରୋଲିଂ କରାଯାଉଛି । କୌଣସି ମାଛଧରା ଡଙ୍ଗା ଯେପରି ସମୁଦ୍ର ଭିତରକୁ ନଯାଇପାରିବ ସେଥି ନିମନ୍ତେ ସାଗର ମିତ୍ର ଏବଂ ମତ୍ସ୍ୟ ବିଭାଗର ଅଧିକାରୀଙ୍କ ଦ୍ୱାରା ଉପକୂଳରେ ସତର୍କ ଦୃଷ୍ଟି ରଖାଯାଇଛି। ଅନ୍ୟ ରାଜ୍ୟର ମାଛଧରା ଡଙ୍ଗାଗୁଡ଼ିକୁ ରାଜ୍ୟର ମାଛଧରା ବନ୍ଦର ଓ ମତ୍ସ୍ୟ ଅବତରଣ କେନ୍ଦ୍ରଗୁଡ଼ିକରେ ନିରାପଦ ଆଶ୍ରୟ ନିମନ୍ତେ ଅନୁମତି ଦିଆଯାଇଛି । ସାମୁଦ୍ରିକ ମତ୍ସ୍ୟ ସମବାୟ ସମିତି ଏବଂ ମାଛଧରା ଡଙ୍ଗା ଆସୋସିଏସନ୍ ପକ୍ଷରୁ ବୈଠକ କରାଯାଇ ସମ୍ଭାବ୍ୟ ବାତ୍ୟା ନିମନ୍ତେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ।

## ପୁରୀ-ହାଓ୍ୱଡା ଏକ୍ସପ୍ରେସର ୩ଟି ଖାଲି ବଗି ଲାଇନଚ୍ୟୁତ



ପୁରୀ,୨୨।୧୦(ପି.ଏନ): ଆଜି ସନ୍ଧ୍ୟାରେ ପୁରୀ-ହାଓ୍ୱଡା ଏକ୍ସପ୍ରେସର ୩ଟି ଖାଲି ବଗି ଲାଇନଚ୍ୟୁତ ହୋଇଛି। ମାଳତୀପାଟପୁରରୁ ପୁରୀ ଆସିବା ବେଳେ ଏହି ଅଘଟଣ ଘଟିଛି। ଯାହାଫଳରେ ପୁରୀ-ହାଓ୍ୱଡା ଟ୍ରେନ୍ ଯାତ୍ରା ବିଳମ୍ବ ହୋଇଛି। ତେବେ କେଉଁ କାରଣ ପାଇଁ ଲାଇନ୍‌ଚ୍ୟୁତ୍ ହୋଇଛି, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ। ରେଲୱେ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ଟ୍ରାକ୍ ମରାମିତି କାର୍ଯ୍ୟ ଚାଲିଛି।ପୁରୀ-ହାଓ୍ୱଡା ଏକ୍ସପ୍ରେସର S-1, S-2 ଓ S-3 ବଗି ଲାଇନ୍‌ଚ୍ୟୁତ ହୋଇଛି। ଟ୍ରେନ ଗୁଡିକ ପ୍ରାୟ ୩୦% ଟ୍ରାକ୍‌ରୁ ବାହାରକୁ ଟେକି ହୋଇ ରହିଛି। ଲୁପ୍‌ଲାଇନ୍‌ରୁ ମେନ ଲାଇନ୍‌କୁ ଟ୍ରେନ୍ ?ଟି ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଟ୍ରେନ୍‌ଟି ରାତି ୮.୧୫ ମିନିଟ୍‌ରେ ହାଓ୍ୱଡା ଅଭିମୁଖେ ବାହାରି ଥାଆନ୍ତା।

## ହଷ୍ଟେଲରୁ ଲାପଟପ୍ ଓ ମୋବାଇଲ୍ ଚୋରି କରୁଥିଲେ ଏମବିଏ ଛାତ୍ରୀ : ଛାତ୍ରୀ ଓ ସହଯୋଗୀ ଗିରଫ

ଭୁବନେଶ୍ୱର ,୨୨।୧୦(ପି.ଏନ): ହଷ୍ଟେଲରୁ ଲାପଟପ୍ ଓ ମୋବାଇଲ୍ ଚୋରି କରୁଥିବା ଜଣେ ଏମବିଏ ଛାତ୍ରୀଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍। ଏଥିରେ ସହାୟତା କରୁଥିବା ତାଙ୍କ ସହଯୋଗୀକୁ ମଧ୍ୟ ପୋଲିସ୍ ଗିରଫ କରିଛି। ତାଙ୍କଠାରୁ ୪ଟି ମୋବାଇଲ୍ ଓ ୩ଟି ଲାପ୍ ଟପ୍ ଜବତ କରାଯାଇଛି ।ସହଯୋଗୀ ଜରିଆରେ ଚୋରି ସାମଗ୍ରୀ କୋଲକାତା ଚାଲାଣ କରାଯାଉଥିଲା। ଏହାର ଲିଙ୍କ୍ ବାଲାଂଦେଶ ପର୍ଯ୍ୟନ୍ତ ଥିବା ଜଣାପଡିଛି। ଇନ୍‌ଫୋସିଟି ଥାନା ପୁଲିସ୍ ଛାତ୍ରୀ କୋଲକାତାର ପୂଜା ଶାହା ଓ ସହଯୋଗୀ ଅହମ୍ମଦ ହୁସେନ୍ କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସୂଚନା ଅନୁଯାୟୀ ଇନ୍‌ଫୋସିଟି ଥାନା ଅଂଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ହଷ୍ଟେଲ୍ ରୁ ବାରମ୍ବାର ଲାପ୍‌ଟପ୍ ଓ ମୋବାଇଲ ଚୋରି ହେଉଥିଲା। ଏନେଇ ହଷ୍ଟେଲ୍ ରେ ରହୁଥିବା ଦୁଇ ଏମ୍‌ବିଏ ଛାତ୍ରୀ ଶିଳ୍ପୀ ନାୟକ ଓ ଲୋପାମୁଦ୍ରା ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। କମିଶନରେଟ୍ ପୋଲିସ୍ ଅଭିଯୋଗକୁ ଭିତି କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ୍ ହଷ୍ଟେଲ୍ ର କିଛି ଛାତ୍ରୀଙ୍କୁ ପଚରାଉଚରା କରିଥିଲା। ପଚରା ଉଚରା ବେଳେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ରୀ ପୂଜା ଶାହାଙ୍କ ଉପରେ ପୋଲିସ୍ ସନ୍ଦେହ ହୋଇଥିଲା। ଏହା ପରେ ପୋଲିସ୍ ପୂଜାଙ୍କୁ ଘନ ଘନ ଜେରା କରିଥିଲା। ଶେଷରେ ପୂଜା ନିଜ ଦୋଷ ସ୍ୱୀକାର କରିଥିଲା। ହଷ୍ଟେଲ୍ ରୁମ୍ ରେ ପଶି ମୋବାଇଲ୍ ଓ ଲାପ୍‌ଟପ୍ ଚୋରି କରୁଥିବା ମାନିଥିଲା। କୋଲକାତା ମୂଳବାସିନ୍ଦା ପୂଜା ଉକ୍ତ କଲେଜରେ ପଢୁଥିବା ବେଳେ ହଷ୍ଟେଲ୍ ରେ ରହୁଥିଲା। କଥା ହେବା ବାହାନାରେ ସେ ଚତୁରତାର ସହ ସାଥୀଙ୍କ ରୁମ୍ ରେ ପଶୁ ଥିଲା। ଆଉ ସମୟ ସୁବିଧା ଦେଖି ଚୋରି କରୁଥିଲା। ତା'ପରେ ଚୋରି ଲାପ୍ ଟପ୍ ଓ ମୋବାଇଲ୍ କୁ ଅହମ୍ମଦ ହୁସେନ୍ ନାମକ ଜଣେ ବ୍ୟକ୍ତିକୁ ବିକି ଦେଉଥିଲା। ଅହମ୍ମଦ ହୁସେନ୍ ଚୋରା ଲାପଟପ୍ ଓ ମୋବାଇଲ୍ କୁ କୋଲକାତା ପଠାଉ ଦେଉଥିଲା। ସେଠାରୁ ବାଂଲାଦେଶ ଚାଲାଣ ହେଉଥିଲା।



## ୭୫ହଜାର ନିଯୁକ୍ତି ମିଳିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ରାଜ୍ୟ ସଭାପତି

ଭୁବନେଶ୍ୱର,୨୨।୧୦(ପି.ଏନ):ବିକଶିତ ଭାରତ ଗଠନରେ ଯୁବଶକ୍ତିର ଯୋଗଦାନ ଓ ପ୍ରତିଭାର ପ୍ରଦର୍ଶନ ନିହାତି ଜରୁରୀ ଏବଂ ଏହାକୁ ଭଲ ଭାବେ ଉପଲବ୍ଧ କରି କାର୍ଯ୍ୟ କରୁଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି। କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ଚଳିତ ବର୍ଷ "ଆଜାଦି କା ଅମୃତ ମହୋତ୍ସବ" କାର୍ଯ୍ୟକ୍ରମର ଅଂଶ ବିଶେଷ ଭାବେ ସର୍ବଭାରତୀୟ ସ୍ତରରେ "ରୋଜଗାର ମିଶନ"କୁ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି ।ଏହି ମିଶନ ଜରିଆରେ ଦେଶରେ ପ୍ରାୟ ୧୦ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି ଏବଂ ଏହି ମିଶନ ଜରିଆରେ ଆସନ୍ତା ଏକ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ନିଯୁକ୍ତି ପୂରଣ କରାଯିବ । ପ୍ରଥମ ପର୍ଯ୍ୟାୟ ରୋଜଗାର ମିଶନରେ ଆଜି ଦେଶବ୍ୟାପୀ ପ୍ରାୟ ୭୫ ହଜାର ଯୁବବର୍ଗଙ୍କୁ ନିଯୁକ୍ତି ମିଳିଛି । ସମଗ୍ର ଦେଶର ୫୦ଟି ସ୍ଥାନରେ ୭୫ ହଜାର ନୂତନ ନିଯୁକ୍ତିଧାରୀଙ୍କୁ ନିଯୁକ୍ତି ପତ୍ର ହସ୍ତାନ୍ତର କରାଯାଇଛି । ଭୁବନେଶ୍ୱରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କଟକଠାରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଉପସ୍ଥିତ ରହି ନୂତନ ନିଯୁକ୍ତଧାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଜୀ ଯୁବବର୍ଗଙ୍କ ପାଇଁ ଏହି ସୁବର୍ଣ୍ଣ ସୁଯୋଗ ଆଣିଥିବାରୁ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟ ସରକାର ମଧ୍ୟ ସ୍ଥାୟୀ ନିଯୁକ୍ତିର ବ୍ୟବସ୍ଥା କରିବାକୁ ଶ୍ରୀ ମହାନ୍ତି କହିଛନ୍ତି ।

## ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଓ ଅର୍ଚ୍ଚନା ନାଗ ସ୍କାଣ୍ଡାଲରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେପିର ଧାରଣା

ଭୁବନେଶ୍ୱର,୨୨।୧୦(ପି.ଏନ): ଅର୍ଚ୍ଚନା ନାଗ, ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣାରେ ନିରପେକ୍ଷ ତଦନ୍ତ ଦାବି କରି ଭୁବନେଶ୍ୱରରେ କମିସନରେଟ୍ ପୋଲିସ ଅଫିସ ସାମ୍ନାରେ ବିଜେପି ପକ୍ଷରୁ ଅହରାତ୍ର ଧାରଣା ଦିଆଯାଇଛି। ନିମାପଡ଼ା ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣା ଏବଂ ବହୁଚର୍ଚ୍ଚିତ ଯୌନ କେଲେଙ୍କାରୀ ବ୍ଲାକମେଲର ଅର୍ଚ୍ଚନା ନାଗ ଘଟଣାରେ ବହୁ ମନ୍ତ୍ରୀ ଏବଂ ବିଧାୟକ ସମ୍ପୃକ୍ତ ରହିଛନ୍ତି। ସେମାନଙ୍କୁ ପୋଲିସ ଜାଣିଶୁଣି ଘଂଟ ଘୋଡାଉଛି ବୋଲି ଦଳ ଅଭିଯୋଗ କରିଛି ।ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ବହୁଚର୍ଚ୍ଚିତ ଧର୍ମେନ୍ଦ୍ର ସାହୁ ମୃତ୍ୟୁର ଅଭିଯୁକ୍ତ ମନ୍ତ୍ରୀ ସମୀର ଦାଶ ଓ ଅର୍ଚ୍ଚନା ନାଗ ସ୍କାଣ୍ଡାଲରେ ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତେ ନୀରବ ସାଜିଛନ୍ତି ରାଜ୍ୟ ସରକାର ଏବଂ ଆଖି ବନ୍ଦ କରିଦେଇଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ । ଅଭିଯୁକ୍ତଙ୍କ ବିରୁଦ୍ଧରେ ପର୍ଯ୍ୟାପ୍ତ ପ୍ରମାଣ ଥିବା ସତ୍ତ୍ୱେ ଶାସକ ବିଜେଡିର ଚାପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ସୁସ୍ଥ ସମାଜ ଓ ଗଣତନ୍ତ୍ର ପ୍ରତି ବିପଦ । ପୋଲିସର ବିଶ୍ୱାସନିୟତା କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଏଥି ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି । ଧର୍ମେନ୍ଦ୍ର ସାହୁ ମୃତ୍ୟୁର ଅଭିଯୁକ୍ତ ମନ୍ତ୍ରୀ ସମୀର ଦାଶ ଓ ଅର୍ଚ୍ଚନା ନାଗ ସ୍କାଣ୍ଡାଲରେ ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଆଜି ପୋଲିସ କମିଶନରେଟ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ଆରମ୍ଭ ହୋଇଛି । ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ପୁରୀ ଜିଲ୍ଲା ସଭାପତି ଆଶ୍ରୀତ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।ଯୌନ ବ୍ୟଭିଚାର ସହିତ ବ୍ୟାପକ ମାତ୍ରାରେ ଅନୈତିକ ଆର୍ଥିକ କାରବାର ମଧ ସାମ୍ନାକୁ ଆସୁଛି। ଅର୍ଚ୍ଚନାର ନିୟନ୍ତ୍ରଣରେ ରାଜ୍ୟ ସରକାର ଥିଲା ଏବଂ ଏହି କାରଣରୁ ସଚିବାଳୟ ଓ ବିଧାନସଭାରେ ତାର ଅବାଧ ପ୍ରବେଶ ଥିଲା। ଅର୍ଚ୍ଚନା ସ୍କାଣ୍ଡାଲର ବହୁ ତଥ୍ୟ ଓ ପ୍ରମାଣ ଜବତ୍ କରାଯାଇଛି ବୋଲି ପୋଲିସ କହିସାରିଛି। ସେହିପରି ମନ୍ତ୍ରୀ ସମୀର ଦାଶଙ୍କ ଘନିଷ୍ଠ ସହଯୋଗୀ ଧର୍ମେନ୍ଦ୍ର ସାହୁର ମୃତ୍ୟୁର କାରଣ ନିଜେ ମନ୍ତ୍ରୀ ଶ୍ରୀ ଦାଶ ବୋଲି ମୃତ୍ୟୁ ପୂର୍ବରୁ ସ୍ୱର୍ଗତଃ ସାହୁ ଅଡିଓ ଜାରି କରି କହିଥିଲେ । ଏହା ସତ୍ତ୍ୱେ ପୋଲିସ ନୀରବ ରହିବା ଆଦୌ ଗ୍ରହଣୀୟ ନୁହେଁ । ଆସନ୍ତା ୪୮ ଘଂଟା ମଧ୍ୟରେ ଅର୍ଚ୍ଚନା ସ୍କାଣ୍ଡାଲରେ ସଂପୃକ୍ତ ଦୋଷୀଙ୍କ ତାଲିକା ଏବଂ ଅଭିଯୁକ୍ତ ମନ୍ତ୍ରୀ ଶ୍ରୀ ଦାଶଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଜେରା କରାନଗଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହେଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଅକର୍ମେ ବାସୁଦେବ ପ୍ରୀତି...





**ଭୌ**ତିକ ଶରୀରମାନଙ୍କ ଅଭିବୃଦ୍ଧି ନିମିତ୍ତ ଯେଉଁ କାର୍ଯ୍ୟ କରାଯାଏ, ତାହାକୁ ହିଁ ସକାମ କର୍ମ କୁହାଯାଏ । କର୍ମକୁ ତିନି ଭାଗରେ ବିଭକ୍ତ କରାଯାଇଛି; ଯଥା–କର୍ମ, ଅକର୍ମ ଓ ବିକର୍ମ । ପୁନର୍ବାର କର୍ମକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି; ଯଥା–ନିୟତ କର୍ମ ଓ ବିହିତ କର୍ମ । ନିୟତ କର୍ମର ଅର୍ଥ ଯେଉଁ କର୍ମ ନିୟମିତ ଭାବରେ ଓ ସ୍ୱାଭାବିକ ରୂପରେ ଜଣେ ମଣିଷ ପ୍ରତ୍ୟେହ କରିଥାଏ । ଏପରିକି ସାଧୁ ସନ୍ୟାସୀମନେ ମଧ ଏଥିରୁ ବାଦ ପଡ଼ନ୍ତି ନାହିଁ । ବିହିତକର୍ମ ଅର୍ଥ ଶାସ୍ତ୍ରାନୁମୋଦିତ କର୍ମ । ଆମର ବେଦ ଉପନିଷଦ ଯେଉଁ କର୍ମ ପାଇଁ ଯଥା–ଦାନ, ଯଜ୍ଞାନୁଷ୍ଠାନ ତପସ୍ୟ ସ୍ୱାଧ୍ୟାୟ ବ୍ରତ ଆଦି କର୍ମ କରିବାକୁ ଉପଦେଶ ଦେଇଛନ୍ତି ସେଗୁଡ଼ିକୁ ବିହିତ କର୍ମ କୁହାଯାଏ । ଯଜ୍ଞକୁ ମଧ ତିନିଭାଗରେ ବିଭକ୍ତ କରାଯାଇଛି; ଯଥା–ସାତ୍ତ୍ୱିକ, ରାଜସିକ ଓ ତାମସିକ ଯଜ୍ଞ । ସାତ୍ତ୍ୱିକ ଯଜ୍ଞରେ ବ୍ୟକ୍ତି କୌଣସି ଫଳ ଆଶା ରଖି ନଥାଏ । ଏହା ବିଶ୍ୱ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ବ୍ୟକ୍ତି ତା'ର ପ୍ରତିଷ୍ଠା ପାଇଁ ରାଜସିକ ଯଜ୍ଞ କରିଥାଏ ଓ ତାମସିକ ଯଜ୍ଞ ଅନ୍ୟର କ୍ଷତି ସାଧନ ପାଇଁ କରାଯାଇଥାଏ । ସାଧାରଣତଃ ଅସୁରମାନେ ତାମସିକ ଯଜ୍ଞ କରିଥାଆନ୍ତି । ଏହି କର୍ମରେ ବ୍ୟକ୍ତି ନିଜର ଅଭିଷ୍ଟ ଫଳ ପ୍ରାପ୍ତିର ଆଶା ରଖିଥାଏ । ଯେଉଁ କର୍ମରେ ବ୍ୟକ୍ତି ଫଳ ପ୍ରାପ୍ତିର ଆଶା ରଖି ନଥାଏ ଓ ବିଶ୍ୱ କଲ୍ୟାଣ ବା ବିଷ୍ଣୁ ପ୍ରୀତ୍ୟାର୍ଥେ କରିଥାଏ ସେହି କର୍ମକୁ ଅକର୍ମ ବୋଲି ଅଭିହିତ କରାଯାଏ । ଏଥିରେ ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ କିଛି ନକରି ସମସ୍ତ କର୍ମ ଜଗତର ହିତ ପାଇଁ କରିଥାଏ । ବିକର୍ମର ଅର୍ଥ ଯେଉଁ କର୍ମ ନିଷିଦ୍ଧ କର୍ମ ବା ଯେଉଁ ଗୁଡିକ ଆଇନତଃ ଅପରାଧ ଯଥା–ମିଛ କହିବା, ଚୋରି, ରାହଜାନି, ହତ୍ୟା, ଧର୍ଷଣ ଇତ୍ୟାଦି । ଭଗବାନ ଗୀତାରେ କହିଛନ୍ତି– ***"ଚାତୁର୍ବର୍ଣ୍ଣ୍ୟଂ ମୟଂ ସୃଷ୍ଟଂ ଗୁଣକର୍ମବିଭାଗଶଃ । ତସ୍ୟ କର୍ତାରମପି ମାଂ ବିଦ୍ଧ୍ୟକର୍ତାରମବ୍ୟୟମ୍ ।।"***

ଅର୍ଥାତ୍ ଗୁଣ କର୍ମ ଅନୁଯାୟୀ ମୁଁ ସମଗ୍ର ମାନବ ସମାଜକୁ ଚାରି ଭାଗରେ ବିଭକ୍ତ କରିଛି । ଯଥା–ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର । ଭଗବାନ ଗୀତାରେ ସ୍ୱଧର୍ମ ପାଳନ ପାଇଁ ଉପଦେଶ ଦେଇଛନ୍ତି । ମଣିଷକୁ ହତ୍ୟା କରିବା ପାପ ହେଲେ ମଧ ଯୁଦ୍ଧକ୍ଷେତ୍ରରେ ଜଣେ କ୍ଷତ୍ରୀୟ ଯୁଦ୍ଧ କରିବ । ତା'ର କୁଳଧର୍ମ ବା କର୍ମ । ଯଦି ସେ ଯୁଦ୍ଧକ୍ଷେତ୍ରରେ ତାର ଶତ୍ରୁଙ୍କୁ ହତ୍ୟା କରେ, ସେ ପାପରେ ଭାଗୀ ହେବନାହିଁ । ଯଦି ଯୁଦ୍ଧକ୍ଷେତ୍ରରୁ ପଳାୟନ କରେ ସେ ନିନ୍ଦିତ ହେବ ଓ ଜଣେ ଭୀରୁ କାପୁରୁଷର ଆଖ୍ୟା ପାଇବ । ସୀମାରେ ଜଣେ ସୈନିକ ଯଦି ଜଣେ ଆତଙ୍କବାଦୀକୁ ହତ୍ୟା କରେ, ତା'ହେଲେ ସେ ତା'ର କର୍ମକୁ ଠିକ ଭାବରେ କରିପାରିଛି ବୋଲି ପ୍ରଶଂସିତ ହୁଏ । ଯଦି ସେ ଦୟା ଦେଖାଇ ଆତଙ୍କବାଦୀକୁ ଛାଡ଼ିଦିଏ ଓ ସେ ଆସି ଅନେକ ଲୋକଙ୍କୁ ହତ୍ୟା କରେ ସମ୍ପୃକ୍ତ ସୈନିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଏ । କାରଣ ସେ ତା'ର କର୍ତ୍ତବ୍ୟ ଠିକ ଭାବରେ କରିପାରିନଥିବାରୁ। ଯଦି ଜଣେ କ୍ଷତ୍ରୀୟ, ବ୍ରାହ୍ମଣର କର୍ମକୁ ଅପଣାଏ ତା'ହେଲେ ସେ ତା'ର କୌଳିକ ଧର୍ମରୁ ବିଚ୍ୟୁତ ହୁଏ। ସେଥିପାଇଁ ଭଗବାନ ଗୀତାରେ କହିଛନ୍ତି–

***"ଶ୍ରେୟାନ୍ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ସ୍ୱନୁଷ୍ଠିତାତ୍ । ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।।"***

ସଂସାରରେ ଥିବା ସମସ୍ତ ମଣିଷ ସାଧୁ ସନ୍ଥ କର୍ମରେ ବନ୍ଧା। ବିନା କର୍ମରେ କେହି ରହିପାରିବେ ନାହିଁ। ଭଗବାନ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ କହିଛନ୍ତି ମୋର କିଛି କର୍ମ କରିବାର ଆବଶ୍ୟକତା ନାହିଁ, ହେଲେ ମୁଁ କିନ୍ତୁ ଜଣେ ସାଧାରଣ ମଣିଷ ଭଳି କାର୍ଯ୍ୟ କରେ। ମୁଁ ଯଦି ନକରେ ତା'ହେଲେ ମୋତେ ଅନୁକରଣ କରି ଅନ୍ୟମାନେ କାର୍ଯ୍ୟ କରିବେ ନାହିଁ। ଫଳରେ ସମାଜ ଧ୍ୱଂସ ହୋଇଯିବ। କଥାରେ ଅଛି– ଅକର୍ମେ ବାସୁଦେବ ପ୍ରୀତି କର୍ମ କଲେ କ୍ଷୟ ଯାଆନ୍ତି। ଯେତେବେଳେ ଜଣେ ବ୍ୟକ୍ତି ତାର ସମସ୍ତ କର୍ମକୁ ବିଷ୍ଣୁ ପ୍ରୀତ୍ୟାର୍ଥେ ସମର୍ପଣ କରିଦିଏ ଓ ମନରେ କିଛି ପାଇବାର ଆଶା ରଖେନାହିଁ ସେତେବେଳେ ସେ ଭଗବାନଙ୍କୁ ପାଇବାକୁ ସକ୍ଷମ ହୁଏ । ଯଦି ସକାମ କର୍ମ ଅର୍ଥାତ ନିଜର ସ୍ୱାର୍ଥ ସାଧନ ପାଇଁ ଭଗବାନଙ୍କୁ ଆରାଧନା କରେ ସେ ପରମାତ୍ମାଙ୍କ ସହିତ ଯୋଗ ହୋଇପାରେନାହିଁ । ହୁଏତ ସେ ତା'ର ଅଭୀଷ୍ଟ ପୂରଣ କରିପାରେ । ଜୀବର ଅନ୍ତିମ ଲକ୍ଷ୍ୟ ହେଉଛି ପରମାତ୍ମାଙ୍କ ସହିତ ମିଶିଯିବା । ନଦୀ ବା ଝରଣାର ଧର୍ମ ନିମ୍ନଗାମୀ ହୋଇ ସମୁଦ୍ରରେ ମିଶିଯିବା । ସମୁଦ୍ରରେ ମିଶିଗଲା ପରେ ନଦୀ/ଝରଣା ତା'ର ନିଜସ୍ୱ ସତ୍ତା ଲଗାଇ ଦିଏ । ମିଠା ପାଣି ଲୁଣି ପାଣିରେ ରୂପାନ୍ତରିତ ହୋଇଥାଏ। ଠିକ୍ ସେହିଭଳି ଜୀବ ଯେପର୍ଯ୍ୟନ୍ତ ସେ ପରମାତ୍ମାଙ୍କ ସହିତ ଯୋଗ ନହୋଇଛି ସେ ବାରମ୍ବାର ପୃଥିବୀରେ ଜନ୍ମ ନେଉଥିବ, ତା'ର ମୋକ୍ଷ ପ୍ରାପ୍ତି ହେବନାହିଁ । ସାଧୁ ସନ୍ୟାସୀମନେ ଶହ ଶହ ବର୍ଷ ଯୋଗ ତପସ୍ୟା କରି ଭଗବାନଙ୍କ ସହିତ ଏକାକାର ହେବା ପାଇଁ ଚେଷ୍ଟା କରୁଛନ୍ତି । ସେମାନଙ୍କ ଗୋଟିଏ ଅଭିଳାଷ ଈଶ୍ୱର ପ୍ରାପ୍ତି। ଗୀତାରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି– ହେ ଅର୍ଜୁନ ! ମଣିଷ ଏ ଜନ୍ମରେ କରୁଥିବା ପୁଣ୍ୟ କର୍ମ ହେଉ ବା ପାପ କର୍ମ ହେଉ ଏହି ଜନ୍ମରେ ଭୋଗ କରିଥାଏ। ଏହାକୁ କ୍ରିୟମାଣ କର୍ମ କୁହାଯାଏ। ଭୋଗ ନ ହୋଇପାରିଲେ ଯାହା ରହିଯାଏ ତାକୁ ସଞ୍ଚିତ କର୍ମ କହନ୍ତି। ଯଦି କିଛି ରହିଯାଏ ସେ ତାକୁ ତା'ର ପରଜନ୍ମରେ ଭୋଗ କରିଥାଏ, ଯାହାକୁ ପ୍ରାରବ୍ଧ ବୋଲି କୁହାଯାଏ। ମଣିଷ ଯେ ପର୍ଯ୍ୟନ୍ତ ଏହି ସଂସାରର ମୋହମାୟା ଭିତରେ ବୁଡି ରହିଥାଏ ସେ ପର୍ଯ୍ୟନ୍ତ ସେ ବାସୁଦେବଙ୍କ ପ୍ରୀତିରୁ ବଞ୍ଚିତ ରହେ। ଯେଉଁଦିନ ଏହି ମାୟାବନ୍ଧନରୁ ଦୂରେଇ ଯାଇ ପରମ ପିତାଙ୍କ ସହିତ ଯୋଗ ହେବା ପାଇଁ ନିଜକୁ ସମର୍ପିତ କରିଦିଏ ସେତେବେଳେ ଭଗବାନ ବାସୁଦେବ ତାକୁ କୋଳେଇ ନିଅନ୍ତି ଓ ସେ ତାଙ୍କ ସହିତ ଏକାକାର ହୋଇଯାଏ। କହିବାକୁ ଗଲେ ତା'ର ଜୀବନର ସାର୍ଥକତା ହୁଏ ଓ ସେ ବାସୁଦେବଙ୍କ ପ୍ରୀତି ଲାଭ କରେ।

**-ପ୍ରଦୀପ୍ତ କୁମାର ଜେନା**
*ଅବସରପ୍ରାପ୍ତ ପୋଲିସ୍ ଅଫିସର, କଲ୍ୟାଣୀନଗର, କଟକ, ମୋ: ୮୨୪୯୨୮୧୫୬୭*

# ରାଷ୍ଟ୍ରୀୟ ମହାପର୍ବ : ଦୀପାବଳି

........ବିପିନବିହାରୀ ମହାନ୍ତି........



**ଏ**ମିତି ଦେଖିଲେ ପ୍ରତିଦିନ ଭାରତ ବର୍ଷରେ କୋଉଠି ନା' କୋଉଠି ଗୋଟାଏ ଓଷା, ବ୍ରତ କି ପର୍ବପର୍ବାଣୀ ଲାଗି ରହିଛି। ଏଗୁଡ଼ିକୁ ଆମେ ଉତ୍ସବ, ଅନୁଷ୍ଠାନ ବା ପର୍ବହିସାବରେ ନାମିତ କରିଛୁ। ଗୁରୁତ୍ୱ ଦୃଷ୍ଟିରୁ ହୋଲିପରି ଉତ୍ସବକୁ 'ମହୋତ୍ସବ; ଦଶହରା ପରି ଅନୁଷ୍ଠାନକୁ 'ମହାନୁଷ୍ଠାନ' ଏବଂ ଦୀପାବଳି ପରି ପର୍ବକୁ 'ମହାପର୍ବ'ଭାବରେ ଆଖ୍ୟାୟିତ କରିଅଛୁ। ଜଣେ ପାଶ୍ଚାତ୍ୟ ଦାର୍ଶନୀକ ଗ୍ରେଗରୀ ବେଟ୍ସନ୍ କୁହନ୍ତି : ଭାରତର ସଂସ୍କୃତି ଇତିହାସ ପୃଷ୍ଠାରେ ଲେଖାନାହିଁ, ବରଂ ଦୀପାବଳୀ ପ୍ରଦୀପର ଜ୍ୟୋତିରେ ଲେଖା ହୋଇଅଛି। ବୋଧହୁଏ ଏହି ବାକ୍ୟଟି ଦୀପାବଳିକୁ ଏକ ମହାପର୍ବ କହିବାର ଯଥାର୍ଥତା ପ୍ରତିପାଦନ କରେ।

ସଂପ୍ରତି ଦୀପାବଳି, ବାଣ, ରୋଷଣୀ ଓ ଦୀପର ପର୍ବ ହେଲେହେଁ ଚିରାଚରିତ ଏବଂ ଶାସ୍ତ୍ରସମ୍ମତ ବିଚାରକୁ ଧରିଲେ ଏହା ମୁଖ୍ୟତଃ ଆଲୋକର ପର୍ବ। ଏହି ଦୀପ ପର୍ବ ବା ଦୀପୋତ୍ସବର ଇତିହାସ ଅତି ପୁରାତନ। ଏହି ଦୀପ ବୈଦିକ ଯୁଗରେ 'ଅଗ୍ନି' ରୂପରେ ପ୍ରତ୍ୟେକ ଘରେ ପୂଜା ପାଉଥିଲେ। ପରେ ଲିଙ୍ଗ ସଂଯୁକ୍ତ ହୋଇ ଏହି ଦୀପ ପୂଜା ପାଇଲେ: ଦୀପୋଜ୍ୟୋର୍ତିଃ ଜନାର୍ଦ୍ଦନଃ। ଏହି ଦୀପ ଅନ୍ଧକାରରୁ ଆଲୋକର ପ୍ରତୀକ ଅଟେ; ନିରାଶାରୁ ଆଶାର ଦ୍ୟୋତକ ଅଟେ : ପ୍ରବର୍ଦ୍ଧନୋ ଦୀପଇବ ପ୍ରଦୀପତ୍।'

ପରବର୍ତ୍ତୀ ସମୟରେ ଏ ଦୀପାବଳୀକୁ ବିଭିନ୍ନ କାହାଣୀ ସହିତ ସଂଯୋଜିତ କରାଯାଇଛି। ପୁନଶ୍ଚ ଏହି ଦୀପାବଳି ଉତ୍ସବ ଆଶ୍ୱୀନ କୃଷ୍ଣପକ୍ଷ ତ୍ରୟୋଦଶୀ ଠାରୁ ଶୁକ୍ଳପକ୍ଷ ଦ୍ୱିତୀୟ ଦିନ ପର୍ଯ୍ୟନ୍ତ ପାଳିତ ହୁଏ। ପ୍ରାଧାନ୍ୟ ଦୃଷ୍ଟିରୁ ତ୍ରୟୋଦଶୀ ଦିନ ଧନନ୍ତ୍ୱରୀ ଜୟନ୍ତି, ଯାହାର ଅନ୍ୟନାମ ଧନତେରସ୍ ପାଳିତ ହୁଏ। ଏହି ଦିନ ସମୁଦ୍ର ମନ୍ଥନରୁ ଧନନ୍ତ୍ୱରୀ ଆୟୁର୍ବେଦ ଓ ଅମୃତ ସହ ଜନ୍ମ ନେଇଥିଲେ ଏବଂ ତାଙ୍କୁ ଦୀପ ଜାଳି ଆମେ ସ୍ୱାଗତ କରିଥିଲୁ। ତା'ପର ଦିନକୁ ନରକ ଚତୁର୍ଦ୍ଦଶୀ କୁହାଯାଏ। ଏହାର ତାତ୍ପର୍ଯ୍ୟ ଏହି ଯେ, ଏହିଦିନ ନର୍କ ଦେବତା ଯମକୁ ଦୀପଜାଳି ପୂଜା କରାଯାଏ। ଅନ୍ୟ ଏକ କାହାଣୀମତେ ଭଗବାନ ଶ୍ରୀକୃଷ୍ଣ ଏହିଦିନ ନରକାସୁର ଯିଏକି ବହୁରାଜା, ଦେବତା, ଦେବୀ, ନାରୀ ଏବଂ ଦାସୀମାନଙ୍କୁ ବନ୍ଦି କରି ପୀଡ଼ା ଦେଉଥିଲା, ତାକୁ ମାରି ସେ ସେମାନଙ୍କୁ ଉଦ୍ଧାର କରିଥିବାରୁ ଆଲୋକର ରୋଷଣୀରେ ଆମେ ଖୁସିରେ ଉନ୍ମାଦ ହୋଇ ଯାଇଥିଲୁ। ଏହିଦିନ ମା' କାଳୀ ରାକ୍ଷସ, ଚଣ୍ଡ, ମଣ୍ଡ ବିଶେଷ କରି ରକ୍ତବୀର୍ଯ୍ୟ ଯିଏ କି ମହୀଷାସୁରର ସେନାପତି ଥିଲା ଏବଂ ମହୀଷାସୁର ବଧ ପରେ ଉତ୍କ୍ଷିପ୍ତ ହୋଇ ନାନା କଷ୍ଟ ଦେଉଥିଲା ଏବଂ ଯାହାର ରକ୍ତରୁ ଅସଂଖ୍ୟ ଅସୁର ସୃଷ୍ଟି ହେଉଥିଲେ, ତାକୁ ସେ ମଧ ବଧ କରିଥିଲେ। ସେଦିନ ଥିଲା ଏହି ଦୀପୋତ୍ସବର ଦିନ। ଏହି ପାଞ୍ଚଦିନର ଗୁରୁତ୍ୱପୂର୍ଣ୍ଣ ଦିନଟି ହେଲା କାର୍ତ୍ତିକ ଅମାବାସ୍ୟା ଦିନ। ଏହି ଦିବସରେ ଆମେ ଲକ୍ଷ୍ମୀ ଓ ଗଣେଶଙ୍କୁ ଆହ୍ୱାନ କରିଥିଲୁ। ଜଣେ ସମୃଦ୍ଧି (ବିତ୍ତ) ଆଉ ଜଣେ ସତ୍ଜ୍ଞାନ ଓ ସତ୍ବୁଦ୍ଧି ପ୍ରଦାୟକ; ଯୁଗ୍ମ ଭାବରେ ଜଣେ ପୂଜକ / ଭକ୍ତର ଶ୍ରୀବର୍ଦ୍ଧକ ଏମାନେ। କାରଣ ଜ୍ଞାନ ଓ ବୁଦ୍ଧି ବଳରେ ଧନଲାଭ ହୁଏ। ଅପରନ୍ତୁ ଧନ ସୁଖ ବା ଶାନ୍ତିର ମାର୍ଗ ବୋଲି ବୁଝାଯାଏ। ଏଇଥିପାଇଁ ଏହା ସର୍ବସାଧାରଣଠାରୁ ଆରମ୍ଭ କରି ଜ୍ଞାନୀ, ଗୁଣୀ ଏବଂ ବ୍ୟବସାୟୀ ବର୍ଗ ସମସ୍ତେ ଏ ଉତ୍ସବକୁ ପ୍ରାଧାନ୍ୟ ଦେଇଥାନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କାହାଣୀଟି ହେଉଛି ଏହିଦିନ ରାମଚନ୍ଦ୍ର ଚଉଦବର୍ଷ ବନବାସ କରି ଦୁଷ୍ଟ ରାବଣକୁ ନିଧନ ପୂର୍ବକ ସୀତାଙ୍କୁ ଧରି ଅଯୋଧ୍ୟା ଫେରି ଅଭିଷିକ୍ତ ହୋଇଥିଲେ। ଏନେଇ ତାଙ୍କୁ ଦୀପାବଳିରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଉଥିବାରୁ, ସେବେଠୁ ଆମେ ଏହାକୁ ଏକ ବିଜୟର ପ୍ରତୀକ ରୂପେ ପାଳନ କରୁଛୁ। ଇତିହାସ କୁହେ ଏହିଦିନ ମହାବୀର ଜୈନଙ୍କର ମହାନିର୍ବାଣ ଘଟିଥିଲା। ଏହିଦିନ ଗୁରୁ ଗୋବିନ୍ଦଙ୍କୁ ଅମୃତସରଠାରେ ଦୀପଜାଳି ଜାହାଙ୍ଗୀରଙ୍କଠାରୁ ମୁକ୍ତି ପରେ ସ୍ୱାଗତ କରାଯାଇଥିଲା। କେତେକଙ୍କ ମତରେ ଉତ୍ତର ଭାରତରେ ଏହି ଦିନ ହନୁମାନ ଜୟନ୍ତି ପାଳନ କରାଯାଏ ଯଦିଓ ହନୁମାନ ଚୈତ୍ରପୂର୍ଣ୍ଣିମାରେ ଜନ୍ମ ହୋଇଥିଲେ। ଏହିଦିନ ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଏ ଏବଂ କାଉଁରିଆ କାଠିରେ ଦୀପ ବା ଅଗ୍ନି ସଂଯୋଗକରି ବଡ଼ବଡ଼ିଆ ଡକାଯାଏ: ବଡ଼ ବଡ଼ିଆ ହେ, ଅନ୍ଧାରେ ଆସି ଆଲୋକେ ଯାଅ, ସ୍ୱର୍ଗେ ଯାଅ, ସ୍ୱର୍ଗେ ଥାଅ, ଅମୃତ ଭୋଜନ କରୁଥାଅ। ଏଣୁ ବଡ଼ବଡ଼ିଆଙ୍କ ମୋକ୍ଷାର୍ଥେ ଏହା ଏକ ପର୍ବ। ଏହାପରେ କାର୍ତ୍ତିକ ଶୁକ୍ଳ ପ୍ରତିପଦା। ଏହା ବଳୀ ପ୍ରତିପଦା ନାମରେ ନାମିତ। କାରଣ ଏହିଦିନ ବାମନ ଅବତାରେ ଭଗବାନ ବଳୀକୁ ପାତାଳକୁ ଚାପି ପୀଡ଼ିତମାନଙ୍କୁ ଉଦ୍ଧାର କରିଥିଲେ। ଏହିଦିନ ଗୋବର୍ଦ୍ଧନ ପୂଜା (ପ୍ରକୃତିପୂଜା), ଏବଂ ଚନ୍ଦ୍ର ସମ୍ବତ୍ସର ଆରମ୍ଭ ହେତୁ ପୂଜା ତଥା ଅନ୍ନକୂଟ ପୂଜା ହୁଏ। ଏମାନେ ମଧ ସେହି ଦୀପାବଳି ସହିତ ସମ୍ବନ୍ଧିତ। କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱିତୀୟା ଦିନକୁ ଭ୍ରାତୃ ଦ୍ୱିତୀୟା ବା ଯମ ଦ୍ୱିତୀୟା କୁହାଯାଏ। ଯମୁନା ଯମଙ୍କ ଭଗ୍ନୀ। ଏହିଦିନ ଯମ ଭଉଣୀଙ୍କ ଘରକୁ ଆସିଥିଲେ ଏବଂ ତାଙ୍କ ଆବାହନୀ ନିମନ୍ତେ ଦୀପାବଳିର ଆୟୋଜନ କରିଥିଲେ ଭଉଣୀ। ଏହା ଭାଇ ଓ ଭଉଣୀ ମଧ୍ୟରେ ଥିବା ଅନାବିଳ ପ୍ରେମର ସଂକେତ ବହନ କରେ। ଭଗ୍ନି ପ୍ରେମ ସଂପର୍କର ପ୍ରତୀକ ସ୍ୱରୂପ ସେଦିନ ସେ ଆଶୀର୍ବାଦ ଦେଇ କହିଥିଲେ ଯେ ଏହି ଦିନ ଯଦି କେହି ମରନ୍ତି ତାକୁ ଯମ ଦଣ୍ଡ ଲାଗିବ ନାହିଁ। ଏହି ମହାପର୍ବ ଦିବସରେ ବୁଦ୍ଧଘୋଷଙ୍କ ରାଜଗୃହକୁ ସଜ୍ଜା ଯାଇଥିଲା ଏବଂ ଧମ୍ମପଦ ଅଟ୍ଠକଥା ଅନୁସାରେ ଏହି ଶୁଭ ପର୍ବରେ ସାରା ରାତିଧରି କୌମୁଦୀ ମହୋତ୍ସବର ଆୟୋଜନ କରାଯାଇଥିଲା।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ କେବଳ ଭାରତର ହିନ୍ଦୁମାନଙ୍କର ପର୍ବ ହିସାବରେ ପାଞ୍ଚଦିନ ଧରି ଏହି ଦୀପୋତ୍ସବ ପାଳନ କରାଯାଏ ନାହିଁ, ଏହା ମଧ ଜୈନ, ବୌଦ୍ଧ, ହିନ୍ଦୁ, ଶିଖ୍ ଇତ୍ୟାଦିଙ୍କର ପର୍ବ ଅଟେ। ଦୀପାବଳି ଭାରତର ସୀମାରେଖା ଡେଇଁ ଶ୍ରୀଲଙ୍କା, ମିଆଁମାର୍, ଇଣ୍ଡୋନେସିଆ, ବଙ୍ଗଳାଦେଶ, ପାକିସ୍ତାନ ଏବଂ ନେପାଳ ଇତ୍ୟାଦିରେ ପାଳିତ ହୁଏ। କାରଣ ଏଠାରେ ଦୂର ଅତୀତରୁ ଭାରତୀୟମାନଙ୍କ ପ୍ରଭାବ ରହିଅଛି। ଏହା ମଧ ଭାରତର ସବୁ ଧର୍ମ ଏବଂ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଏକ ଭାଇଚରିଆ ସଂପର୍କ ରକ୍ଷାକରିଅଛି। ଏଣୁ ଏହାକୁ ଜାତୀୟ ପର୍ବର ମାନ୍ୟତା ଦିଆଯିବା ଉଚିତ୍। ସବୁକିଛି ଓଷା, ବ୍ରତ ଓ ପର୍ବ ପଛରେ କିଛି ଲୁକ୍କାୟିତ ଉଦ୍ଦେଶ୍ୟ ଥାଏ। ଦୀପାବଳି ସେଥିରୁ ବାଦ୍ ନୁହେଁ। ଦୀପାବଳି ପାଇଁ ବର୍ଣ୍ଣିତ କାହାଣୀଗୁଡ଼ିକୁ ବିଚାର କଲେ ଆମେ ଯେଉଁ, ରାମ, ରାବଣ, ମହୀଷାସୁର, ରକ୍ତବୀର୍ଯ୍ୟ, ନରକାସୁର ଓ ବଳି ଇତ୍ୟାଦି କଥା କହିଛୁ, ସେମାନେ ଜଣେ ଜଣେ ବ୍ୟକ୍ତି ବିଶେଷ ହେଲେ ହେଁ, ଆତ୍ମମାନଙ୍କର ମନୋବିକାର ଅନ୍ତର୍ଗତ। ଏମାନେ ସବୁ କାମ, କ୍ରୋଧ, ଲୋଭ, ମୋହ ଏବଂ ଅହଂକାରୀ ସ୍ୱଭାବର ପ୍ରତୀକ ଯାହାକି ଧ୍ୱଂସକାରୀ ଶକ୍ତି ଅଟନ୍ତି। ରାମ, ଦୁର୍ଗା, ମହାକାଳୀ, କୃଷ୍ଣ ଏବଂ ବାମନ ଅବତାରେ ଶ୍ରୀହରି ହେଲେ ଏଗୁଡ଼ିକର ମାରକ ଏବଂ ସଂସାରର ତାରକ ଶକ୍ତି। ଗୋଟିଏ ପଟେ ଅନ୍ଧକାର, ଅପବିତ୍ରତା, ଅଜ୍ଞାନତା, ପାପର କ୍ଲିଷ୍ଟତା ବେଳେ ଅନ୍ୟପଟେ ପ୍ରକାଶ, ପବିତ୍ରତା, ଜ୍ଞାନ, ଆନନ୍ଦ, ଉଲ୍ଲାସ, ସୁଖ ଏବଂ ସମୃଦ୍ଧିର ସଂକେତ। ଏଣୁ ଦୀପାବଳୀ ହେଉଛି ଅନ୍ଧକାର ଉପରେ ଆଲୋକର ବିଜୟ, ଅସତ୍ୟ ଉପରେ ସତ୍ୟର ବିଜୟ; ଦୁଃଖ ଉପରେ ସୁଖର ବିଜୟ; ଅପବିତ୍ରତା ଉପରେ ପବିତ୍ରତାର ବିଜୟ; ଅଧର୍ମ ଉପରେ ଧର୍ମର ବିଜୟ ଏବଂ ଅଶୁଭ ଉପରେ ଶୁଭର ବିଜୟ ହିଁ ଏ ଦୀପାବଳି।






ଦୀପାବଳି ଆମର ଜ୍ଞାନଗାମିନୀ ସଂସ୍କୃତିକ ଅମାନତ। ସେଇଥିପାଇଁ ଗଣେଶଙ୍କୁ ଆହ୍ୱାନ। ସେ ସତ୍ଜ୍ଞାନ ଓ ସତ୍ବୁଦ୍ଧିର ପ୍ରତୀକ। ଦୀପାବଳି ଆମ ସମୃଦ୍ଧିର ପ୍ରତୀକ; ସେଇଥିପାଇଁ ଲକ୍ଷ୍ମୀଙ୍କୁ ଆହ୍ୱାନ; ଦୀପାବଳି ଆମ ସ୍ୱାସ୍ଥ୍ୟ ଓ ପରିବେଶର ପ୍ରତୀକ, ସେଥିପାଇଁ ଧନନ୍ତ୍ୱରୀ ଓ ଗୋବର୍ଦ୍ଧନ ଇତ୍ୟାଦିଙ୍କ ପୂଜା; ଏହି ଦିନ ବାଣ ଓ ରୋଷଣୀର ପ୍ରଭାବରେ ବିନାଶ ହୁଅନ୍ତି ଅନିଷ୍ଟକାରୀ କେତେ କୀଟପତଙ୍ଗ; ଘର ଅଗଂନ ନିର୍ମଳ ଓ ସଫାସୁତରା ରଖୁଥିବା ହେତୁ ଏହା ପରିବେଶ ପରିମଳ ବ୍ୟବସ୍ଥା ପ୍ରତି ଏକ ଅନୁକୂଳ ବ୍ୟବସ୍ଥା; ଦୀପାବଳି ଆମ ଆତ୍ମାଲୋକର ନ୍ୟାସ ଯାହା ବିକାରରୂପୀ ରାବଣ ବା ରକ୍ତବୀର୍ଯ୍ୟଙ୍କୁ ବିନାଶକରି ସୀତା ବା ନାରୀ ରୂପୀ ଆତ୍ମାମାନଙ୍କୁ ମୁକ୍ତିଦେଇ ଆଲୋକିତ କରେ; ଏହା ଆର୍ଯ୍ୟ ସଂସ୍କୃତିର ଏମିତି ଏକ ପର୍ବ ଯାହା ଗୋଟିଏ ଦୀପରୁ ଅନ୍ୟ ଦୀପକୁ ଖାଲି ଆଲୋକିତ କରେ ନାହିଁ, ପ୍ରଜ୍ଜ୍ୱଳିତ କରେ। ଏକରୁ ଅନେକ ଦୀପପୁଞ୍ଜର ଆଲୋକରେ ଏ ପୃଥିବୀ ଉଦ୍ଭାସିତ ହୁଏ ଏବଂ ପୁରାତନ ଯାହାକିଛି ଅପାଂକ୍ତେୟ, ତାକୁ ଜାଳିପୋଡ଼ି ନୂତନ ସୃଜନ ପାଇଁ ପଥ ପରିଷ୍କାର କରେ। ଏମିତି ଏକ ଦୀପାବଳି ଭାରତୀୟ ମାନଙ୍କର ହୃଦୟରେ ବିପ୍ଳବ ସୃଷ୍ଟି କରିଥିଲା। ଆମେ ସ୍ୱାଧୀନତା ସଂଗ୍ରାମରେ ମଶାଲ ଧରି ସଂଗ୍ରାମ କଲୁ ଓ ସ୍ୱାଧୀନ ହେଲୁ। ଅଥଚ ଆଜି ଆମେ ସ୍ୱାଧୀନ କି? ଏବେ ଦେଶରେ ସର୍ବତ୍ର ପରିବ୍ୟାପ୍ତ ଅନ୍ଧକାର। ଭାରତ ଆଜି ଅତ୍ୟାଚାର, ଅନାଚାର, ବ୍ୟଭିଚାର, ଭ୍ରଷ୍ଟାଚାର ଏବଂ ସ୍ୱାର୍ଥପର ଗୋଷ୍ଠୀଙ୍କ ଦ୍ୱାରା କଳୁଷିତ। ଶାଳୀନତା ଦ୍ୱାରା ପ୍ରାପ୍ତ ଲକ୍ଷ୍ମୀହିଁ ଦେବଭୂମି ଭାରତ, ଦେବ ସଂସ୍କୃତିର ଅଭୀଷ୍ଟ; ଅତ୍ୟାଚାର ଦ୍ୱାରା ଗଠିତ ସୁବର୍ଣ୍ଣ ଲଙ୍କା ନୁହେଁ। ଏଣୁ ଭିନ୍ନ ଏକ ସ୍ୱାଧୀନତା ପାଇଁ ଦୀପପୁଞ୍ଜ ଜଳିଉଠୁ।

ଦୀପାବଳି ମାନବୀୟ କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ଆଧ୍ୟାତ୍ମିକ ପୃଷ୍ଠଭୂମି ଉପରେ ଆଧାରିତ ଆମର ମହାନ ପର୍ବ ଏ ଦୀପାବଳି; ଏହା ସ୍ନେହ, ସହାନୁଭୂତି, ସଦ୍ଭାବନା, ସଂସ୍କୃତି ଓ ସମନ୍ୱୟର ସେତୁ। ଏହାର ବିସ୍ମୃତିରେ ଏହାକୁ ବିକୃତ ପରମ୍ପରାରେ ପରିଣତ କରାନଯାଉ ଏବଂ ଏ ସମାଜ ସହିତ ପରିବେଶକୁ ପ୍ରଦୂଷିତ ନକରୁ। ବିଧି ପାଳନ ଅର୍ଥରେ ନୁହେଁ, ବୁଝିବା ଅର୍ଥରେ ବୁଝି ଏ ଦୀପାବଳି ପ୍ରଥମେ ଆମ ନିଜକୁ ଆଲୋକିତ କରୁ ଏବଂ ସେହିଠାରୁ ଆଲୋକ ଦୂର ଦିଗ୍ବଳୟ ଯାଏଁ ପ୍ରସାରିତ ହେଉ। ଏହାହିଁ ବିଚାର୍ଯ୍ୟ।



*-ଅଧକ୍ଷ, ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା। ମୋ: ୯୯୩୮୩୪୧୩୮*

## ଅଧିବକ୍ତା ବିଚିତ୍ରାନନ୍ଦ ବଡଜେନାଙ୍କ ବିୟୋଗରେ ବରିଷ୍ଠ ନାଗରିକ ମଂଚ ଆନୁକୂଲ୍ୟରେ ସ୍ମୃତିଚାରଣ ସଭା




ଖୋର୍ଦ୍ଧା (ପିଏନ୍): କିଛି ସ୍ମୃତିକୁ ସାଉଁଟୁ ସାଉଁଟୁ ଦିନ ସରିଯାଏ, କଳ୍ପନାକୁ ଗୁନ୍ଥୁ ଗୁନ୍ଥୁ ରାତି ପାହିଯାଏ। ସ୍ୱର୍ଗତଃ ଅଧିବକ୍ତା ବିଚିତ୍ରାନନ୍ଦ ବଡଜେନାଙ୍କ ସେହିପରି କିଛି ସ୍ମୃତିକୁ ସାଉଁଟି ଖୋର୍ଦ୍ଧାର ବରିଷ୍ଠ ନାଗରିକ ମଂଚ ତାଙ୍କ ଅବର୍ତ୍ତମାନରେ ଏକ ସ୍ମୃତିଚାରଣ ସଭା ମଂଚର ସଭାପତି ଶିକ୍ଷାବିତ୍ ସତ୍ୟବାଦୀ ବଳିୟାର ସିଂହଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମଂଚର ସମ୍ପାଦକ ରାମଶଙ୍କର, ଉପଦେଷ୍ଟା ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ, ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଦେବପ୍ରସାଦ ମଜୁମଦାର, ଉପସଭାପତି ବୈକୁଣ୍ଠ ନାଥ ମହାପାତ୍ର, ଶିକ୍ଷାବିତ୍ ଡକ୍ଟର ପ୍ରଫୁଲ ସାମନ୍ତରାୟ, ବୈକୁଣ୍ଠନାଥ ରାଜଗୁରୁ, ଆଇନଜୀବୀ ବସନ୍ତ ଦାସ, ସଭ୍ୟ ଉମାଶଙ୍କର ପ୍ରସାଦ, ଉତ୍କଳ ସାମ୍ବାଦିକ ସଙ୍ଘର ସଭାପତି ପ୍ରଭାତ ମିଶ୍ର, କବି ଗୋବିନ୍ଦଚନ୍ଦ୍ର ମହାରଣା, ଆମରି ସତ୍ୟର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦ ଚନ୍ଦ୍ର ଦାସ, ସାହିତ୍ୟିକ ତଥା ସମାଜସେବୀ ଲକ୍ଷ୍ମୀଧର ବଡଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ବଡଜେନାଙ୍କ ଜୀବନ ସାରଣୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ତାଙ୍କର କୀର୍ତ୍ତିକୁ କେବେ କାଳ ଗ୍ରାସ କରିପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ସଭ୍ୟମାନେ ତାଙ୍କର ଆତ୍ମାର ସଦ୍ଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

## ବାଲେଶ୍ୱରରେ ଇଏସଆଇ ହସ୍ପିଟାଲ ପ୍ରତିଷ୍ଠା

ବାଲେଶ୍ୱର (ପିଏନ୍)- ମାନ୍ୟବର କେନ୍ଦ୍ର ଶ୍ରମ-ନିଯୁକ୍ତି ଏବଂ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଭୁବିନ୍ଦର ଯାଦବଜୀଙ୍କୁ ସାକ୍ଷାତ କରି ତିନୋଟି ପତ୍ର ମାଧ୍ୟମରେ ତିନୋଟି ସମସ୍ୟା ଉପସ୍ଥାପନ କରାଯାଇଛି। ପୁରାତନ ଦାବି-ବାଲେଶ୍ୱରରେ ଇଏସଆଇସି ଡାକ୍ତରଖାନା ନିର୍ମାଣ କରି କଳକାରଖାନାର ଶ୍ରମିକମାନଙ୍କ ସୁବିଧା ପାଇଁ ଅନୁରୋଧ କରାଯାଇଛି। ଜାନୁଆରୀ ୨୦୨୩ ସୁଦ୍ଧା ଏହାର ଶୁଭାରମ୍ଭ ହେବ ବୋଲି ମାନ୍ୟବର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ବାଲେଶ୍ୱରର ବନ, ଅରଣ୍ୟ, ପାହାଡ଼, ପର୍ବତ, ନଦୀ ଓ ସମୁଦ୍ର ପରିବ୍ୟାପ୍ତ ବ୍ୟାପକ ଜୈବବିବିଧତାର ସଂରକ୍ଷଣ ଓ ସମ୍ବର୍ଦ୍ଧନା ପାଇଁ ଏକ ଅନୁସନ୍ଧାନକାରୀ ସଂସ୍ଥା ଗଠନ କରି ଏଦିଗରେ ପଦକ୍ଷେପ ନେବା ପାଇଁ ସାଂସଦଙ୍କ ପ୍ରସ୍ତାବକୁ ମାନ୍ୟବର ମନ୍ତ୍ରୀ ସ୍ୱୀକୃତି ପ୍ରଦାନ କରିଛନ୍ତି। ବାଲେଶ୍ୱରର ଗରିବ ଶ୍ରମିକ ଯେଉଁମାନେ କି ଅତି ଆସ୍ୱାସ୍ଥ୍ୟକର ଓ ଅମାନବୀୟ ପରିସ୍ଥିତିରେ ବାହାର ପ୍ରଦେଶରେ କାମ କରୁଚନ୍ତି, ସେମାନଙ୍କର ଏକ ପୂର୍ଣ୍ଣ ତଥ୍ୟ ସମ୍ବଳିତ ଡିଜିଟାଲ ସୂଚୀ ପ୍ରସ୍ତୁତ କରିବା ସହିତ ସେମାନଙ୍କ ପିଲାମାନଙ୍କ ପାଇଁ ଏକ ଛାତ୍ରାବାସ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି। ଏହି ମର୍ମରେ ତିନୋଟି ପତ୍ର ପ୍ରଦାନ କରାଯାଇଛି। ମାନ୍ୟବର ମନ୍ତ୍ରୀଙ୍କର ସକାରାତ୍ମକ ପ୍ରତିକ୍ରିୟା ସାଂସଦଙ୍କୁ ଉତ୍ସାହିତ କରିଛି। ଏଥିପାଇଁ ସେ ମାନ୍ୟବର ମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ମହାଖଳା ଆଶ୍ରମ ବିଦ୍ୟାଳୟରେ ପୋଷାକ ବଂଟନ ଉତ୍ସବ ପାଳନ



ଦର୍ପଣ (ପି.ଏନ.)-ବଡଚଣା ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁର ପଂଚାୟତର ମହାଖଳା ଆଶ୍ରମ ବିଦ୍ୟାଳୟରେ ଆଜି ୨୨୭ ଜଣ ଛାତ୍ରଛାତ୍ରିଙ୍କୁ ୨ ହଳ ପୋଷାକ ଓ ଜୋତା ବଂଟନ କରାଯାଇଅଛି। ସେଠାରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ସାହୁ ଅଧକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁଷଣ୍ଡପୁର ସରପଂଚ ଯଯାତି କେଶରୀ ରାଉତ, ସମ୍ମାନିତ ଅତିଥି ଭାବେ ସିହା ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକ ସ୍ୱପ୍ନେଶ୍ୱର ଜେନା, ସମିତିସଭ୍ୟ ଜଗନ୍ନାଥ ମୁଦୁଳି ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ବିନୋଦିନି ସାହୁ, ଅନ୍ୟତମ ଅତିଥି ଭାବେ ଓାର୍ଡସଭ୍ୟା ଶ୍ରୀମତୀ ସୁମିତ୍ରା ସେଠୀ, ବିନତୀ ରଣା, ସଂଯୁକ୍ତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରରମ୍ଭରେ ପ୍ରଧାନ ଶିକ୍ଷକ ଶ୍ରୀ ଶାହୁ ପ୍ରାରମ୍ଭୀକ ସୂଚନା ଦେଇଥିଲେ। ବିଦ୍ୟାଳୟର ଛାତ୍ରୀମାନେ ଅତିଥି ମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀଣ ପଟ୍ଟନାୟକ ଅଭିନବ ଉପାୟରେ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ୨ ହଳ ପୋହାକ, ଜୋତା ଓ ମଧାହ୍ନ ଭୋଜନ ଦିଆଯିବାକୁ ନିଷ୍ପତି ନେଇଛନ୍ତି। ଛାତ୍ରଛାତ୍ରୀ ମାନେ ପରିଷ୍କାର ଓ ପରିଛନ୍ନତା ହୋଇପାରିଲେ ସେମାନେ ନୀରୋଗୀ ହୋଇପାରିବେ। ଏହାଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ସୁରକ୍ଷା ସହିତ ଶିକ୍ଷାର ବିକାଶ ମଧ ଘଟିବ। ଆଜିର ଅଧ୍ୟନରତ ଛାତ୍ରଛାତ୍ରୀ ମାନେ ଆସନ୍ତା କାଲି ଭଲ ମଣିଷ ହୋଇ ସୁନାମ ଅର୍ଜଣ କରିପାରିବେ ବୋଲି ଅତିଥି ମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିଦ୍ୟାଳୟରେ ଥିବା ଛାତ୍ରୀ ନିବାସର ଛାତ୍ରୀଙ୍କ ଦାବୀକୁ ନେଇ ହଷ୍ଟେଲରେ ଦୁଇଦିନ ମଧ୍ୟରେ ଇନଭଟର ବସାଯାଇ ପାଠପଢିବାର ସୁବିଧା ଦିଆଯିବ ଓ ବିଦ୍ୟାଳୟର ଆବଶ୍ୟକ ଦୃଷ୍ଟିରୁ ୧୦ଟି ଚେୟାର ତୁରନ୍ତ ଦିଆଯିବ ବୋଲି ମୁଖ୍ୟ ଅତିଥି ସରପଂଚ ଶ୍ରୀ ରାଉତ ଘୋଷଣା କରିଥିଲେ। ଶେଷରେ ଓାର୍ଡସଭ୍ୟା ଶ୍ରୀମତୀ ଶେଠୀ ସମସ୍ତଙ୍କୁଧନ୍ୟବାଦ ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୨୩

# ଭାରତୀୟ ଆଧ୍ୟାତ୍ମିକ ଇତିହାସ ଓ ସ୍ୱାମୀ ବିବେକାନନ୍ଦ



ଭାରତୀୟ ଆଧ୍ୟାତ୍ମିକ ଇତିହାସରେ ସ୍ୱାମୀ ବିବେକାନନ୍ଦ ଓ ପରମ ସାଧକ ରାମକୃଷ୍ଣ ପରମହଂସଙ୍କ ସାକ୍ଷାତ ଏକ ଯୁଗାନ୍ତକାରୀ ଓ ଅମୃତ ମୁହୂର୍ତ୍ତ। ଏହି ସାକ୍ଷାତକାର ପରଠାରୁ ଭାରତର ଆଧ୍ୟାତ୍ମିକ ଆକାଶରେ ନୂତନ ସୂର୍ଯ୍ୟ ରୂପେ ବିବେକାନନ୍ଦଙ୍କର ଉଦୟ ହେଲା। ୧୮୮୧ରେ ଏହି ସ୍ମରଣୀୟ ଘଟଣା ଘଟିଥିଲା। ବିବେକାନନ୍ଦ ସେତେବେଳେ ନରେନ୍ଦ୍ର ଦତ୍ତ ନାମରେ ପରିଚିତ ସାଧାରଣ ଶିକ୍ଷିତ ଯୁବକ ଭାବେ ପରିଚିତ ଥିଲେ। ମାତା ଭୁବନେଶ୍ୱରୀ ଓ ପିତା ବିଶ୍ୱନାଥ ଦତ୍ତଙ୍କ ଔରସରୁ ତା.୧୨.୦୧.୧୮୬୩ ରିଖରେ ସେ ଜନ୍ମଗ୍ରହଣ କରିଥିଲେ। ଗର୍ଭରେ ଥିବାବେଳେ ତାଙ୍କ ମାତା ସ୍ୱପ୍ନ ଦେଖିଥିଲେ ଯେ, ସ୍ୱୟଂ ମହାଦେବ କହୁଛନ୍ତି, ସେ ଏକ ଅଶେଷ ଗୁଣବାନ୍ ପୁତ୍ରର ଜନ୍ମ ଦେବାକୁ ଯାଉଛନ୍ତି! ସେଥିପାଇଁ ସେ ତାଙ୍କର ବାଲ୍ୟ ନାମ ରଖିଥିଲେ ବିଶ୍ୱେଶ୍ୱର। ପିତା ଜଣେ ପ୍ରତିଷ୍ଠିତ ଆଇନଜୀବୀ ଥିଲେ। ଅଜା ଦ୍ୱାରିକାନାଥ ସଂସାର ତ୍ୟାଗ କରିଥିଲେ। ଊନିଶିଦିନୁ ପାଠ ସହ ସେ ଆଧ୍ୟାତ୍ମିକ ଦିଗ ପ୍ରତି ଆକୃଷ୍ଟ ଥିଲେ। କଲିକତାର ପ୍ରେସିଡେନ୍ସି କଲେଜ ଓ ସ୍କଟିସ୍ ଚର୍ଚ୍ଚ କଲେଜରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ନିଜର ଜ୍ଞାନତୃଷ୍ଣା ନିବାରଣ ପାଇଁ ସେ ବ୍ରାହ୍ମ ସମାଜରେ ମିଶିଲେ। ମାତ୍ର ସେଥିରୁ ସେ ତୃପ୍ତି ପାଇଲେ ନାହିଁ। ଶେଷରେ ତାଙ୍କର ଜଣେ ଅଧ୍ୟାପକଙ୍କ ପରାମର୍ଶରେ ସେ ରାମକୃଷ୍ଣ ପରମହଂସଙ୍କୁ ସାକ୍ଷାତ କଲେ। ତାଙ୍କର ପ୍ରଥମ ସାକ୍ଷାତ ରାମକୃଷ୍ଣଙ୍କର ଜଣେ ଭକ୍ତଙ୍କ ଘରେ ହୋଇଥିଲା। ନରେନ୍ଦ୍ରଙ୍କୁ ଦେଖି



ରାମକୃଷ୍ଣ ତାଙ୍କୁ ଅନେକ ସମୟ ଯାଏ ନିରୀକ୍ଷଣ କଲେ। ତାଙ୍କ ପାଟିରୁ ସ୍ୱତଃ ବାହାରି ପଡ଼ିଲା, "ନରେନ୍ଦ୍ର, ମୁଁ ତୁମକୁ କେବେଠୁ ଅପେକ୍ଷା କରିଛି ! ତୁମେ ଆସିବାର ବହୁ ଡ଼େରି କରିଦେଲ...." ନିଜର ଧ୍ୟାନବଳରେ ସେ ଜାଣିଲେ ଯେ, "ନରେନ୍ଦ୍ର ପୂର୍ବଜନ୍ମରେ ଜଣେ ମହର୍ଷି ଥିଲେ। ରାମକୃଷ୍ଣଙ୍କ ବାଣୀର ପ୍ରଚାର ପ୍ରସାର ତଥା ଅଦ୍ୱିତବାଦର ପ୍ରସାର ପାଇଁ ସେ ଜନ୍ମ ହୋଇଛନ୍ତି।" ଏହାପରେ ଏକ ଅଜଣା ଆକର୍ଷଣରେ ନରେନ୍ଦ୍ର ବାରମ୍ବାର ରାମକୃଷ୍ଣଙ୍କ ପାଖକୁ ଟାଣି ହୋଇ ଆସିଲେ। ବିଭିନ୍ନ ଧର୍ମ ସମ୍ମିଳନୀରେ ସେ ମଧୁର କଣ୍ଠରେ ଭଜନ ଗାଇଲେ। ତଥାପି ତାଙ୍କ ମନରେ ସଂଶୟ ଲାଗି ରହିଥାଏ। ଏହି ଅଧା ପାଗଳ ଅଶିକ୍ଷିତ ମଣିଷ କ'ଣ ତାଙ୍କୁ ଜ୍ଞାନର ବାଟ ଦେଖାଇ ପାରିବ?...ହଠାତ୍ ଦିନେ ସେ ରାମକୃଷ୍ଣଙ୍କୁ ପଚାରିଲେ, "ଆପଣ ଈଶ୍ୱରଙ୍କୁ ଦେଖିଛନ୍ତି କି?" ତତକ୍ଷଣାତ୍ ରାମକୃଷ୍ଣ ଉତ୍ତର ଦେଲେ, "ହଁ, ମୁଁ ଦେଖିଛି! ତୁମକୁ ମୁଁ ଯେଉଁଭଳି ଦେଖୁଛି, ଈଶ୍ୱରଙ୍କୁ ବି ସେହିଭଳି ଦେଖିଛି ଓ ଉପଲବ୍ଧି କରିଛି!" ଏହା କହି ସେ ନିଜର ପାଦକୁ ନରେନ୍ଦ୍ରଙ୍କ ଦେହରେ ଛୁଆଁଇ ଦେଲେ। ନରେନ୍ଦ୍ରଙ୍କୁ ଲାଗିଲା, ସେ ଯେମିତି ନିଜର ଅସ୍ତିତ୍ୱ ହରାଇଛନ୍ତି। ତାଙ୍କର ଆତ୍ମା ଯେପରି ତୀବ୍ର ବେଗରେ ମହାକାଶରେ ଧାଇଁବାକୁ ଲାଗିଛି। ଏକ ବିରାଟ ଜ୍ୟୋତିମଣ୍ଡଳ ସବୁଆଡ଼େ ଘେରି ରହିଛି। କାଟଠାରୁ ବ୍ରହ୍ମ ଯାଏ ସଜୀବ ନିର୍ଜୀବ ସବୁଆଡ଼େ ସେହି ଜ୍ୟୋତି ପୂରି ରହିଛି। ତାଙ୍କର ଶରୀର ଯେପରି କମ୍ପି ଉଠିଲା। ସେ ଚିତ୍କାର କରି ଉଠିଲେ, "ଆପଣ ଏ କ'ଣ କରୁଛନ୍ତି?" ରାମକୃଷ୍ଣ ତାଙ୍କର ସ୍ପର୍ଶ ପ୍ରତ୍ୟାହାର କରିନେଲେ। ନରେନ୍ଦ୍ର ଭାବିବାକୁ ଲାଗିଲେ, ଏହା କ'ଣ ଏକ ସମ୍ମୋହନ ବିଦ୍ୟା? ହେଲେ ଜଣେ ଅଧା ପାଗଳ ଅଧା ପାଠୁଆ ମଣିଷ ତାଙ୍କ ଭଳି ଜଣେ ଉଚ୍ଚଶିକ୍ଷିତ ଓ ଦୃଢ଼ମନା ଯୁବକଙ୍କୁ ସମ୍ମୋହନ କରିବା କ'ଣ ସମ୍ଭବ? ଏହାପରେ ରାମକୃଷ୍ଣ ଧୀରେଧୀରେ ନରେନ୍ଦ୍ରଙ୍କୁ ନିର୍ବିକଳ୍ପ ସମାଜର ସୂତ୍ର ସବୁ ଶିକ୍ଷା ଦେଲେ। ନରେନ୍ଦ୍ର ମଧ୍ୟ ଘଣ୍ଟାଘଣ୍ଟା ଧରି ସମାଧିସ୍ଥ ହେବାକୁ ଲାଗିଲେ। ଇତିମଧ୍ୟରେ ନରେନ୍ଦ୍ରଙ୍କର ପିତୃବିୟୋଗ ଘଟିଲା। ଆତ୍ମୀୟମାନେ ଘରବାଡ଼ି ନେଇଗଲେ। ପରିବାରର ପ୍ରତିପୋଷଣ ପାଇଁ ସେ ବ୍ୟସ୍ତ ହୋଇପଡ଼ିଲେ। ଅନେକ ସମୟ ଉପବାସରେ କଟିଲା। ଦାରିଦ୍ର୍ୟ ଜର୍ଜରିତ ହୋଇ ସେ ଦିନେ ରାମକୃଷ୍ଣଙ୍କୁ କହିଲେ, "ଆପଣ ମା' କାଳୀଙ୍କୁ କହି ମୋ ପାଇଁ ଅନ୍ନବସ୍ତ୍ରର ବ୍ୟବସ୍ଥା କରି ଦିଅନ୍ତୁ!" ରାମକୃଷ୍ଣ ସେତେବେଳେ ରାଣୀ ରାଶମଣିଙ୍କ ଦ୍ୱାରା ସ୍ଥାପିତ ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ପୂଜାରୀଙ୍କ କରୁଥାନ୍ତି। ଭାବବିହ୍ୱଳ ଚିତ୍ତରେ ସେ କାଳୀଙ୍କୁ ନିଜର ମା' ବୋଲି ଡାକିଥାନ୍ତି। କଥାବାର୍ତ୍ତା ମଧ୍ୟ ହୋଇଥାନ୍ତି। ସେ ନରେନ୍ଦ୍ରଙ୍କୁ କହିଲେ, "ତୁମ ଜୀବନ ଲକ୍ଷଲକ୍ଷ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଏହି ଛୋଟ ଜିନିଷ ତୁମ ପାଇଁ ମୁଁ ମା'ଙ୍କୁ ମାଗିପାରିବି ନାହିଁ! ତୁମେ ନିଜେ ମା'ଙ୍କୁ ମାଗ।" ନରେନ୍ଦ୍ର କାଳୀଙ୍କ ପାଖକୁ ଗଲେ। ଏକଲୟରେ କାଳୀ ମୂର୍ତ୍ତିକୁ ଚାହିଁ ରହିଲେ। ତାଙ୍କ ଆଗରେ ମା' କାଳୀ ଯେପରି ଜୀବନ୍ତ ରୂପେ ଠିଆ ହୋଇଗଲେ। ନିଜର ଅଜାଣତରେ ସେ ମା'ଙ୍କୁ ମାଗିଲେ, "ମତେ ଭକ୍ତି, ମୁକ୍ତି ଓ ଜ୍ଞାନ ଦିଅ!" ଅନ୍ନବସ୍ତ୍ର ମାଗିବା କଥା ସେ ଭୁଲିଗଲେ। ଅରଥର କରି ତିନିଥର ଏଭଳି ଘଟିଲା। ଶେଷରେ ରାମକୃଷ୍ଣ ହସିଦେଇ କହିଲେ, "ତୁମର ଜୀବନ ଧନ ଅର୍ଜନ କରିବାକୁ ନୁହେଁ।" ମାତ୍ର ମା' କାଳୀଙ୍କ କୃପାରୁ ଏଥର ତାଙ୍କ ପାଇଁ ଅନ୍ନବସ୍ତ୍ରର ଅଭାବ ରହିଲା ନାହିଁ। ଏହାପରେ ନରେନ୍ଦ୍ର ନିଜକୁ ଗୁରୁଙ୍କ ସେବାରେ ନିୟୋଜିତ କରିଦେଲେ। ସେ ସଂସାର ତ୍ୟାଗ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ଗୁରୁ ଆଦେଶ ଦେଲେ, "ମୋ ମୃତ୍ୟୁ ପର୍ଯ୍ୟନ୍ତ ତୁମେ ସଂସାରରେ ଥାଅ ! ମୋ ଅନ୍ତେ ତୁମେ ସନ୍ନ୍ୟାସ ପଥ ଅନୁସରଣ କରିବ !" ୧୮୮୫ରେ ରାମକୃଷ୍ଣଙ୍କ ଗଳାରେ କର୍କଟ ରୋଗର ଲକ୍ଷଣ ଦେଖାଦେଲା। ନିଜ ସାଥୀଙ୍କ ସହିତ ନରେନ୍ଦ୍ର ଦିନରାତି ଗୁରୁଙ୍କ ସେବାରେ ଲାଗି ରହିଲେ। ଶେଷରେ ଦିନେ ରାମକୃଷ୍ଣ ନରେନ୍ଦ୍ରଙ୍କୁ ପାଖକୁ ଡ଼ାକିଲେ ଓ ତାଙ୍କର ସ୍ପର୍ଶ କଲେ। ନରେନ୍ଦ୍ର ଅନୁଭବ କଲେ, ଯେପରି ତାଙ୍କ ଦେହରେ ବିଦ୍ୟୁତ୍ ଶକ୍ତି ପ୍ରବାହିତ ହୋଇଗଲା। ଏହାପରେ ରାମକୃଷ୍ଣ କାନ୍ଦିକାନ୍ଦି କହିଲେ, "ନରେନ୍ଦ୍ର, ଆଜି ମୁଁ ତୁମକୁ ସବୁ କ୍ଷମତା ଦେଇ ଦେଉଛି ! ମୁଁ ବର୍ତ୍ତମାନ୍ ଜଣେ ନିଃସ୍ୱ-ଫକିର !..." ପୁଣି ସମସ୍ତଙ୍କୁ ଲକ୍ଷ୍ୟ କରି ସେ କହିଲେ, "ନରେନ୍ଦ୍ର ଉଇଲ୍ ଟିଚ୍।" ଏହାପରେ ସେ ସମାଧିସ୍ଥ ହେଲେ ଓ ତାଙ୍କର ଆତ୍ମା ବ୍ରହ୍ମରେ ଲୀନ ହୋଇଗଲା। ଗୁରୁଙ୍କର ଆଶୀଷକୁ ଶିରରେ ବହନ କରି ନରେନ୍ଦ୍ର ଆଧ୍ୟାତ୍ମିକ ଜଗତରେ ଯେଉଁ ବିପ୍ଳବ ସୃଷ୍ଟି କଲେ, ତାହା ତାଙ୍କୁ ବିଶ୍ୱବିଜୟୀ ବିବେକାନନ୍ଦରେ ପରିଣତ କଲା।



**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ୍, ନବରଙ୍ଗପୁର, ମୋ-୯୪୩୭୨୩୫୩୮୬

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଅନ୍ଧକାର ଉପରେ ଆଲୋକର ବିଜୟ ପର୍ବ-ଦୀପାବଳି

## ଉମାଶଙ୍କର ପ୍ରସାଦ

ବର୍ତ୍ତମାନ ସମାଜରୁ ପ୍ରଜ୍ଞାର ଆଲୋକ ଧିରେ ଧିରେ ନିର୍ବାପିତ ହେବାକୁ ବସିଲାଣି। ତେଣୁ ସମସ୍ତେ ବସ୍ତୁବାଦୀ ହୋଇ ବସ୍ତୁର ଆଲୋକରେ ସଜାଇବା ଆରମ୍ଭ କଲେଣି। ଉପରୋକ୍ତ ମହାବୀରଙ୍କ ବାଣୀ ଆଜି ସମାଜରେ ଘଟୁଅଛି। ଆମର



ବିଶାଳ ଦେଶ ଭାରତ ଯାତ୍ରା ଓ ଉତ୍ସବର ଦେଶରୂପେ ପୃଥିବୀରେ ପରିଚିତ। ଯଦିଓ ଭାରତରେ ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହୁଏ, ତଥାପି ଦୀପାବଳିର ମହତ୍ୱ ସର୍ବୋଚ୍ଚ ଓ ମହନୀୟ। ଜାତୀୟ ପର୍ବ ଦୀପାବଳିର ପାଳନ ମୂଳରେ ଅନେକ ପୌରାଣିକ କାହାଣୀ ଓ ପ୍ରସଙ୍ଗ ଥିଲେ ସୁଦ୍ଧା ରାମଚନ୍ଦ୍ରଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମ୍ବନ୍ଧୀୟ ସୁଖଦ ସ୍ମୃତି ଓ ରାମାଭିଷେକ ପର୍ବ ଜଡିତ। ବିଜୟାଦଶମୀ ରାମଙ୍କର ଅସତ୍ୟ ଉପରେ ସତ୍ୟର ବିଜୟ ଉତ୍ସବଭାବେ ପାଳନ କରାଯାଇଥିବାବେଳେ ତାହାର ପୂର୍ଣ୍ଣତା ପ୍ରତିଭାତ ହୁଏ କାର୍ତ୍ତିକ ଅମାବାସ୍ୟାରେ ରାମଚନ୍ଦ୍ରଙ୍କ ଅଭିଷେକୋତ୍ସବରେ। ରାବଣରୂପୀ ଅନ୍ଧକାରକୁ ନାଶକରି ଅଯୋଧ୍ୟାକୁ ଫେରିଥିବା ଆଲୋକରୂପୀ ସତ୍ୟନିଷ୍ଠ ରାମଚନ୍ଦ୍ରଙ୍କୁ ରାଜପଦରେ ଅଭିଷିକ୍ତ କରି ଅଯୋଧ୍ୟାବାସୀ ଏହି ଉତ୍ସବକୁ ଆନନ୍ଦମୁଖର କରିବାପାଇଁ ଦୀପାଲୋକର ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ପାଳନ କରିଥିଲେ। ପୁରାଣବର୍ଣ୍ଣିତ ଭୀତତ୍ରସ୍ତ, ଶରଣାପନ୍ନ ଦେବଗଣଙ୍କ ନିମିତ ଭଗବାନ ଶ୍ରୀକୃଷ୍ଣ ମହାପ୍ରତାପୀ ନରକାସୁରକୁ ବିନାଶ କରି ପୃଥ୍ୱୀଭାର ଉଶ୍ୱାସ କରିଥିଲେ। ନରକଦ୍ୱାରା ବନ୍ଦିନୀ ଷୋଳସହସ୍ର ସୁନ୍ଦରୀ କନ୍ୟାଙ୍କୁ ମୁକ୍ତି ଦେଇ ସେମାନଙ୍କୁ ସସମ୍ମାନେ ଦ୍ୱାରକାକୁ ପଠାଇଥିଲେ। ଫଳରେ ସମସ୍ତଙ୍କ ହୃଦୟ ଆନନ୍ଦମୁଖରିତ ହେବା ସହ ଏହା "ନରକୋତ୍ସବ" ନାମରେ ନାମିତ ହେଲା। ଲୋକେ ଖଡଗଦାରେ କାଉଁରିଆ କାଠିରେ ଅଗ୍ନି ସଂଯୋଗ କରିବା ସହ ଆଲୋକରେ ତାକୁ ଓ ତାର ପୁତ୍ର ଭଗଦତ୍ତର ସିଂହାସନ ଆରୋହଣକୁ ଆନନ୍ଦରେ ଅଭିନନ୍ଦନ ଜଣାନ୍ତି। କରାଳ ବଦନା କାଳୀମାତାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୁଏ। ଆସୁରିକ ଶକ୍ତିର ବିନାଶ ସହ ସମଗ୍ର ପୃଥିବୀରେ ଶାନ୍ତି ସ୍ଥାପନ ପାଇଁ ମହାକାଳୀଙ୍କର ଆବିର୍ଭାବ ଅତ୍ୟନ୍ତ ପ୍ରତୀକାତ୍ମକ, ଅଭିନନ୍ଦନୀୟ ଏବଂ ଆଜିର ବିଶ୍ୱ ପରିସ୍ଥିତି ପାଇଁ ପ୍ରାସଙ୍ଗିକ। ଉତ୍କଳରେ ଏହି ଦୀପାବଳି ଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ ଶ୍ରାଦ୍ଧ କରାଯାଏ। ପିତୃଲୋକର ସନ୍ତୋଷ ତଥା ନିଜର ଶାରୀରିକ ଓ ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ଦୀପଦାନ କରଣୀୟ। ପିତୃପୁରୁଷଙ୍କ ସ୍ମୃତିଚାରଣ ଓ ପୂଜାର୍ଚ୍ଚନା ନିମନ୍ତେ କାର୍ତ୍ତିକ ଅମାବାସ୍ୟା ତିଥି ଶ୍ରେଷ୍ଠ ବୋଲି ବହୁ ପ୍ରାଚୀନ କାଳରୁ ବିଶ୍ୱାସ ରହିଅଛି। କାର୍ତ୍ତିକ ମାସ ସାରା ପ୍ରତି ଘରେ ଘରେ ଆକାଶଦୀପ ଜଳି ଉଠିବା ସହ ପିତୃପୁରୁଷଙ୍କ ସ୍ମୃତି ଓ ସମ୍ମାନକୁ ହୃଦୟରେ ଅନିର୍ବାପିତ ରଖି ସାଂସାରିକ ଅନ୍ଧକାରକୁ ସାମ୍ନା କରିବାପାଇଁ ଆମମାନଙ୍କର ପିଲାବେଳର କୌତୂହଳୀ ମନପାଇଁ ଆକାଶଦୀପ ଥିଲା ଏକ ରହସ୍ୟମୟ ମହାଜାଗତିକ ପ୍ରଦୀପନ। ମୋଗଲ ସମ୍ରାଟ ଆକବର ହିନ୍ଦୁ ସଂସ୍କୃତିର ଏହି ମହାନ ପର୍ବକୁ ସମ୍ମାନ ଦେବାସହ ତାଙ୍କର ଦୌଲତଖାନା ସମ୍ମୁଖରେ ଚାଳିଶ ଫୁଟ ଲମ୍ବ ବିଶିଷ୍ଟ ଗୋଟିଏ ବାଉଁଶ ପୋତାଯାଇ ସେଥିରେ ଷୋହଳଟି ଦଉଡି ଯୁକ୍ତହୋଇ ବାଉଁଶର ଅଗ୍ରଭାଗରେ ଗୋଟିଏ ମାଟିପାତ୍ର ମଧ୍ୟରେ ପ୍ରଦୀପ ରାତିସାରା ଜଳୁଥାଏ। ଯାହା ଆକବରଙ୍କ ସର୍ବଧର୍ମ ପ୍ରୀତିର ସ୍ମାରକରୂପେ ବରୋଦା ମ୍ୟୁଜିୟମ୍‌ରେ ରଖାଯାଇଛି। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ଆଜିକାର ପୀଢ଼ି ଏ ଆକାଶଦୀପକୁ ଦେଖିବା ପ୍ରାୟ ସ୍ୱପ୍ନ ହୋଇଛି। ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଦୀପାବଳିର ମହତ୍ୱ ଓ ବୈଚିତ୍ର୍ୟ ପରିଦୃଷ୍ଟ ହୁଏ। ଭାରତବର୍ଷ ଭଳି ଧର୍ମନିରପେକ୍ଷ ଦେଶରେ ଏହି ଦୀପାବଳି ପର୍ବକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଳନ କରିଥାନ୍ତି। ଯାହାକୁ "ଆଇନ-ଇ-ଆକବରୀ"ରେ ମୋଗଲ ଯୁଗର ଖ୍ୟାତନାମା ଆବୁଲ ଫାଜଲ ଦୀପାବଳି ବା ଦିୱାଲି ପର୍ବର ଉଲ୍ଲେଖ କରିଛନ୍ତି। ମୁସଲମାନ ସଂପ୍ରଦାୟରେ ମଧ୍ୟ ପ୍ରଦୀପ ପ୍ରଜ୍ୱଳନ ଏକ ଅଭିନ୍ନ ଅଂଶ। ଏହିଦିନ ଉଜ୍ଜୟିନୀର ରାଜା ବିକ୍ରମାଦିତ୍ୟ ସିଂହାସନାରୋହଣ କରିଥିଲେ। ଗୁପ୍ତାବ୍ଦ ମଧ୍ୟ ଏହି ଦୀପାବଳିରୁ ପ୍ରବର୍ତ୍ତିତ। ପରିବ୍ରାଜକ ଆଲବେରୁଣୀ ଦୀପାବଳି ସଂପର୍କରେ ସୁନ୍ଦର ବିବରଣୀ ଦେଇଛନ୍ତି। ହର୍ଷବର୍ଦ୍ଧନଙ୍କ ନାଗାନନ୍ଦ ନାଟକରୁ ଦୀପାବଳିକୁ "ଦୀପପ୍ରତିପଦୁତ୍ସବ" ବୋଲି ଉଲ୍ଲେଖ କରାଯାଇଛି। ଜୈନ ବଣିକ ଗୋଷ୍ଠୀ ଧନଦାତ୍ରୀ ଲକ୍ଷ୍ମୀଙ୍କ ପୂଜା ଏହିଦିନ ଅନୁଷ୍ଠାନ କରନ୍ତି। ଏହି ଦୀପାବଳି ସହ ମହାବୀରଙ୍କ ମୋକ୍ଷଲାଭ ସ୍ମୃତି ବିଜଡିତ। ଏହିପରି ଐତିହାସିକ ଦୃଷ୍ଟିକୋଣକୁ ନେଇ ଦୀପାବଳି ଭାରତରେ ପାଳିତ ହୋଇ ଆସୁଛି।

ପ୍ରକୃତ ଅର୍ଥରେ ଏହି ଆଲୋକପର୍ବ ଦୀପାବଳି ଅନ୍ଧକାର ଉପରେ ବିଜୟ ପର୍ବ। ଆବାଳବୃଦ୍ଧବନିତା ସମସ୍ତେ ମାଟି ଦୀପରେ ତେଲ ସଳିତା ଦେଇ ଧନୀ, ଦରିଦ୍ର ନିର୍ବିଶେଷରେ ଘରେ ଘରେ ଜଳାଇଥାନ୍ତି ସାନ ସାନ ମଙ୍ଗଳପ୍ରଦୀପ। ଆଲୋକ ଶିଖା କ୍ଷୁଦ୍ର ହେଉ ବା ବିଶାଳ ହେଉ ସେଥିରେ ଅହଂଙ୍କାର ନ ଥାଏ। ନିଜେ ଜଳି ସାରା ସମାଜକୁ ଆଲୋକିତ କରିବାରେ ସେ ପାଇଥାଏ ଅସୀମ ଆନନ୍ଦ। ସବୁ କ୍ଷୁଦ୍ରାତିକ୍ଷୁଦ୍ର ଦୀପ ଶିଖାର ଆଲୋକ ଏକତ୍ରିତ ହୋଇ କାର୍ତ୍ତିକ ଅମାରାତ୍ରର ଘନ ଅନ୍ଧକାରକୁ ଆଲୋକିତ କରିଥାନ୍ତି। ଯାହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ଜଗତର ମଙ୍ଗଳ କାମନା କରିବା। ନେପାଳ ରାଜ୍ୟରେ ଏହି ପର୍ବ ପାଂଚଦିନ ଧରି ପାଳନ କରାଯାଇଥାଏ। ଏକବିଂଶ ଶତାବ୍ଦୀରେ ଏହି ଦୀପଦାନ ଉତ୍ସବରେ ରାତ୍ରର ଆଲୋକସଜ୍ଜା, ବାଣ ରୋଶଣୀର ଆଡମ୍ବରପୂର୍ଣ୍ଣ ପର୍ବରେ ପରିଣତ ହୋଇଛି। ଅହଂଙ୍କାର



ଓ ଦର୍ପର ଶବ୍ଦ ଏହି ପର୍ବକୁ ଦୀପଦାନ ପରିବର୍ତ୍ତେ ବାଣ ଫୁଟାଇ ପ୍ରତିଯୋଗିତାରେ ପରିଣତ କରିଛନ୍ତି। ଏହି କାନଫୁଟା ଶବ୍ଦ ହୃଦୟକନ୍ଦରରେ ଆତଙ୍କିତ ସୃଷ୍ଟି କରିବାସହ ମନେହୁଏ ସତେ ଯେପରି ଅନ୍ଧାର ରାତିରେ ଆତଙ୍କବାଦର କମାଣ ଗର୍ଜନ। ଏହି ପର୍ବ ଏବେ ଅର୍ଥ ଧ୍ୱଂସର ପର୍ବ, ଯେଉଁ ଧନକୁ ଆମେ ଲକ୍ଷ୍ମୀ ମାନିଥାଉ ତାକୁ ବିନିମୟ କରି ପୋଡିବାରେ ଆମେ ଆନନ୍ଦ ପାଇଥାଉ। ଏବଂ ଏ ପର୍ବକୁ ଆଲୋକର ପର୍ବରୁ ଦୂରେଇ ଦେଇ 'ଶବ୍ଦ ପ୍ରଦୂଷଣ' ଓ 'ବାୟୁ ପ୍ରଦୂଷଣ' ପର୍ବରେ ପରିଣତ କଲୁଣି। ଏ ଅଧମ ଲେଖକର ଲେଖା ଯେ ସମାଜରୁ ଏପରି ଅନୈତିକ ଭାବଧାରାକୁ ରୋକିପାରିବ ବା ବାଣ କାରଖାନା ଯେ ବନ୍ଦ ହୋଇଯିବ ଏହା ଭାବିବା ନିଜର ଧୃଷ୍ଟତା ମାତ୍ର, କିନ୍ତୁ ସମସ୍ତ ଜ୍ଞାନୀଗୁଣୀ ବିବେକୀ ଛାତ୍ରଛାତ୍ରୀ, ଗୁରୁଜନମାନଙ୍କୁ ଏତିକି ନିବେଦନ ଆମ ଭାରତୀୟ ମହାସଂସ୍କୃତିକୁ ସଠିକ୍‌ଭାବେ ପାଳନ କଲେ ସମାଜ ତଥା ଦେଶର କଲ୍ୟାଣ ସାଧିତ ହେବ। ଅମାବାସ୍ୟାର ଅମାଅନ୍ଧକାର ଭିତରେ ଆମମାନଙ୍କର ବସ୍ତୁର ଆଲୋକସଜା କ୍ଷଣିକ ମାତ୍ର ଆନନ୍ଦ ଦେଇଥାଏ, ମାତ୍ର ଆମ ପାଖରେ ଥିବା ପ୍ରଜ୍ଞାର ଆଲୋକ ନିର୍ବାପିତ ହୋଇଯାଇଥାଏ। ମନେପଡିଯାଏ ଜ୍ଞାନପୀଠ ବିଜୟିନୀ ବାଗ୍ମୀ ଲେଖିକା ପ୍ରତିଭା ରାୟଙ୍କର ଗୋଟିଏ ଆଲେଖ୍ୟ, ଯେଉଁଥିରେ ସେ ନିଜକୁ ଅସହାୟ ମନେକରି ଲେଖିଥିଲେ ଆମର ଦେଶକୁ ଆତଙ୍କବାଦୀଙ୍କ ଲୋଲୁପ ଦୃଷ୍ଟିରୁ ତଥା ଆମର ସୁରକ୍ଷାପାଇଁ ସୀମାନ୍ତରେ ସେନା ଜବାନମାନେ ବିନିଦ୍ର ରଜନୀ ବିତାଉଥିବା ଯୋଗୁ ଆମେ ଶାନ୍ତି ନିଦରେ ଶୋଇପାରୁଛୁ। ସେମାନଙ୍କ ପ୍ରତି, ଦେଶପ୍ରତି ଓ ବୀର ଶହୀଦଙ୍କ ପ୍ରତି ଆମର ସମ୍ମାନ ପ୍ରଦର୍ଶନ କରିବାର ଅବକାଶ ହେଉଛି ଆଜିର ଆଲୋକ ପର୍ବ। ଏହି ପର୍ବର ଦୀପଶିଖା ନିଜେ ଜଳି ସୁଦ୍ଧା ଅନ୍ୟକୁ ଆଲୋକିତ କରିଥାଏ ଯାହାକୁ ଆମର ବୀର ଯବାନମାନେ ପ୍ରକୃତ ଅର୍ଥରେ ପାଳନ କରିଥାନ୍ତି, "ଆମ ସମସ୍ତଙ୍କ ଭିତରେ ଦେଶପ୍ରେମ ଊଣାଅଧିକେ ଅଛି। ଆମେ ସମସ୍ତେ ଈଶ୍ୱରବିଶ୍ୱାସୀ।" ଗାନ୍ଧିଜୀଙ୍କ ଭାଷାରେ ଦେଶକୁ ଈଶ୍ୱରଙ୍କ ସ୍ଥାନରେ ରଖ, ଦେଖିବ ସମସ୍ତେ ଜଣେ ଜଣେ ଦେଶଭକ୍ତ ପାଲଟିଯିବେ।

ଆମର ଜାତୀୟ ପର୍ବ ଦୀପାବଳି ଭାରତୀୟ ସାଂସ୍କୃତିକ ଜୀବନର ବାର୍ତ୍ତାବହ। ଓଡିଶା ଭଳି ଏକ କୃଷିପ୍ରଧାନ, ଧର୍ମପ୍ରଧାନ ଓ ପର୍ବପର୍ବାଣୀପ୍ରଧାନ ରାଜ୍ୟରେ ଏହାର ଗୁରୁତ୍ୱ ଅବିସ୍ମରଣୀୟ। ଏ ଅଧମ ଲେଖକ ପୁନଶ୍ଚ ଏହି ଲେଖା ମାଧ୍ୟମରେ ମୋର ସମସ୍ତ ରାଜ୍ୟବାସୀଙ୍କୁ ଅନ୍ତରର ନିଭୃତ କୋଣରୁ ବିନମ୍ର ନିବେଦନ କରୁଛି ଏ ବର୍ଷର ଆଲୋକର ପର୍ବକୁ ବାସ୍ତବ ଅର୍ଥରେ ଅନ୍ଧକାର ନାଶ ପର୍ବରେ ପାଳନ କରିବାପାଇଁ ସଂଘବଦ୍ଧ ହୁଅନ୍ତୁ ଓ ଏକତାର ହାତ ମିଳାନ୍ତୁ। ବହୁ ଅର୍ଥ ବ୍ୟୟ କରି ଆତସବାଜି ଫୁଟାଇ ପରିବେଶକୁ ଦୂଷିତ କରିବା ପରିବର୍ତ୍ତେ ଉକ୍ତ ଧନରାଶିକୁ ଦେଶର ସୁରକ୍ଷା ପାଂଠିକୁ ଅଯାଚିତଭାବେ ଦାନକଲେ ଏହା ହିଁ ହେବ ପିତୃପୁରୁଷଙ୍କ ପ୍ରତି ନମ୍ର ଶ୍ରଦ୍ଧାଞ୍ଜଳି ଓ ମା' ମହାଶକ୍ତି କାଳୀଙ୍କ ପ୍ରତି ଅନନ୍ୟ ପ୍ରଣିପାତ। ସମସ୍ତେ ନିଜକୁ ସଚେତନ କରି ପ୍ରତ୍ୟେକ ବୟସ୍କ ବ୍ୟକ୍ତି ନିଜ ନିଜର ପିଲାମାନଙ୍କୁ ଏହି ପର୍ବର ମହନୀୟତା ବୁଝାଇବା ଦରକାର। ଫଳରେ ସମାଜ ରାଜ୍ୟ ତଥା ଦେଶ ହସି ଉଠିବ।

*-ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ମେନ୍ ରୋଡ୍, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨*

# ଅପରାଜିତା

***ପରାଜୟ ସ୍ୱୀକାର ନକରି ଏକାଗ୍ରତାର ସହିତ କର୍ମକ୍ଷେତ୍ରରେ ଲଢେଇ ଜାରି ରଖିଥିବା ଜଣେ ମହିୟସୀ ମହିଳା, ଯାହାଙ୍କୁ ବୁଝିବା ମଣିଷ ଶୂନ୍ୟ ସମାଜର ସଂଜ୍ଞା ବୁଝିବ କାହାକୁ ?! ତଥାପି... !***

୧୯୯୮ ମସିହା, କୌଣସି ଦିନ ଛତ୍ରପୁର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ଦାୟିତ୍ୱରେ ରହିଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅପରାଜିତା ଷଡଙ୍ଗୀଙ୍କୁ ମୋ ସମ୍ପର୍କିତ ଏକ ମହିଳା ସଂଗଠନ ତରଫରୁ ସ୍ମାରକପତ୍ର ପ୍ରଦାନ କରାଯାଉଥିବା ଅବସରରେ କିଛିକ୍ଷଣ ପାଇଁ ସମ୍ୟକ୍ ନିକଟରୁ ଦେଖିଥିବା ଅନୁଭୂତି ମୋର ତାଙ୍କ ବିଷୟରେ ଅନେକ କଥା କୁହେ ମାନବିକ ତତ୍ୱର ମୋ ନିଜସ୍ୱ ଗବେଷଣାରୁ । ନାସାଗ୍ରେ କ୍ଷୁବ୍ଧତା, ସ୍ୱାଭିମାନର ଅହଂଭାବ ମାଡାମ୍‌ଙ୍କ ବାହ୍ୟ ପ୍ରଦର୍ଶିତ ଚରିତ୍ର ସାଧାରଣ ଲୋକଙ୍କୁ ଆପ୍ୟାୟିତ କରିପାରୁ ନଥିଲେ ମଧ୍ୟ ଆନ୍ତରିକ ମନୋଭାବ ଯେ ତାଙ୍କର ସ୍ୱଚ୍ଛ ସେକଥା ସ୍ୱାର୍ଥାନ୍ଧ ବୁଝିବେ କେମିତି ! କିଛି ଅଭିନବ ଉପାୟରେ ଯଥେଷ୍ଟ ସାମାଜିକ ମାନ୍ୟତା ସୃଷ୍ଟି କରି ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନର ଆକାଂକ୍ଷିତ ଚେତନାକୁ ବିରୁଦ୍ଧାଭାଷର ସମ୍ମୁଖୀନ କରିବାକୁ ପଡୁଥିଲେ ମଧ୍ୟ ଅବିଚଳିତ ସେ ଜଣେ ଶକ୍ତ ମହିଳା ଆଗକୁ କ'ଣ ଦେଖିବା କଥା । ଶିକ୍ଷା ମଣିଷକୁ ମାନବିକ ଚେତନାରେ ଅଭିଷିକ୍ତ କରିବା ନିଶ୍ଚିତ ଧାର୍ଯ୍ୟ ନଥିବା ବେଳେ ତାଙ୍କ ଭଳି ଅନେକ ଉଚ୍ଚଶିକ୍ଷିତ ମଧ୍ୟ ସମାଜରେ ଅଛନ୍ତି ଯେଉଁମାନେ ଭ୍ରଷ୍ଟାଚାର/ଲୁଣ୍ଠନ କରି ସମଗ୍ର ଦେଶକୁ ତଳିତଳାନ୍ତ କରୁଥିବା ଦେଖିବାକୁ ମିଳୁଛି ଯାହା ସର୍ବସାଧାରଣ ଜାଣନ୍ତି । ତେଣୁ ସେ ଜଣେ ଉଚ୍ଚ ଶିକ୍ଷିତା ହେବାର କୌଣସି ମହତ୍ୱ ରଖିବା ବ୍ୟତୀତ ତାଙ୍କର ମାନବିକ ଚେତନାର ରୂପରେଖ ଯେ ଭିନ୍ନ ରୂପରେ ଦେଖିବାକୁ ମିଳୁଛି ଯାହା ହୁଏତ ଓଡ଼ିଶାବାସୀ ଅନୁଭବ କରୁଥିବେ ବୋଲି ଆମର ଅନୁମାନ । ଜଣେ କର୍ମବୀର, ସାହସୀ ଏବଂ ସଙ୍କୋଚ ସାମାଜିକ ଚେତନାରେ ଅଭିଷିକ୍ତ ମଣିଷ ଯାହାଙ୍କ ନକଲ ମିଳିବା ବିରଳ ଆଜିର ଏହି ସ୍ୱାର୍ଥବାଦୀ ସମାଜରେ । କୌଣସି ସମୟରେ ତାଙ୍କ ସହିତ ବ୍ୟକ୍ତିଗତ ପରିଚୟବିହୀନ ଏହା ମୋର ନିଜସ୍ୱ ଗବେଷିତ ଅନୁଭୂତି ମାତ୍ର । ତାଙ୍କର କ୍ରୋଧ ଏବଂ ଅହଂଭାବର ପ୍ରବାହିତ ଚରିତ୍ରଗୁଡିକ ଏକ ପ୍ରାକୃତିକ ପ୍ରତିକ୍ରିୟାଜନିତ ବିଷୟ ଯାହା ବୁଝି ହେବନାହିଁ ସହଜରେ ! କିନ୍ତୁ ଏତିକି କୁହାଯାଇପାରେ ଯେ ଜଣେ ବିଜ୍ଞ ମଣିଷ ଅଜ୍ଞାନ, ନିର୍ବୋଧଙ୍କ ପରିବେଷ୍ଟନୀରେ କାର୍ଯ୍ୟ କରୁଥିବା ବେଳେ କ୍ଷଣ କ୍ଷଣ କ୍ରୋଧିତ ହେବା ଏକ ସ୍ୱଭାବ ଯାହା ପ୍ରକୃତି ସମର୍ଥିତ । ଅନୁରୂପ ନିଜସ୍ୱ ସ୍ୱଚ୍ଛତା ଓ ବିଜ୍ଞତାକୁ ଆଧାର କରି ସମ୍ମୁଖସ୍ଥ ଅଜ୍ଞାନଙ୍କ ପାଖରେ ସ୍ୱାଭିମାନଜନିତ ଅହଂଭାବ ପ୍ରଦର୍ଶନ କରିବା ମଧ୍ୟ ମଣିଷର ଏକ ପ୍ରାକୃତିକ ଚରିତ୍ର ହୋଇଥାଏ । କିନ୍ତୁ କେବଳ ଏତିକି ଚରିତ୍ରକୁ ନେଇ ଜଣେ ମଣିଷର ଅନ୍ୟାନ୍ୟ ଭାବଧାରାଗୁଡିକୁ ବୁଝିନପାରି ସାଧାରଣ ନିର୍ବୋଧ ଯେ କ୍ଷୁବ୍ଧ ହୋଇଥା'ନ୍ତି ସେମାନଙ୍କ ଅସହନଶୀଳତା କାରଣରୁ । ତଥାପି ଲକ୍ଷ୍ୟଭେଦୀ ବିଚାର ଯେ ତାଙ୍କୁ ପଥରୁଦ୍ଧ କରିପାରିବ ଏହି ଭାବନା ନାହିଁ ମୋର । କାରଣ ମୁଁ ଜଣେ ସାମାଜିକ ସଂସ୍କାର ଚେତନାରେ ଅଭିଷିକ୍ତ ମଣିଷ ଅନୁରୂପ ଚେହେରାଟିଏ ଦେଖିଲେ ଯେ ସେମାନଙ୍କ ପ୍ରତି ଦୁର୍ବଳତା ଜାଗ୍ରତ ହେବ ମନରେ ସେଇଥିରେ କୌଣସି ସନ୍ଦେହ ନାହିଁ । ଅନୁରୂପ ଅଦ୍ୟାବଧି କେବଳ ତିନୋଟି ବ୍ୟକ୍ତିତ୍ୱ ମୋ ମନମାନସରେ ଗ୍ରହଣୀୟ ହୋଇଛି ଆଜିର ଏହି ଅନ୍ଧ ଦୁନିଆରେ ଯାହାଙ୍କ ବ୍ୟକ୍ତିତ୍ୱକୁ ମୁଁ ବ୍ୟକ୍ତିଗତ ଭାବେ ସ୍ୱୀକାର କରୁଛି । ମାଡାମଙ୍କ ବ୍ୟତୀତ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏବଂ ଦିଲ୍ଲୀର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଅରବିନ୍ଦ କେଜ୍ରିବାଲ ଅନ୍ୟତମ । ବର୍ତ୍ତମାନ ମାଡାମ୍‌ଙ୍କ ବିଷୟରେ ମୋର କିଛି ବ୍ୟକ୍ତିଗତ ଗବେଷିତ ଅନୁଭୂତି ପ୍ରକାଶ ପୂର୍ବକ କହିବା କଥା ଏହା, ଯାହା ସେ ନିଜେ ଗ୍ରହଣ କରିପାରିବେ କି ନାହିଁ ମୋ ଭାବ ବହିର୍ଭୁତ । ତଥାପି ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଲିଖିତ ବିଷୟ ଏହା ଯେ...

କୌଣସି ରାଜନୈତିକ ଦଳ ସହିତ ସଂଶ୍ଳିଷ୍ଟ ନଥାଇ ଜଣେ ମଣିଷକୁ ଭାରତୀୟ ରାଜନୀତି ବିଷୟରେ ଯେତିକି ବୁଝିବା କଥା ଏବଂ ସାମାଜିକ ସଂସ୍କାର ଚେତନାରେ ଅଭିଷିକ୍ତ ମୁଁ ଜଣେ ସାଧାରଣ ନାଗରିକ କୌଣସି ବିରଳ ବ୍ୟକ୍ତିତ୍ୱମାନଙ୍କ ବିଷୟରେ ମୋର ବ୍ୟକ୍ତିଗତ ଗବେଷଣା ଯାହା ତନ୍ମଧ୍ୟରୁ ଉଦ୍ଧୃତ ବିଷୟ ଏହା କି... ମାଡାମ ଯେତେବେଳେ ଭାରତୀୟ ପ୍ରଶାସନିକ ସେବା ନିବୃତ୍ତ ହୋଇ ରାଜନୀତିରେ ପ୍ରବେଶ କରିବା ଚର୍ଚ୍ଚା ଶୁଣାଗଲା ବିଭିନ୍ନ ଗଣମାଧ୍ୟମରେ ସେତିକି ବେଳେ ତାଙ୍କର ନିର୍ଦ୍ଧାରିତ କାର୍ଯ୍ୟକଳାପକୁ ସମୀକ୍ଷା କରି ମୋ ବ୍ୟକ୍ତିଗତ ଅସହମତି ବାଢିଥିଲି ମୋ ପ୍ରିୟ ବନ୍ଧୁଜନଙ୍କ ପାଖରେ । କାରଣ ତାଙ୍କର ବ୍ୟକ୍ତିଗତ ବିଚାରଧାରା ସହିତ ସମ୍ପୃକ୍ତ ରାଜନୈତିକ ଦଳର ସମାନ୍ତରାଳ ସମ୍ପର୍କ ବେଶୀ ଦିନ ଚାଲିବା ଦିଶୁ ନ ଥିଲା ମତେ । ହୁଏତ କୌଣସି ଏକ ପ୍ରତିଶୋଧପରାୟଣତା ମନୋଭାବ



କାରଣରୁ ସେ ଏମିତି ପଦକ୍ଷେପ ନେଇଥାଇପାରନ୍ତି ବୋଲି ଶୁଣିଥିବା କେତେକ ଖବରରୁ ଅନୁମାନ କରି ହେଉଛି ଏବଂ ତାଙ୍କର ବ୍ୟକ୍ତିଗତ ଜୀବନରେ ପୂର୍ବରୁ କୌଣସି ରାଜନୈତିକ ଅନୁଭୂତି ମଧ୍ୟ ନଥିବା ଅନୁମାନ ହୁଏ ଆମର । ଏହି ପରିପ୍ରେକ୍ଷୀରେ ରାଜନୀତି ଏବଂ କୂଟନୀତିରେ ପାରଙ୍ଗମ ମଣିଷଙ୍କ ମଧ୍ୟରେ କିପ୍ରକାର ଗୁପ୍ତ ସମ୍ବନ୍ଧ ରହିଥାଏ ତାହାର ସଂଜ୍ଞା ହୁଏତ ନବୁଝି ମାଡାମ ଏହିଭଳି ଏକ ତରବରିଆ ପଦକ୍ଷେପ ନେଇଥାଇ ପାରନ୍ତି ବୋଲି ଭାବିବା ସହିତ ଅନ୍ୟ ଦିଗରୁ ଚିନ୍ତା କରି ତାଙ୍କର ନିଷ୍କର୍ଷକୁ ଅସ୍ୱୀକାର ମଧ୍ୟ କରିହେଉନାହିଁ ଯାହା ସେ କରିବା ପାଇଁ ଧାର୍ଯ୍ୟ କରିଥିଲେ ! ଯାହାହେଉ ବର୍ତ୍ତମାନ ଆମର ପୂର୍ବାନୁମାନ କାଳେ ସତ୍ୟ ହେବାକୁ ଯାଉଅଛି କି ?! କିନ୍ତୁ ହୁଏତ ଉପସ୍ଥିତ ସମୟର ପରିସ୍ଥିତି ତାଙ୍କୁ ଆଉ ଏକ ନୂତନ ଦିଗନ୍ତରେ ପରିଚାଳିତ କରିବ ବୋଲି କିଛି ଭବିଷ୍ୟ ଦିଶୁଛି ! ଇତିମଧ୍ୟରେ ତାଙ୍କ ମୁହଁରୁ ନଶୁଣି କେବଳ ଗଣମାଧ୍ୟମରେ ଚର୍ଚ୍ଚିତ ବିଷୟଗୁଡିକୁ ଆଧାର କରି କୁହାଯାଇପାରିବ ଯେ ହୁଏତ ସେ ଦଳବଦଳ କରିବାକୁ ମନସ୍ଥ କରିଥିବା ବେଳେ ଅନ୍ୟ ଦଳ ମଧ୍ୟ ତାଙ୍କୁ ପ୍ରତ୍ୟାଖ୍ୟାନ କରିବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । ଏହି କଥାର ସତ୍ୟାସତ୍ୟ କେତେ ଆମ ଜ୍ଞାତ ବହିର୍ଭୁତ ବିଷୟ । ସେ ଯାହାହେଉ ହୁଏତ ବର୍ତ୍ତମାନ ପରିପ୍ରେକ୍ଷୀରେ ଭାରତୀୟ ରାଜନୀତିରେ ଯାହାସବୁ କାର୍ଯ୍ୟକଳାପକୁ ନେଇ ବିଭିନ୍ନ ରାଜ୍ୟର ପରିସ୍ଥିତି ସୃଷ୍ଟି ହୋଇଛି ସେଥିମଧ୍ୟରେ ସେ କାହା ସହିତ ହାତ ନମିଶାଇ କିଛି ବିକଳ୍ପ ଚିନ୍ତା କଲେ ହୁଏତ ଆଜି ନହେଲେ କାଲି ସୁଫଳ ମିଳିବାର ଅନୁମାନ କରିହେଉଛି, ଯାହା ତାଙ୍କ ଦ୍ୱାରା ସ୍ୱୀକାର୍ଯ୍ୟ ହେବ କି ନାହିଁ ସମୟ କହିବ ! କିନ୍ତୁ ତାଙ୍କରି ଭାବଧାରା ବିଶିଷ୍ଟ କେତେକ ମଣିଷଙ୍କ ସହଯୋଗ ହୁଏତ ତାଙ୍କର ଭବିଷ୍ୟଦ୍ରଷ୍ଟା ବିଚାରକୁ ସଫଳ କରିପାରେ ଯଦି ସେ ତାକୁ ସ୍ୱୀକାର କରନ୍ତି ବୋଲି ଆମର ଅନୁମାନ ।

ନିଜର ସମ୍ପତ୍ତି, ସାମାଜିକ କ୍ଷମତା ମିଥ୍ୟା ପ୍ରତିଭାର ଆଲୋଡନ ସୃଷ୍ଟି କରିବା ଏବଂ ସାଧାରଣ ଲୋକଙ୍କୁ ମିଥ୍ୟା କୁହେଳିକା ମାଧ୍ୟମରେ ପ୍ରତାରିତ କରି ନିଜସ୍ୱ ସ୍ୱାର୍ଥ ହାସଲ କରିବା ଲକ୍ଷ୍ୟ ରହିଥାଏ ପ୍ରାୟତଃ ସବୁ ରାଜନୈତିକ ନେତା/କର୍ମୀଙ୍କର ଯାହା ଆମ ଦେଶର ଏକ ସାର୍ବଜନୀନ ବିଷୟ । କିନ୍ତୁ ରାଜନୀତି ମାଧ୍ୟମରେ ସାମାଜିକ ମଙ୍ଗଳ ତଥା ରାଷ୍ଟ୍ରର ଉନ୍ନତ୍ତି କରିବା ସଂଗେ ସଂଗେ ସାଧାରଣ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣି ସେମାନଙ୍କ ସୁଖମୟ ଜୀବନ ଚିନ୍ତା କରିବା ଅତୀବ ବିରଳ ଦେଖିବାକୁ ମିଳିବ ଆଜିର ସମାଜରେ । ମାଡାମ୍ ଜଣେ କେମିତିକା ଚରିତ୍ରଧାରୀ ମଣିଷ, ସାଧାରଣ ଲୋକଙ୍କୁ ତାଙ୍କର ଚାରିତ୍ରିକ ବ୍ୟବଚ୍ଛେଦ କରିବା ପାଇଁ ଛାଡିଦିଆଗଲା ! ଅଦ୍ୟାବଧି କେତେକ ପୂର୍ବର କାର୍ଯ୍ୟକଳାପ ତଥା ତାଙ୍କର ସଂଭାଷଣରୁ ନିଷ୍କର୍ଷ ବାହାର କରି ଆମର ହୃଦ୍‌ବୋଧ ହୁଏ କି ସେ ଜଣେ ସଂଗ୍ରାମୀ ନେତ୍ରୀ ଯିଏ ସାଧାରଣ ଲୋକଙ୍କ ସହିତ ନିଜକୁ ସାମିଲ କରି ସମାଜର କିଛି ପରିବର୍ତ୍ତନ ଚାହୁଁଛନ୍ତି । କିନ୍ତୁ ଅଭ୍ୟନ୍ତରରେ ବାସ୍ତବ ଚେହେରା କ'ଣ ତାଙ୍କର ରହିଛି ସମୟ କହିବ ! ସେହି ମଣିଷ ସେହି ନେତାଙ୍କ ମଧ୍ୟରେ ନିଜସ୍ୱ ସ୍ୱାର୍ଥକୁ ଆଖିଆଗରେ ରଖି କେବଳ ଦଳବଦଳ କରି ଆପଣେଇ ଚାଲିଥିବା ରାଜନୈତିକ ଦଳଗୁଡିକର କାର୍ଯ୍ୟକଳାପ ବିଷୟରେ ଆମେ ସମସ୍ତେ ଯଥେଷ୍ଟ ଅଭିଜ୍ଞ । ତେଣୁ ସେହି ପୁରୁଣା ନୀତିକୁ ପ୍ରତ୍ୟାଖ୍ୟାନ ପୂର୍ବକ ସମାଜରୁ କେତେକ ସମଭାବାପନ୍ନ ମଣିଷଗୁଡିଏ ଖୋଜି ବାହାର କରି ଏକ ବୈପ୍ଳବିକ ଚେତନାସିକ୍ତ ସଂଗଠନ ମାଧ୍ୟମରେ କିଛି ସାମାଜିକ ପରିବର୍ତ୍ତନ କରିହେବ ଯାହା କାହାକୁ ଅଂତରଣୀୟ ହେଉନାହିଁ । କହିବାକୁ ଗଲେ ଶ୍ରୀ ଅରବିନ୍ଦ କେଜ୍ରିବାଲ ସେହିଭଳି ଏକ ପଦକ୍ଷେପ ନେଇ ଦିଲ୍ଲୀରେ ଏକ ନମୁନା ସୃଷ୍ଟି କରିଥିବା ଆମେ ଦେଖୁଛେ ! କିନ୍ତୁ ଅନ୍ୟାନ୍ୟ ରାଜ୍ୟଗୁଡିକରେ, ସାଧାରଣ ଲୋକଙ୍କ ସହିତ ସମୟ ଅପେକ୍ଷା କରିଛି ଯେ ସେହିଭଳି ସମୟ ଆସିବ କେବେ ?!

ଟଙ୍କା ଆଜିର ସମାଜରେ ସବୁ କ୍ଷେତ୍ରରେ ବାଧକ ହେଉଥିବା ବେଳେ ଅନେକ ସ୍ୱଚ୍ଛମନା ସାମାଜିକ ଚେତନାଶୀଳ ମଣିଷ କୌଣସି ସାମାଜିକ କାର୍ଯ୍ୟ କରିବାରେ ଅଗ୍ରସର ହୋଇପାରୁ ନଥିବା ତଥା ଉପସ୍ଥିତ ସମୟର ବ୍ରିଟିଶ ସଂଯୋଜିତ ଆଇନଗୁଡିକ ମାଧ୍ୟମରେ ସାଧାରଣ ଲୋକଙ୍କୁ ଦମନ କରାଯାଉଥିବା ପରିପ୍ରେକ୍ଷୀରେ କୌଣସି ଯୁକ୍ତାତ୍ମକ ପଦକ୍ଷେପ ନେବା ପାଇଁ ସାହସ ବାନ୍ଧି ପାରୁନାହାନ୍ତି ବ୍ୟାକୁଳ ସଂସ୍କୃତ ମଣିଷ ସମୂହ ! କିନ୍ତୁ ଏହା ନୁହେଁ କି ସେମିତି କୌଣସି ପଦକ୍ଷେପ ନେବା ସମ୍ପୂର୍ଣ୍ଣ ଅସମ୍ଭବ ! ଅଧିକନ୍ତୁ ସବୁ ବର୍ଗର ମଣିଷ କେବଳ ସ୍ୱାର୍ଥବାଦୀ ମନୋବୃତ୍ତି ରଖି ସାମାଜିକ ତତ୍ପରତା ଦେଖାଉନଥିବା ଏକ ସାମାଜିକ ବ୍ୟାଧିରେ ପରିଣତ ଆଜିର ସମାଜ ଯାହା କେବଳ କେଲେଙ୍କାରୀ ବ୍ୟପାରୀ ଏବଂ ରାଜନୈତିକ ଗୁଣ୍ଡାମାନଙ୍କ ଦ୍ୱାରା ଦମନଶୀଳ ଅବସ୍ଥାରେ ରହିଛି ଆମ ଦେଶରେ । ସେସବୁର ଅନ୍ତ କରି ଏକ ସୁସ୍ଥ ମଣିଷ ସମାଜ ଗଠନ କରାଯିବା ଲକ୍ଷ୍ୟ ରଖି ସମାଜରେ ଉପସ୍ଥିତ ସଂଯତ, ଜ୍ଞାନୀ, ଗୁଣୀ ଲୋକଙ୍କ ସମ୍ମିଳନୀ କରାଯାଇ ଏକ ବୈପ୍ଳବିକ ଚେତନାର ଅନୁଷ୍ଠାନ କରାଗଲେ ହୁଏତ କିଛି ପରିବର୍ତ୍ତନ ହୋଇପାରେ ବୋଲି ଆମର ଅନୁମାନ । କେତେକ ସଂଗ୍ରାମୀ ମଣିଷଙ୍କ ଦେଶପ୍ରେମ ଚେତନା ଯେମିତି ବ୍ରିଟିଶକୁ ଆମ ଦେଶରେ ପ୍ରତ୍ୟାଖ୍ୟାନ କରିପାରିଥିଲା ବର୍ତ୍ତମାନ ମଧ୍ୟ ଅନୁରୂପ ଶୈଳୀରେ ଏହି ଚିରାଚରିତ ପାରମ୍ପରିକ କେଲେଙ୍କାରୀ ରାଜନେତାଗୁଡିକୁ ପ୍ରତ୍ୟାଖ୍ୟାନ ପୂର୍ବକ ଏକ ସୁସ୍ଥ ସମାଜ ଗଠନ ଦିଗରେ ବ୍ରତୀ ହେବା ପାଇଁ ଜ୍ଞାନୀ, ଗୁଣୀ, ସାମାଜିକ କର୍ମୀମାନଙ୍କୁ ଆହ୍ୱାନ କରାଯିବା ଆବଶ୍ୟକ ! ସେମାନଙ୍କ ମଧ୍ୟରୁ ବଛା ବଛା କିଛି ଲୋକଙ୍କୁ ନେଇ ଏକ ନୂତନ ଅଧ୍ୟାୟ ଆରମ୍ଭ କରାଯିବା ଅନିବାର୍ଯ୍ୟ । ନହେଲେ ଯେ ଆମ ଦେଶ ବ୍ୟାପକ ନିମ୍ନମୁଖୀ ଅବସ୍ଥାକୁ ମାଡି ଚାଲିଛି ସେକଥା ସାଧାରଣ ଲୋକଙ୍କୁ ବର୍ତ୍ତମାନ ବୁଝାପଡୁ ନ ଥିଲେ ମଧ୍ୟ ସମୟସ୍ରୋତରେ ଏହା ପାତାଳରେ ବିଲୀନ ହେବାରୁ କେହି ରକ୍ଷାକରିପାରିବେ ନାହିଁ ବୋଲି ଆମ ବିଚାରରେ ଆପଣଙ୍କ ମତ ବ୍ୟକ୍ତ କରିବେ ବୋଲି ଆଶା... !

**ପଙ୍କଜ କୁମାର ପାଣିଗ୍ରାହୀ**
*ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ । ଦୂରଭାଷ: ୯୪୩୭୩୨୪୯୧୭*




# ଶୁକ୍ଳ ପକ୍ଷ



ବିପ୍ଳବ

ନଇ ପନ୍ତାଳ ଯାକ ବହଳ କାଶତଣ୍ଡି ବଣ। ସେଇ ବଣ ଭିତରେ ନଈକୁ ପିଠି କରି ଠିଆ ହୋଇଛି ଆଠ କି ଦଶଟି ଅନୁଚ୍ଚ ଅସ୍ଥାୟୀ ଇଟା ଘର। କାନ୍ଥରେ ବାଲି କି ସିମେଣ୍ଟର ଆଣି ପ୍ରୟୋଗ ହେଇନାହିଁ। କେବଳ ସିମେଣ୍ଟ ଇଟା ଗୁଡିକ ଥାକ ଥାକ ଖଞ୍ଜା ହେଇ ଥୁଆ ହେଇଚି ଯାହା। ଇଟା ଗୁଡିକ ମଧ୍ୟରେ ଏତେ ସବୁ ଜଳା ବାଟ ରହିଛି ଯେ ଜଣେ ଚାହିଁଲେ ସେଇ ଘର ଭିତରର ସମସ୍ତ ଦୃଶ୍ୟ ଅନାୟାସରେ ଦେଖି ପାରିବ। ଘର ଗୁଡିକ ଉପରେ ପତଳା ନୀଳ ରଙ୍ଗର ଚାଦର ପଡିଛି। କବାଟ କହିଲେ ସ୍ତ୍ରୀ ଲୋକଙ୍କ ପୁରୁଣା ଚିରା ଫଟା ଲୁଗା। ତାରି ଭିତରେ ରହୁଛନ୍ତି କଳା ମସ ମସ ଲୋକ ଗୁଡିଏ। ଦିନ ସାରା ଖରାରେ ଗଧ ଖଟଣି ଆଉ ସଂଜ ହେଲେ କଣ ଗଣ୍ଡେ ଖାଇଦେଇ ସେଇ ଘରେ ରାତ୍ରୀ ଯାପନ।

ପଛରେ ଗମେଇ ନଈ। ବିରାଟ ଜଳାଧାରର ଗୋଟିଏ ସରୁ ଫୁଙ୍କାର। ବର୍ଷା ଦିନେ ତୋଡ଼ରେ ମୁଣ୍ଡ ଛିଡିଯିବ ଯେମିତି ! ବାକି ଦିନ ଗୁଡିକରେ ଅବିରାମ ଗତିରେ ଜଳ ବୋହି ଚାଲୁଥାଏ ତଳକୁ ତଳକୁ । ତା'ରି ଉପରେ ତିଆରି ହେଉଛି ସେତୁ।

ସେଇଠି କାମ କରେ ସପନି ଗୋଛେଇତ । ଅନ୍ୟାନ୍ୟ ମୂଲିଆଙ୍କ ଅପେକ୍ଷା ତା କାମ ଟିକେ ଅଲଗା। ସେ ମିସ୍ତ୍ରୀ। ତା କାମ ବାଲି ସିମେଣ୍ଟ ଫେଣ୍ଟିବା ନୁହେଁ। ରଡ଼ ବଙ୍କା କରିବା ଆଉ ମାପ ଅନୁସାରେ କାଟିବା। ପରି ମିସ୍ତ୍ରୀ।

ଘର ଛାଡ଼ି ଆସିବାର ପନ୍ଦର ଦିନରୁ ଅଧିକ ହେବ। ଠିକାଦାରୀ କାମରେ ନିଶ୍ୱାସ ନେବାକୁ ବେଳ ନିଅଂଟ । ଠିକାଦର ଲୋଭ ଦେଖେଇଦେଇ ଯାଇଛି। ଏ କାମ ସରିଲେ ଆଉ ଦୁଇଟି କାମ ପଛକୁ ପଛ ଅଛି। ଠକିବେ କାହାକୁ। ଯେତେ ଶୀଘ୍ର ସରିବ ଭଲ। ଦୁଇ ଚାରିଦିନ ପୁଣି ଛୁଟି ମିଳିବ ଘର ଲୋକଙ୍କ ସହ ରହିବା ପାଇଁ।

ମୁହଁକୁ ମୁହଁ ନ ଦିଶିଲେ ଯାଇ କାମ ବନ୍ଦ ହୁଏ। ଅବଶ୍ୟ ସ୍ଥାନଟି ଜନ ବସତି ଠାରୁ ବେଶି ଦୂର ନହେଲେ ବି ଅନ୍ଧାର ନୁହେଁ। ଠା କୁ ଠା ବାଉଁଶ ଖୁଣ୍ଟି ପୋତାଯାଇ ବଲ୍ ଲଗା ଯାଇଛି। ସେଗୁଡିକ ଆକାଶର ତାରା ପରି ସାରା ରାତି ଜଳୁଥାନ୍ତି। ତଥାପି କାଶତଣ୍ଡି ବଣ ଭିତରେ ଘଞ୍ଚ ଅନ୍ଧାର ଛପି ରହିଥାଏ, ଯାହାକୁ ଆଲୋକ ଭେଦ କରି ପାରେନାହିଁ କୁଟିଳ ଲୋକର ମନ ପରି।

କାମରୁ ଛୁଟି ମିଳିଲେ ଘର, ପରିବାର, ପିଲା ଛୁଆଙ୍କ କଥା ମନେ ପଡ଼େ ?। ସପନି ଖାଇସାରି ଷ୍ଟିଲ୍ ଥାଳି ଧୋଇ ଦେଇ ଯଥା ସ୍ଥାନରେ ରଖି ଦେଲା। ଏବେ ମୋବାଇଲ୍ କାଢି ସମୟ ଦେଖିଲା। ଆଠଟା ପଇଁତିରିଶି ।

ସାରୀ ଏବେ କଣ କରୁଥିବ ? ଶୋଇ ପଡିଥିବ ନା ମୋ କଥା ଭାବି ଶେଯରେ ଗଡ଼ପଡ଼ ହେଉଥିବ ! ଖାଇ ନଥିବ ନିଶ୍ଚୟ। ବାପା ବି ଫେରି ନଥିବେ ଘରକୁ। ମନ୍ଦିର ଠି ଭାଗବତ ଶୁଣୁଥିବେ।

ସାରୀ ସପନିର ସ୍ତ୍ରୀ। ଏଇ ପାଞ୍ଚ ଛ ମାସ ହେବ ସେମାନଙ୍କର ବାହାଘର ହେଇଛି। ପ୍ରେମ ବିବାହ ହେଇଥିଲେ ବି ଦୁଇ ପରିବାର ଏ ବିଷୟରେ ଅଜ୍ଞ।

ସପନି ଦେଖିବାକୁ ଗାଢ଼ କଳା ନୁହେଁ, ସାବନା ରଙ୍ଗ। ମାତ୍ର ମୁହଁର ଗଠନ ଦେଖିବାକୁ ଭାରି ସୁନ୍ଦର। ସେଥିପାଇଁ ତ ସାରୀ ପହିଲି ଦେଖାରେ ରସି ଥିଲା। ସାରୀ ପଡିଶା ଘର ପଧାନ ବାବୁ ଘର। ତାଙ୍କ ପିଲା ଛୁଆ ସବୁ ବାହାରେ ରହନ୍ତି। ଘରେ କେବଳ ପଧାନ ବାବୁ ଆଉ ତାଙ୍କ ସ୍ତ୍ରୀ। ଚାକିରିରୁ ଅବସର ପରେ ବାପ ଗୋସିବାପ ଅମଳର ଘରଟିକୁ ଭାଙ୍ଗି ନୂଆ କରି ତୋଳୁଛନ୍ତି। ମିସ୍ତ୍ରୀ ସପନି। ସାରୀ ଆସି ପଧାନ ବାବୁଙ୍କ ଘରେ ବୋଲହାକ କରେ। ରୋଷେଇ ପତ୍ର ବି କରେ। ପଧାନ ବାବୁଙ୍କର ଝିଅ ନଥିବାରୁ ସେ ସାରୀକୁ ଝିଅ ପରି ଭଲ ପା'ନ୍ତି। ସେଇଠି ସାରୀ ଆଉ ସପନି ପ୍ରେମର ଶୁଭ ପଡିଥିଲା। ସବୁ ଦିନ ଦେଖାଚାହାଁ।

ସାରୀ ସବୁଦିନ ରୋଷେଇ କରେ ମିସ୍ତ୍ରୀ ଆଉ ଶ୍ରମିକ ମାନଙ୍କ ପାଇଁ। ତାଙ୍କ ଖିଆପିଆ ଦାୟିତ୍ୱ ନିଏ।

ସପନି ବି ସାରୀ ପ୍ରେମରେ ପଡ଼ିବା ଦିନୁ ସଅଳ ସଅଳ କାମକୁ ଚାଲି ଆସେ। ମାଲିକ ପଧାନ ବାବୁ ବି ଖୁସି ହୁଅନ୍ତି। ନିଜ ଘରେ ସପନିର ପ୍ରଶଂସା କରନ୍ତି। ମାତ୍ର ଅସଲ କଥାଟି ତାଙ୍କୁ ଜଣା ନଥାଏ। ତାଙ୍କ ମନରେ ଧାରଣା ହେଇ ଯାଇଥିଲା ଯେ ଅନ୍ୟ ମିସ୍ତ୍ରୀ ପରି ଇଏ କାମ ଚୋର ନୁହେଁ।

କାମ ସରିବାକୁ ଅଳ୍ପ ଦିନ ବାକି ଥାଏ। ଦିନେ ସପନି ସାହସ ବାନ୍ଧି ମନ କଥା ପଧାନ ବାବୁଙ୍କୁ କହିଲା। ସେ ବହୁତ ଖୁସି ହେଲେ ଆଉ କହିଲେ ସାରୀ ବାପା କଣ କହିବ, ସେଇଟା ମୂର୍ଖ ଟା । ତାର ଭଲ ମନ୍ଦ ଜ୍ଞାନ କାହିଁ ? ମୁଁ ତା କଥା ବୁଝିବି। ମୋ କଥାରୁ ସେ ବାହାରି ଯିବନି।

ସପନି ଲାଜ କରି ଅନୁରୋଧ କଲା

– ଆଜ୍ଞା, ଏ କଥା କାନକୁ ଦି କାନ ହେଲେ ମୋତେ ଖରାପ ଲାଗିବ।

ସପନିର ସପନ ଦିନେ ସତ ହେଲା ।ଭଲ ଲଗ୍ନରେ ଦୁହିଁଙ୍କର ଶୁଭ ପରିଣୟ ହେଇଗଲା। ଆଉ ଏଥିରେ ସବୁତକ ଦାୟିତ୍ୱ ନେଇଥିଲେ ପଧାନ ବାବୁ।

ଭାବନାରୁ ଫେରିଲା ସପନି। ମନେ ମନେ ବହୁତ ହସିଲା। ସେ ଲକ୍ଷ୍ୟ କଲା ଅନ୍ୟ ମାନଙ୍କର ଖିଆପିଆ ସରିନି। ସେ ତରତର ହୋଇ ଦି ଗୁଣ୍ଡା ପାଟିରେ ପୁରେଇ ଚାଲି ଆସିଛି।

ଆଲୋକ ନଥିବା ଜାଗାଟିଏ ତା ପାଇଁ ଖୋଜି ପାଇବା ଏବେ ଆଉ କଷ୍ଟ ହୁଏନି। ଦୁଇଟି ବଡ଼ କାଶତଣ୍ଡି ବୁଦାର ମଝିରେ ବିରାଟ କଳା ମୁଗୁନି ପଥର। ସେଇଟି ତା'ର ପ୍ରିୟ ସ୍ଥାନ। କେହି ଦେଖିବାର ନାହିଁ। ବାଉଁଶ ଖୁଣ୍ଟିର ଆଲୋକର ପ୍ରବେଶ ନାହିଁ ସେଠି। ଜହ୍ନ ବି ଆକାଶରେ ନାହିଁ ଏବେ ହଇରାଣ କରିବାକୁ।ଏବେ ଏବେ ଅମାବାସ୍ୟା ଯାଇଛି। ଆଜି ଡେରିକି ଉଠିବ ଜହ୍ନ । ଯେମିତି ନୂଆ ବାହା ହେଇଥିବ ବୋହୂର ପ୍ରଥମ ରାତିର ପାହାନ୍ତି ନିଦ ନ ଭାଙ୍ଗିବା ପରି।

ଫୋନ୍ ବାହାର କରି ନମ୍ବର ଟିପିଲା ସପନି। ସେପଟୁ ଭାସି ଆସିଲା ସାରୀର ମିଠା ମିଠା ସ୍ୱର।

ସାରୀ କିଛି କହିଲାନି ।ଖାଲି ହସିଲା।

– ହସୁଛ କ'ଣ ଯେ.. ଏଇ କଥାବାର୍ତ୍ତା ରେ ପେଟ ପୁରୁଛି ?

– ଏବେ ପା ଖାଇକି ଉଠିଲ ?

ସାରୀ ଫୁଲେଇ ହେଲା।

– ଆରେ ସେ କଥା ମୁଁ କହୁନାହିଁ।

– ଆଉ ?

– ଆଲୋ ଭିଡିଓ କଲ୍ କଥା କହୁଚି।

– ନା ନା। ସେଠି ତମର ଭଲ ଲୋକ ନାହାଁନ୍ତି।

– ମାନେ ?

– କାଲି ଭିଡିଓ କଲ୍ ବେଳେ କିଏ ଜଣେ ହାତ ହଲାଉଥିଲା। ମୁଁ ଦେଖିଛି।

ସପନି ହସିଲା।

– ଧେତ୍ ପାଗଳୀ। ସଦାବେଳେ କ'ଣ ଗୋଟେ ବାହାନା କରି ସବୁ ପାଣିଚିଆ କରି ଦେଉଛୁ।

ସାରୀ ହସି ହସି କହିଲା – ପାଣିଚିଆ କାହିଁକି ହେବ ଯେ। ଆସିଲା ଦିନ ଚିନି ପକେଇ ସର୍ବତ ପିଆଇ ଦେବି ଯେ ମିଠା ଲାଗିବ।

ଅଚାନକ କଲ୍ କଟିଗଲା। ସାରୀ କିଛି ବୁଝି ପାରିଲାନି।

ତା ପରଦିନ। ଦିନ ସାରା ବସ୍ ରେ ବସି ମୁହଁ ସଞ୍ଜ ବେଳେ ପହଞ୍ଚିଲା ଅଜଣା ଜାଗାରେ।

ବସ୍ ରୁ ଓହ୍ଲାଇ ଚାରିଆଡ଼ ? ଚାହିଁଲା ସାରୀ। ମୁଖ ମଣ୍ଡଳରେ ବିଷର୍ଣ୍ଣର ଛାୟା। ? ସହର ଅଚିହ୍ନା। ମୁହଁ ସବୁ ବି ଅଚିହ୍ନା। କୁଆଡ଼େ ଗଲେ ସୁପର ଭାଇଜର ବାବୁ ? କ'ଣ ହୋଇଛି ସପନିର , କିଛି ଗୁରୁତର ଅବସ୍ଥାରେ ନାହାନ୍ତି ତ.. !

ସାରୀ ଫୋନ୍ ରିଂ ହେଲା।

ଇତସ୍ତତଃ ହେଇ ସେ ଫୋନ୍ ଉଠାଇଲା।

– ତମେ ନାଲି ରଙ୍ଗ ଶା ?। ଆଉ କଳା ରଙ୍ଗ ବ୍ଲାଉଜ ପିନ୍ଧିଛ ନା ?

ସାରୀ ନିଜ ଦେହ ଆଡ଼କୁ ଥରେ ଆଖି ପହଁରେଇ ଆଣିଲା। ଡର ଡର ହେଇ ସେ ବସିବା ଜାଗାରୁ ଉଠି ଆସିଛି। ଦେହକୁ ନଜର କରିନି।

ନିଜକୁ ଚାହିଁ ସେ ଆଶ୍ଚର୍ଯ୍ୟ ହେଲା।

– ସତେ ତ .. !

ନାଲି ଶାଢ଼ୀ ଆଉ କଳା ବ୍ଲାଉଜ।

ସୁପର ଭାଇଜର ବାବୁ କେମିତି ଜାଣିଲେ ତାଙ୍କୁ ? ସେ ତାଙ୍କୁ ଜୀବନରେ କେବେ ବି ଦେଖିନି ?

ସେ ଚାରି ଆଡକୁ ପୁଣି ଥରେ ଅନେଇଲା।

ଅଳ୍ପ ଦୂରରେ ଜଣେ ବୟସ୍କ ବ୍ୟକ୍ତି ହାତ ହଲାଉଛନ୍ତି। ମୁଣ୍ଡର ଚୁଟି ରଙ୍ଗ କରା ଯାଇଥିଲେ ବି ମୁହଁର ଭାଙ୍ଗ ବୟସର ଛାପକୁ ଲୁଚେଇ ପାରିନି।

– ଏଇ ପ୍ରୌଢ଼ କଣ ସେଇ ସୁପର ଭାଇଜର ! ତାଙ୍କୁ ଫୋନ୍ କରି ସପନିଙ୍କ ଦେହ ଅସୁସ୍ଥ ଖବର ଦେଇଥିଲେ। ? ଔଷଧ ପତ୍ର ବ୍ୟବସ୍ଥା କରିଛନ୍ତି ?

କୃତଜ୍ଞତାରେ ସାରୀ ମୁଣ୍ଡ ନଇଁ ଯାଉଥିଲା।

ସାରୀ ଅନୁମାନ କରି ତାଙ୍କ ପାଖକୁ ଆସିଲା।

ସେ ହିଁ ସୁପର ଭାଇଜର ।

ସାରୀ ତାଙ୍କ ମଟର ସାଇକେଲରେ ବସି ଚାଲିଲା। ଅଧଘଣ୍ଟାକର ବାଟ ଯିବା ପରେ କଳା ମଚ୍ ମଚ୍ ପିଚୁ ରାସ୍ତା ସରିଲା। ଗାଡ଼ି ଗୋଟିଏ ଘାସ ଉର୍ତ୍ତି ଦଣ୍ଡା ରାସ୍ତା ଧରିଲା। ଦୁଇ ପଟେ ବିରାଟ କାଶତଣ୍ଡି ବୁଦାକୁ ଅପେକ୍ଷାକୃତ ସରୁ ରାସ୍ତା। ସାରୀ ମନରେ ଛନକା ପଶିଗଲା।

ବାଟ ସରୁନି କଣ ପାଇଁ ?

ମନକୁ ମନ ପ୍ରଶ୍ନ କଲା।

ଏ ସୁପର ଭାଇଜର ବାବୁ ତାକୁ ଆଉ ଭୁଲେଇ ନେଇ ଯାଉ ନାହାନ୍ତି ତ !

ତା ମନ ପାପ ଛୁଁ ଥିଲା ।

ଆଗରେ ଦିଶିଲା ଛୋଟ ଛୋଟ କୁକୁଡ଼ା ଭାଡି ପରି ଘର। ସେ ସବୁ ପାର ହେଇ ଗାଡ଼ି ଆଗକୁ ଗଡ଼ିଲା। ଆଗରେ ଗୋଟାଏ ଅପେକ୍ଷାକୃତ ବଡ଼ ଘର। ସେଇଠି ଗାଡ଼ି ଅଟକିଲା। ସାରୀ ଓହ୍ଲେଇ ପଡ଼ିଲା। ଘରର କବାଟ ଖୋଲା ଥିଲା। ପଙ୍ଖା ବି ବୁଲୁଥିଲା। ଗୋଟାଏ ମୋଟା ପେଟି କାଗଜ ଉପରେ ଲମ୍ବହେଇ ଶୋଇଚି ସପନି।

ସାରୀ ଗୈଡ଼ି ଯାଇ ତା ପାଖରେ ବସି ପଡିଲା। ତା ମୁଣ୍ଡକୁ ଆଉଁସି ଦେଲା। ଛାତି ଉପରେ ମୁଣ୍ଡ ଥୋଇ କାନ୍ଦିଲା।

ସୁପର ଭାଇଜର ତା' ହାତକୁ ଶକ୍ତ ଭାବରେ ଧରି ନେଲା।

– ଭାଉଜ, ପ୍ଲିଜ୍.. ତାକୁ ଉଠାନ୍ତୁନି। ମେଡିସିନ୍ ଖାଇ ଶୋଇଚି। ରେଷ୍ଟ୍ ନେଉ। ମୁଣ୍ଡ ଫାଟି ବହୁତ ରକ୍ତ ଯାଇଛି। ଭାଉଜ ସମ୍ବୋଧନରେ ସେ ଆଶ୍ଚର୍ଯ୍ୟ ହେଲା। ସୁପର ଭାଇଜର ମୁହଁକୁ ଆଉ ଥରେ ଚାହିଁଲା। କାହିଁ କେତେ ବଡ ସେ ତା'ଠୁ। ବାପ ବୟସର ଲୋକଟା।

ପୁଣି ମୁହଁ ତଳକୁ କରି ଦେଲା। ଲୋକଟି ପ୍ରତି ତା ମନରେ ଥିବା କୃତଜ୍ଞତା ଏବେ ଘୃଣାରେ ବଦଳି ଗଲା।

ସାରୀ ବୁଝି ପାରିଲା ନାହିଁ। ଫୋନ୍ ରେ କଥା ହେଉଥିବା ସମୟରେ ସେ କେମିତି ପଡ଼ିଲା, ଆଉ ତା ମୁଣ୍ଡ ଫାଟିଲା !

ଶେଷରେ ନିଜକୁ ନିଜେ ଆଶ୍ୱାସନା ଦେଲା। ଜୀବନ ରହି ଯାଇଚି। ବଡ କଥା।

– ତା ସହ ଲାଗନି ଭାଉଜ। ଖଟ ଉପରେ ତମେ ରେଷ୍ଟ ନିଅ। ଏତେ ବାଟରୁ ଆସିଛ।

ଲୋକଟିର ଶକ୍ତ ହାତ ସାରୀକୁ ଶୂନ୍ୟେ ଶୂନ୍ୟେ ଖଟଉପରକୁ ଟେକି ନେଲା। ସାରୀ ଲଜ୍ଜା ରେ ସଢ଼ିଗଲା ନିଜ ପାଖରେ।

ସପନି ନିଦରୁ ଉଠୁ ନଥିଲା। ଲୋକଟିର ବ୍ୟବହାର ଅସହ୍ୟ ଥିଲା ସାରୀ ପାଇଁ। ଅନତି ଦୂରରେ ଅନ୍ୟ ଶ୍ରମିକମାନେ ନିଜ ପାଇଁ ରୋଷେଇ କରିବାରେ ବ୍ୟସ୍ତ ଥିଲେ। ନିଜକୁ ଅସୁରକ୍ଷିତ ମନେ କରୁଥିଲା ସାରୀ।

ସୁପର ଭାଇଜର ବାହାରକୁ ଚାଲିଗଲା। ସାରୀ ପୁଣି ଖଟ ତଳକୁ ଓହ୍ଲାଇ ଆସିଲା।

କେତେ ହଲେଇଲା ସପନିକୁ। ସେ ଉଁ କି ଚୁଁ କିଛି ହେଉ ନଥାଏ।

କିଛି ସମୟ ପରେ ଟଳି ଟଳି ଘର ଭିତରକୁ ପଶିଆସିଲା ସୁପର ଭାଇଜର।

ଲୋକଟି ତେବେ ଖାଲି ଅଭଦ୍ର ନୁହେଁ ଘୋଡ଼ା ମଦୁଆ ବି।

ସାରୀ ମନକୁ ମନ ଶଙ୍କି ଗଲା।

କିଛି ମନ୍ଦ ଉଦ୍ଦେଶ୍ୟ ନାହିଁ ତ ଲୋକଟି ମନରେ ?

– ଏଇ ଭାଉଜ, ସତରେ ତମେ ନା ବହୁତ ହଟ୍। ତମର ଜାଗା ସେ କଳା ବିଟାଳ ସପନିର ପାଦ ତଳେ ନୁହେଁ ମୋ ଛାତି ଉପରେ। ଜାଣିଛ ତମେ ପ୍ରତି ରାତିରେ ଭିଡିଓ କଲ୍ କଲାବେଳେ ମୁଁ ଲୁଚି ଲୁଚି ଦେଖେ। କେବେଠୁ ତମକୁ ପାଇବାର ଆଶା ମନରେ ଜାଗିଥିଲା। ଆଜି ସତ ହେବାକୁ ଯାଉଛି ।ସପନି ଆମ ବାଟରେ କଣ୍ଟା ହେଲେ ତାକୁ ହଟେଇ ବାକୁ ମୋତେ ବେଶି ସମୟ ଲାଗିବନି। ଖାଲି ତା ମୁଣ୍ଡ ଫଟେଇଚି କଣ ନଦୀକୁ ପଥର ବାନ୍ଧି ଫିଙ୍ଗି ଦେବି। ତମେ ରାଜି ନହେଲେ ଏଇଟା ମୋର ଶେଷ ଉପାୟ।

ସାରୀ ଛାତି ଥରି ଉଠିଲା ଏମିତି ସବୁ ଶବ୍ଦରେ। ବକ୍ ବକ୍ ହେଉଥିଲା ସୁପର ଭାଇଜର। ତା' ପାଟି ଭଣ ଭଣ ଗନ୍ଧଉଥିଲା ।

ରାକ୍ଷସ କବଳରୁ ନିଜକୁ ଆଉ ସପନିକୁ ରକ୍ଷା କରିବାର ସୂତ୍ର ଖୋଜି ପାଉ ନଥିଲା । ନିଜକୁ ଧିକ୍କାର କଲା ସେ। କାହିକି ଗରିବ ଘରେ ଜନ୍ମ ହେଲା ଆଉ ସୁନ୍ଦରୀ ହେଲା ବୋଲି। ନିଜ ଜୀବନ ପ୍ରତି ତାର ଲୋଭ ନାହିଁ। ହେଲେ ଇଜ୍ଜତ ହରେଇ କେମିତି ସପନି ଆଗକୁ ଯିବ, କେମିତି ମୁହଁ ଦେଖେଇବ ତାକୁ ?

– ଭାଉଜ ତମ ପିଠିରେ କେହି ପଡ଼ିବେନି ଏଠି। କେତେ କେତେ କେଶ୍ ରଫା ଦଫା ହେଇ ଯାଉଚି ଆମ ଓଡ଼ିଶାରେ। ସବୁ ପ୍ରମାଣ ଥାଇ ପୋଲିସ୍ କଣ କରି ପକାଉଛି ? ମୋର କେହି କିଛି କରି ପାରିବେନି। ମୋ କଥା ନମାନିଲେ ଦୁହେଁ ମରିବ।

ଲୋମମୂଳ ଟାଙ୍କୁରି ଉଠିଲା ସାରୀର।

ସେ ଗୈଡ଼ିଯାଇ ସୁପର ଭାଇଜର ଗୋଡ଼ ଜାବୁଡ଼ି ଧରିଲା।

– ତାଙ୍କୁ ଛାଡ଼ି ଦିଅନ୍ତୁ ସାର୍।

ଭୋ ଭୋ କାନ୍ଦୁଥିଲା ସାରୀ।

– 'ଉଠ ଉଠ 'କହି ଖଟ ଉପରକୁ ଟାଣି ନେଲା ସାରୀକୁ। ପୁଣି ବାହାରକୁ ଚାଲିଗଲା । ଆଉ ଗୋଟିଏ ପେଗ୍ ମାରି ଫେରି ଆସିଲା। ତା ମନର ପାପ ମୁହଁରେ ଭୟଙ୍କର ଭାବରେ ଫୁଟି ଦିଶୁଥିଲା।

ସାରୀ ବିକଳ ହୋଇ ସପନି ମୁହଁକୁ ପୁଣି ଥରେ ଚାହିଁଲା। ଘର ଲାଇଟ୍ ଲିଭିଗଲା ମୁହୂର୍ତ୍ତକ ମଧ୍ୟରେ। ସାରୀ ନିଜ ଦେହରେ ଏକ ଶକ୍ତ ହାତର ସ୍ପର୍ଶ ଅନୁଭବ କଲା। ହଠାତ ଅନ୍ଧାରର ଛାତି ଚିରି ଗୋଟାଏ ବିକଟାଳ ଶବ୍ଦ ହେଲା। ରୋଷେଇ ଛାଡ଼ି ଶ୍ରମିକ ଆଉ ରେଜାମାନେ ଗୈଡ଼ି ଆସିଲେ।

କେହି ଜଣେ ଘର ଭିତରେ ସାହସ କରି ପଶିଲା ଆଉ ସୁଇଜ ଟିପି ବଲ୍ ଜାଳିଲା।

ଖଟ ଉପରେ ରକ୍ତ ଜୁଡୁ ବୁଡୁ ହେଇ ଛଟପଟ ହେଉଥିଲା ସୁପର ଭାଇଜର, ଆଉ ତାଙ୍କ ଉପରେ ବସି ରହିଥିଲା ସାରୀ । ହାତରେ ରକ୍ତ ଜୁଡୁ ବୁଡୁ ଲୁହା ରଡ ଖଣ୍ଡେ।

ବାହାରେ କୃଷ୍ଣ ପକ୍ଷର ଘନ ଘୋର ଅନ୍ଧକାର। ସାରୀ ଭିତରେ ଶୁକ୍ଳ ପକ୍ଷର ତୋଫା ଜହ୍ନରାତି।

*ମକୁନ୍ଦ ପୁର, ବାଙ୍କୀ*

*ମୋ : ୯୪୩୭୪୬୮୦୧୬*

## ନାଲି ଲିପିଷ୍ଟିକ

*ସୁବ୍ରତ କୁମାର ଜେନା*



ଏମିତି ଥିଲା ସେ ଦାଗ,
ଯାହା ଆଜି ଯାଏ ସେମିତି ଅଛି,
ଅବଶ୍ୟ ଶୁଖିଯାଇଛି ସମୟ ସହିତ,
ହେଲେ ଭାବ ସେମିତି ଅତୁଟ,
ସମୟ ଅସମୟରେ ଅନୁଭବ କରାଏ
ତୁମକୁ ମୋଠି ।

ସେଦିନ ଅନେକ ହସିଥିଲେ ଦେଖିଲା
ବାଲା,
କିଏ ମୁରୁକେଇ ମୁରୁକେଇ ,
ଆଉ କେହି ଈର୍ଷାନ୍ୱିତ ଭାବେ,
ଆଉ କେହି ହସିଥିଲେ ତାଙ୍କ ହିସାବରେ,
ଏମିତିରେ ମୁଁ କିନ୍ତୁ ଜାଣି ନଥିଲି ସେ
ହସର କାରଣକୁ,
କାହା ପାଖରେ ସମୟ ଥିଲା ଯେ !
ସେ ସବୁର କାରଣ ଖୋଜିବାକୁ,
ତୁମେଯେ ପାଖେ ଥିଲନା ।

ବୁଲା,ଗପା,ଖିଆ ଆଉ
ଅନେକ ମଜା ମସ୍ତି,
ଏଇତ ଆମ ଭାଷାରେ ଜୀବନର
କେତେ ରଙ୍ଗ,
ମନେ ଅଛିନା ସେ ପ୍ରଥମ ଦିନର
କଲେଜ କୁ,
ପ୍ରଥମ ଦିନର ସ୍କୁଲକୁ,
ପ୍ରଥମ ଦିନର ତୁମ
ସଙ୍ଗୀତ ପରିବେଷଣକୁ,
ଆଜିବି ସେତିକି ରୋମାଂଚିତ
କରେ ମତେ,
ତେବେ ସେ ସମୟ କଣ
ଅଟକେ କାହାଠି,
ସମସ୍ତଙ୍କ ଚେଷ୍ଟା କୁ ବିଫଳ କରିବାର
ଲକ୍ଷରେ ଧାଏଁ ସଦା ।
ସନ୍ଧ୍ୟାରେ ଘରେ ଉଲୁଗୁଣୀରେ ମୋ
ଧଳା ସାର୍ଟ,
ସମସ୍ତେ ଦେଖିଲେ,
ସମସ୍ତେ ଦେଖି ଚୁପ,
ହେଲେ ସିଏ କଣ ଚୁପ ରୁହେ କେବେ,
ଜମାରୁ ଛାଡିଲାନି ବେଙ୍ଗିତ କରିବା ଯାଏ,
ଅବଶ୍ୟ ହଡ଼ବଡରେ
ମୁଁ ବି କିଛି ବୁଝିନଥିଲି,
ଏ ଚିହ୍ନ କେମିତି ଆସିଲା,
ତଥାପି ସେ ଚିହ୍ନ ଆଜି ମୋର
ଅତିପ୍ରିୟ ସନ୍ତକ,
ତୁମଠୁ ବହୁତ ଦୂରକୁ
ଆସିଲା ପରେ ପରେ,
ଜାଣେନା ତୁମକୁ ମୁଁ
ମନେ ପଡେକି ନାହିଁ ॥

*ଶୁରଡିହ,ନନ୍ଦିପୁର, ଯାଜପୁର*

*ଦୂରଭାଷ-୯୭୭୬୨୦୮୯୩୦*

## ମୋ ଭାଷା ବଢିଆ

*ଲୀଳାବତୀ ପରିଡ଼ା*



ମୁଁ ଅଟେ ଓଡ଼ିଆ ମୋ ଭାଷା ବଢିଆ
ପ୍ରୀତି ମନ୍ଦାକିନୀ ବହେ,
ଓଡ଼ିଆ ଭାଷାର ପ୍ରେମ ମାଦକତା
ଆଉ କେଉଁଠି ବା ଶୋହେ ।
ରାଗ ରାଗିଣୀରେ ଛାନ୍ଦ ଚୌପଦୀରେ
ମୋ ଭାଷା ମହକି ଉଠେ,
ସାହିତ୍ୟ ଜଗତ କାବ୍ୟ କବିତାରେ
ସୁବାସ ବିତରି ଛୁଟେ।
ଜନନୀ ଜଠରୁ ପହିଲେ ପଡ଼ିଲି
କୁଆଁ କୁଆଁ ରାବ ଦେଇ,
ମାତୃଭାଷା ସେ ମା ? ଆହା କି ମଧୁର
ମନରେ ଗର୍ବ ଆସଇ।
ଉତ୍କଳଗୌରବ ସେ ମଧୁସୂଦନ
ଗୋପବନ୍ଧୁ ଗଙ୍ଗାଧର,
ବ୍ୟାସକବି ଭଞ୍ଜକବି ରାଧାନାଥ
ବରପୁତ୍ର ଓଡ଼ିଶାର।
ଜଗନ୍ନାଥ ଦାସ ପୁଣ୍ୟ ଭାଗବତ
ବଳରାମ ରାମାୟଣ,
ଆମ ମାତୃଭାଷା କେତେ ଯେ ବଳିଷ୍ଠ
ଦିଏ ତାହାର ପ୍ରମାଣ।
ପଢ଼ିବା ଓଡ଼ିଆ କହିବା ଓଡ଼ିଆ
ରଖିବା ଓଡ଼ିଆ ମାନ,
ମାତୃଭାଷା ପ୍ରୀତି ନଥାଏ ଯା ହୃଦେ
ସେ କିବା ଓଡ଼ିଆ ଜନ !
ମାତୃଭାଷା ଟେକ ରଖି ଯାଇଛନ୍ତି
ଆମ ପୂର୍ବ ପୂଜ୍ୟ ପିଢ଼ି,
ତାଙ୍କ ରକ୍ତ ବହେ ଆମ ଧମନୀରେ
ସେ କଥା କି ଯିବା ଭୁଲି !!

*ହିନ୍ଦୋଳ, ଢେଙ୍କାନାଳ,*

*ମୋ- ୯୮୬୧୯୪୫୬୨୬*

## ଦିପାବଳୀ ଅନୁଚିନ୍ତା

*ଆଦ୍ୟାଶା ମହାପାତ୍ର*



ଅସତ୍ୟ ଉପରେ ସତ୍ୟର ବିଜୟ
ଅଶାନ୍ତି ବିନାଶେ ଶାନ୍ତି
ହିଂସା ସ୍ଥାନ ନେଉ ଅହିଂସା କେତନ
ଜାଗି ଉଠୁ ଜାତି ପ୍ରୀତି
ପାପ ମୋକ୍ଷ ପ୍ରାପ୍ତ ? ପୂଣ୍ୟ ଝଳି ଉଠୁ
ବାଜୁ ଦିବ୍ୟ ପାଞ୍ଚଜନ୍ୟ
ଜୀବନ ସଂଗ୍ରାମେ ବିଜୟ ତିଳକ
ଆଙ୍କୁ ଏବେ ଅର୍ବାଚୀନ
ଅନ୍ୟାୟ ଅନୀତି ମିଥ୍ୟା କପଟତା
ଧ୍ୱଂସ ପାଉ ଦାବାନଳେ
ଦୟା ଧର୍ମ ଦାନ ପ୍ରୀତି ସ୍ୱାଭିମାନ
ଜାଗି ଉଠୁ ମହୀ ତଳେ
ଆଲୋକର ପର୍ବ ଦର୍ପ କରୁ ଖର୍ବ
ପ୍ରେମ ପାରିଜାତ ଫୁଟୁ
ସତ୍ୟ ସନାତନ ଦିବ୍ୟ ଚେତନାର
ମହମହ ବାସ ଛୁଟୁ
ସଞ୍ଚରିତ ହେଉ ଧରିତ୍ରୀ ଅଙ୍ଗନେ
ଆନନ୍ଦ ଉଲ୍ଲାସ ଶାନ୍ତି
ଗୁଞ୍ଜରିତ ହେଉ ଅପୂର୍ବ ଉଚ୍ଛ୍ୱାସେ
ସ୍ନେହ ସଂପ୍ରୀତିର ଗୀତି
ନିନାଦିତ ହେଉ ମଙ୍ଗଳ ସ୍ତବକ
ପ୍ରତିଟି ମନୁଷ୍ୟ କଣ୍ଠେ
ବିଚ୍ଛୁରିତ ହେଉ ଆଲୋକ ବର୍ଣ୍ଣାଳି
ଜୀବନର ଚଲାପଥେ

*ନୂଆପଡା, କଟକ*

## ପାର୍ବଣ ସମ୍ମହେନ

*ରତ୍ନକାନ୍ତି ମିଶ୍ର*



ତୁ ମାଟି ମଲାଟର ରୂପ
ଦେବୀ ଦୂର୍ଗା କାତ୍ୟାୟନୀ
ଅଲୌକିକ ଆଲୋଡନ ,
ମୁଁ ଛାର ଏକ ମୂଢ଼ମତି
ମାୟା ମୋହେ କବଳିତ
ଅକିଞ୍ଚନ ଜ୍ଞାନଶୁନ୍ୟ ॥
ତୁ ମା' ଅନନ୍ୟ ଅନୁଭବ
ଭକ୍ତ ପ୍ରାଣ ଆକର୍ଷଣ
ତୋ ପାଇଁ ଖଞ୍ଜା ଦୀପ ଧୂପ,
ମୁଁ ଖୋଜି ବୁଲେ ରାହା ଟିକେ
ଭିଟାମାଟି ଠୁ ଦାଦନ
ଲୋଡଇ ଦି' ମୁଠା ଭାତ ॥
ତୁ ମା' ଦଶଭୁଜା,କାଳୀ ,ଚଣ୍ଡୀ
ପତିତପାବନୀ ଗଙ୍ଗା
ଦିବ୍ୟ ରୂପେ ପ୍ରତିଭାତ,
ମୁଁ ନିଃସ୍ୱ କାଙ୍ଗାଳଟିଏ
ଲିଭିଲା ଦୀପର ଜ୍ୟୋତି
ତୋ ଦୃଷ୍ଟି ଆଢୁଆଳେ ରିକ୍ତ ॥
ତୁ ମା' ପାର୍ବଣର ସମ୍ମହେନ
ଆକାଂକ୍ଷିତ ଅଧିଷ୍ଠିତ
ମର୍ତ୍ତ୍ୟଲୋକେ ସାର୍ବଭୌମ,
ମୁଁ ଯେ 'ମୁଁ' କାର ସ୍ୱାଭିମାନ
ଅସ୍ତରାଗେ ଅଭିପ୍ରେତ
ସାମଗ୍ରିକ ସର୍ବନିମ୍ନ ॥
ତୁ ମା' ଦେବତାଗଣଙ୍କ ସ୍ତୁତି
କୋଟି ଜୀବନ ଆରାଧ
ଦର୍ଶନେ ଦୁର୍ଲଭ ଶାନ୍ତି,
ମୁଁ ଭକ୍ତିହୀନ କ୍ରିୟାହୀନ
ନଜାଣଇ ସ୍ତୋତ୍ର ମନ୍ତ୍ର
ଉଦ୍ଧାର ମା' ଜଗଧାତ୍ରୀ ॥

*ଆଳି, କେନ୍ଦ୍ରାପଡା*

## ତ୍ରିରଙ୍ଗା ଆଜିବି ମୋ ନାମ

*ଡୁଇଟ ଡେଭିଡ ଫିଲିପ*



ମୁଁ ଉଲଙ୍ଗ ହେଲି ବିଶ୍ୱ ଦରବାରରେ,
ଦ୍ରୌପଦୀ ତ ନୁହେଁ, ପୋଥି ବୋଲି
ରଖି ଦେଲ କି ?
ମୁଁ ଭୋକିଲା ହେଲି ମହା ସଭାରେ,
ଯୀଶୁଙ୍କ ବାଣୀ ବୋଲି, କିଏ ପଢ଼ିବ
କହିଲ କି ?
ମୁଁ କୁପୋଷଣ ବୋଲି ନାମ ପାଇଲି,
ଇଥିଓପିଆ ପ୍ରସିଦ୍ଧ ବୋଲି, ଆଖି ବୁଜି
ଦେଲ କି ?
ମୁଁ ଉଲଙ୍ଗ, ଭୋକିଲା, କୁପୋଷିତ,
କିଣି ଖାଇ ନପାରିବା ଲୋକ, ଭାରତୀୟ
ନୁହନ୍ତି ଭାବିଲ କି ?
ମୁଁ ମୁଁ ନୁହେଁ, ମୁଁ ଭାରତ,
ଭରସା କରିଛି, ରାମ, କୃଷ୍ଣ, ଯୀଶୁ
ଖ୍ରୀଷ୍ଟ, ଆଲ୍ଲା ଆକବର,
ମୋର କରାଳ ଡାକ,
ତୁମେ ସବୁ ଏକ ହୁଅ,
ଉଲଙ୍ଗ, ଭୋକିଲା, କୁପୋଷିତ, ତ୍ରିରଙ୍ଗା
ଆଜିବି ମୋ ନାମ।
ଦେଶ ନା ପ୍ରଦେଶ, ସବୁଠି ମୁଁ ସମାନ।

*ଚାଇବାଶା, ଝାଡ଼ଖଣ୍ଡ*

## ଅଭୁଲା ସ୍ମୃତି

*ସୁଦର୍ଶନ ମହାପାତ୍ର*



ଅଭୁଲା ସ୍ମୃତିର ବେଳାଭୂମି ପରେ
ପାଦଚିହ୍ନ ଦେଖେ ପଥ ଧାରେ
ଆନ୍ଦୋଳିତ କରେ ହୃଦୟ ତନ୍ତ୍ରୀ
ମନ ଗହନରେ ଉଙ୍କି ମାରେ ॥
ବିଜନ ମରୁ ରେ ସାଇତା ସପନ
ହାତ ଠାରି ଡାକେ ଆବେଗରେ
ବର୍ତ୍ତମାନ ଆସି ବାନ୍ଧି ଦେଇଯାଏ
ଆପଣା ବାହୁର ବନ୍ଧନରେ ॥
ଯେତେ ଚାହିଁଲେ ବି ଫେରି ମୁଁ ପାରୁନି
ଭିଜୁଛି ନୟନ ଲୋତକରେ
ନୀରବତା ଆଜି ମଥା ପିଟି କାନ୍ଦେ
ଅତୀତର କାଚକାନ୍ଥ ପରେ ॥
ବିଜନ ବେଳାରେ ଆଶ୍ୱାସନା ଆଣେ
ସ୍ମୃତି ଭିଜା କେତେ ଜହ୍ନ ରାତି
ସେହି ତ ଜୀବନେ ପ୍ରେରଣାର ଉତ୍ସ
ତାପାଇଁ ବ୍ୟାକୁଳ ହୁଏ ଛାତି ॥
ଅସ୍ତରାଗେ କେତେ ସପନର ଛବି
କେବେ ଆସି କେବେ ଯାଏ ଚାଲି
ସପନ ପୁରୀର ରାଜ କନ୍ୟା ସେତ
ନିଦାଘେ ନିରାଶା ମରୁ ବାଲି ॥
ହାତ ମୁଠାରୁ ସେ ଖସି ଯାଏ କେବେ
ସାର ହୁଏ ଖାଲି ଝୁରିବାରେ
ଭାବିଲେ କି ଲାଭ ସ୍ମୃତି ପଟଳରେ
ସବୁ ପ୍ରବାହିତ ସମୟରେ ॥

*କୁଞ୍ଜବିହାରୀ ଲେନ, କଟକ*

## ସମୟ ଯାଉଛି ଚାଲି

*କବିରତ୍ନ ନୂତନ କୁମାର ବେହେରା*



ସମୟ ଯାଉଛି ଚାଲି
ଦେଖୁ ଦେଖୁ ଆଜି
ହୋଇଯାଏ ଗତକାଲି,
ନିଦ ଭାଙ୍ଗେ ଯେବେ ଦେଖେ ମୁଁ
ଦୁନିଆଁକୁ ଆଖି ଖୋଲି
ଉଇଁ ଆସେ ସୁରୁଜ ଦିଶେ ସୁନେଲି
ମୁରୁଜ ଦେଇଛି ବୁଣି
ସୁଲୁ ସୁଲିଆ ପବନେ ଫୁଲ ଫୁଟି
ପାଖୁଡ଼ା ତାର ଦେଇଛି ମେଲି।
ଘଣ୍ଟା ମିନିଟ୍ କଣ୍ଟାର ଗତିରେ ଚାଲେ
ଦିନଟା ଯାଏ ବଢ଼ି ବଢ଼ି
ପୂର୍ବାହ୍ନ ମଧ୍ୟାହ୍ନ ଅପରାହ୍ନ ପରେ
ଘନ ଅନ୍ଧାରକୁ ଡାକି ସନ୍ଧ୍ୟା
ଆସେ ନଇଁ,
ଆଖିରେ ଭରି ଆସେ ନିଦ
ହୁଏ ନାହିଁ ଆଉ ଚାହିଁ
ଅଳସ ନିଦର ନୀରବତାରେ
ସପନ ଆସି ଯାଏ ଛୁଇଁ ଛୁଇଁ।
ଦିନ ରାତି ଏମିତି ଯାଏ ବିତି
ଏ ସମୟ ଯାଉଛି ଚାଲି
ଧନୀ ମାନୀ ଜ୍ଞାନୀ ଅବା ଗୁଣୀ
କେହି ବି ପାରନ୍ତି ନାହିଁ ତାକୁ ରୋକି,
ଅଜ୍ଞାନ ଅବିବେକୀ ଗର୍ବ କରି ଦମ୍ଭରେ
କରେ ଖାଲି ଅଯଥା ଅହଂକାର
ବୁଝେନା ଆସିଛି ଏକା ଯିବ ଏକା
ଅଧାବାଟେ ଆଶା ଭରସା
ରହିବ ଅଟକି।
ସମୟକୁ ଅବା କିଏ ରଖିପାରେ ସଞ୍ଚି
ସେ ତ କାଳର କାଳ
ଇଚ୍ଛାଧୀନ ସ୍ୱାଧୀନ ସ୍ୱତନ୍ତ୍ର
ତାକୁ ହୁଏ ନାହିଁ କେବେ ଜୟ କରି,
ପାଖରେ ଅଛି ଯେ ପର୍ଯ୍ୟନ୍ତ ସେ ସମୟ
ତାର ସୁବିନିଯୋଗରେ
ଦାୟିତ୍ୱ ବୁଝି ତୁଲାଇଲେ କର୍ତ୍ତବ୍ୟ
ମନ ହୃଦୟେ ଶାନ୍ତି ତୃପ୍ତି ଯାଏ ଭରି।
ସମୟ ଯାଉଛି ଚାଲି...

*ବାରିପଦା,ମୟୂରଭଞ୍ଜ*

## ସନ୍ଦେହ

*ରାହାସ କୁମାର ବେହେରା*



ସନ୍ଦେହର ନିଆଁ ଜଳେ ଧୀରେ ଧୀରେ
ଯେବେ ମିଶିଯାଏ
ଆଉଟିକେ ଅବିଶ୍ୱାସର ବାଆ
ହଠାତ ହୁତ ହୁତ ହୋଇ ଜଳେ
ସମ୍ପର୍କର ଚାଳ ଛପର
ମିଳେନି ଶତ ଚେଷ୍ଟା ପରେ
ଟିକେ ବଂଚିବାର ରାହା ।
ସନ୍ଦେହ ହଳାହଳ ଅଜଗର/
ଅହିରାଜ ବିଷ
ଭାଙ୍ଗେ ହସ ଖୁସି ସବୁ ସୁନାର ସଂସାର
ନିସ୍ତେଜ କରିଦିଏ ଅବୟବ ଭାବନାର
ଯେତେ ସବୁ ଦୟା,କ୍ଷମା,
ଉତ୍ତମ ବିଚାର।
ସନ୍ଦେହରେ ଅହଲ୍ୟା ହୋଇଲେ ପଥର
ସୀତା ମାତା ନିର୍ବାସିତା ପାଇଲେ
କେତେ ଅନାଚାର
ଜଣେ ପାଦ ସ୍ପର୍ଶ ? ହୋଇଲେ ଉଦ୍ଧାର
ଆଉ ଜଣେ ପ୍ରଜା ବତ୍ସଳ
ଅନ୍ୟ ସୁଖ ପାଇଁ
ମିଶିଗଲେ ମାଟିରେ
ଫେରିଲେନି ଅଯୋଧ୍ୟା ନଅର ।
ସନ୍ଦେହ ଏକ ବିରାଟ ଗରଳ ପାଦପ
ମେଲେ ଶାଖା ,ଡାଳେ ଭରେ ଫୁଲ,
ଫଳ ପାପ ଯେ ଅମାପ
ଜୀବନ ଭୁଞ୍ଜିଲେ ହୁଏ ରୋଗ,
ଶୋକ ,ଦୁଃଖ,ବ୍ୟାଧି ,ଅଭାବ
ଭାଙ୍ଗେ ସ୍ୱପ୍ନ ଉଜୁଡେ ସମ୍ପର୍କ
ବିରହ ,ବିଛେଦେ ଝରେ ଲୁହ
ଅନେକ ଅନେକ ।

*ବାଲ୍ୟମ୍ବା ,ଭାପୁର*

*ଢେଙ୍କାନାଳ: ୭୫୯୦୧୫*

*ମୋ : ୯୪୩୮୧୧୪୩୬୮*

## ପ୍ରେମର ଫଲଗୁ

*ସୁଧାକର ରାଉତ*



ବାରବାର ମୋତେ ମନାକର କିଆଁ
କହିବାକୁ ଫୁଲ କଥା
ଅମାନିଆ ମନ ଫୁଲ ବାସେ ବାରେ
ତୁମ ଅନୁରାଗ ବ୍ୟଥା ।
ଅସୂର୍ଯ୍ୟପଶ୍ୟା ସେ ପାଖୁଡା ତୁମର
ହୋଇ ଏବେ କୀଟ ଦଂଷ୍ଟ
ଅତୀତ ମୁହୂର୍ତ୍ତ ସ୍ମୃତି ଉଜାଗରେ
କରନ୍ତି ପୁନଃ ବିନିଷ୍ଟ ।
ଭୟେ ଚକ୍ଷୁ ମୁଦି ଅନ୍ଧକାରେ ଦେଖେ
ସେ ମଖମଲି ପାଖୁଡା
ଦଂଶନ ପାଇଁ କି ଉଦ୍ୟତ ହୁଅନ୍ତି
ଦେହକୁ କରି ଉଜୁଡା ।
ତୁମ ମନ ଫୁଲ ର ପ୍ରତି ପୃଷ୍ଠାରେ
ଲେଖିଥିଲି ଯେଉଁ ନାମ
ସଂଯୋଗ ବଶତଃ ସେ ନାମଟି ହେଲା
ତୁମ ସମ୍ଭୋଗରେ ବାମ ।
ଦୁଃଖେ ଜର୍ଜରିତ ପାଣ୍ଡୁର ଜୀବନେ
ଥିଲ ମୋ ପ୍ରେମ ମହକ
ସମ୍ପର୍କ ର ଦ୍ୱାହି ଦେଇ ସମୀରଣେ
ଆସେନା ସେଇ ପୁଲକ ।
ଚିରଦିନ ଚିରକାଳ ତୁମ ପ୍ରେମେ
ବଦଳି ଗଲା ଜୀବନ
ତୁମର ସୁନେଲି କିରଣ ବଦଳେ
ଆଣିଦେଲ ଘୁର୍ଣ୍ଣି ଘନ ।
ଝରି ପଡୁଥିବା ଖେଦ ଶିଶିରକୁ
ମୁକୁତା ଭଳି ସାଇତି
ନୂଆ ଫରଦ ଯୋଡିବାର ସେ ପ୍ରଚେଷ୍ଟା
ଶମଶାନେ ହେବ ଇତି ।

*ପ୍ରତାପ ନଗରୀ,କଟକ*

*ମୋ ୮୨୪୯୯୩୨୭୯୨*

## ଏକା ଏକା....

*ରମାକାନ୍ତ ଦାସ*



ଏକାଏକା ବେଳେବେଳେ
ସବୁଥାଇ ନଥିଲା ପରି ଲାଗେ
ତୁମ କଥା ବହୁତ ମନେପଡେ
ଏପାଖେ ସେପାଖେ
ଖୋଜିବୁଲେ ମୁଁ ତୁମକୁ
ଭାରି ଅସହାୟ ଲାଗେ ତୁମବିନା ॥
ଆତ୍ମୀୟତାର ନିବିଡ଼ ସମ୍ପର୍କରେ
ବାନ୍ଧିବାକୁ ଚାହୁଁଥିଲି ତୁମକୁ
ହେଲେ ପାରିଲିନି
ଏ ସମୟ କାଲି ବି ଥିଲା
ଆଜି ବି ଅଛି
ବାସ୍ ଫରକ ଏତିକି
କାଲି ସମୟ ସହିତ
ତୁମେ ମୋ ସହିତ ଥିଲ
ଆଉ ଆଜି ମୁଁ ସମ୍ପୂର୍ଣ୍ଣ ଏକା !!
ଏ ବେଇମାନ ସମୟ
ଅଲଗା କରିଦେଲା ଆମ ଦୁହିଁଙ୍କୁ
ତୁମବିନା ରଙ୍ଗହୀନ ଲାଗେ ଜୀବନ
ବେଳେବେଳେ ଏମିତି ଲାଗେ
ତମ ଛାଇ ମତେ ହାତଠାରେ
ହେଲେ କେବେ ତୁମକୁ
ପାଇପାରେ ନାହିଁ
ଆଖିରୁ ମୋ ଝରିଯାଏ
ହଜାର ହଜାର ଟୋପା ଲୁହ
ତୁମେ ଆସିଥିଲ ନିଜ ଇଚ୍ଛାରେ
ଚାଲିଯାଇଛ ବି ନିଜ ଇଚ୍ଛାରେ
ହେଲେ ଆଜି ବି ମୁଁ
ତୁମ ସ୍ମୃତିକୁ ସାଇତି ରଖି
ଏକା ଏକା ରହିଛି
ତୁମ ଅପେକ୍ଷାରେ.... !!

*ନନ୍ଦିଗ୍ରାମ ,ନାଉଗାଁ ,ଜଗତସିଂହପୁର*

*ମୋ-୯୬୬୮୮୧୫୩୬୯*




# ଦୀପାବଳୀ





ପ୍ରାଚୀନ କାଳରୁ ଆମର କଳା, ସାହିତ୍ୟ, ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ରତା ପ୍ରଦର୍ଶନ କରି ଆସିଛି। ଏହି ସ୍ୱତନ୍ତ୍ରତା ମଧ୍ୟରେ ପରିଲକ୍ଷିତ ହୁଏ ଆମର ପର୍ବପର୍ବାଣି, ପର୍ବ ପର୍ବାଣୀକୁ ଛାଡିଦେଇ ଆମର ସାଂସ୍କୃତିକ, ସାମାଜିକ ଓ ଆଧ୍ୟାତ୍ମିକତାର ବୈଭବକୁ ମାପିବା ଅସମ୍ଭବ। ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ଆମର ମୁନି ଋଷିମାନେ ବୋଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବପର୍ବାଣୀ। ତାହା ମଧ୍ୟରୁ ଦୀପ ବା ପ୍ରଦୀପ ପ୍ରଜ୍ୱଳନ ଶୁଭର ପ୍ରତୀକ ଦୀପାବଳୀ। ଦୀପମାନଙ୍କର ସମୂହ ପଂକ୍ତି ଜାଳି ଯେଉଁ ଉତ୍ସବ କାର୍ତିକ ଅମାବାସ୍ୟାରେ ପାଳିତ ହୁଏ ତାହା 'ଦୀପାବଳୀ' । ହିନ୍ଦୁ ମାନଙ୍କର ସବୁ ପର୍ବ ସହିତ ରହିଛି ପୌରାଣିକ, ଆଧ୍ୟାତ୍ମିକ, ସାମାଜିକ, ଐତିହାସିକ ଓ ସାଂସ୍କୃତିକ ଜନଶ୍ରୁତି। ଶ୍ରୀରାମଚନ୍ଦ୍ର ରାବଣକୁ ବଧ କରିବା ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତନ ଘଟଣା ସହିତ ଦୀପାବଳୀ ଉତ୍ସବ ସଂଶ୍ଳିଷ୍ଟ। ଅଯୋଧ୍ୟାବାସୀ ନିଜର ରାଜ୍ୟକୁ ସୁସଜ୍ଜିତ କରି ଦୀପଜାଳି ରାମ-ଲକ୍ଷ୍ମଣ-ସୀତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଭବ୍ୟ ସମ୍ବର୍ଦ୍ଧନାର ସ୍ମାରକୀ ହେଉଛି ଦୀପାବଳୀ। ଏହିଦିନ ନୃସିଂହ ରୂପେ ନାରାୟଣ ହିରଣ୍ୟ କଶ୍ୟପକୁ ବଧ କରି ଭକ୍ତ ପ୍ରହ୍ଲାଦକୁ ରକ୍ଷା କରିଥିଲେ। ସମୁଦ୍ର, ମନ୍ଥନରୁ ଲକ୍ଷ୍ମୀ ଦୀପାବଳୀ ଦିନ ସମ୍ଭୂତା ହୋଇଥିଲେ। ସେଥିପାଇଁ



ଏହି ଦିନ ଲକ୍ଷ୍ମୀପୂଜା ମଧ୍ୟ କରାଯାଏ। କାର୍ତିକ ଅମାବାସ୍ୟାରେ ଦୀପାବଳୀ ସହ କାଳୀପୂଜାର ପ୍ରଚଳନ ବହୁ ପ୍ରାଚୀନ କାଳରୁ ହୋଇଆସୁଛି। ଦୁର୍ଗତିନାଶିନୀ ମହାମାୟା ମହାଚଣ୍ଡୀଙ୍କର ଦଶ ରୂପ ହେଉଛି କାଳୀ, ତାରା, ଭୁବନେଶ୍ୱରୀ, ଷୋଡ଼ଶୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଓ କମଳା। ନୃମୁଣ୍ଡମାଳିନୀ, କରାଳ ବଦନା କାଳୀ ସମସ୍ତ ଦାନବୀୟ ଗୁଣକୁ ନାଶ କରି କାଳରାତ୍ରୀ ରୂପେ ଅନ୍ଧାରକୁ ଦୂରେଇ ଆଲୋକ ପ୍ରଦାନ କରି ଥାଆନ୍ତି। ସେଥିପାଇଁ ଆମେ କାଳି ପୂଜା କରିଥାଉ। ଦୀପାବଳୀ ଦିନ ବାମନଙ୍କ ଦୟାରୁ ସପ୍ତ ପାତାଳରେ ବଳିରାଜା ଦ୍ୱାରା ବନ୍ଦିନୀ ଲକ୍ଷ୍ମୀ ଅନ୍ୟ ଦେବତା ମାନଙ୍କ ସହିତ ମୁକ୍ତି ଲାଭ କରିଥିଲେ। ରାଜା ବଳୀ କାର୍ତିକ ଅମାବାସ୍ୟା ତିଥିରେ ଅର୍ଦ୍ଧ ରାତ୍ରିରେ ପୃଥିବୀ ଭ୍ରମଣ କରିବାକୁ ବାମନଙ୍କଠାରୁ ଅନୁମତି ପାଇଥିଲେ। ବଳୀଙ୍କ ସୁଶାସନରୁ ବଂଚିତ ପ୍ରଜାଗଣ ବର୍ଷରେ ଥରେ ବଳୀଙ୍କୁ ପାଇ ଖୁସିରେ ଦୀପ ଜାଳି ସ୍ୱାଗତ କରିଥାଆନ୍ତି। ଦୀପାବଳୀରେ ଶ୍ରୀକୃଷ୍ଣ ନରକାସୁରକୁ ବିନାଶ କରି ଷୋଳ ହଜାର କନ୍ୟାକୁ ମୁକ୍ତି ପ୍ରଦାନ କରିଥିଲେ। ଏଥିପାଇଁ ଜନସାଧାରଣ ଖୁସିରେ ନରକୋତ୍ସବ ପାଳନ କରିଥାଆନ୍ତି। ଦୀପାବଳୀକୁ ଜୈନମାନେ "ଯକ୍ଷ ରାତ୍ର ଉତ୍ସବ" ଭାବେ ପାଳନ କରିଥାନ୍ତି। ରାଜା ବିକ୍ରମାଦିତ୍ୟ ଏହି ଦିନ ସିଂହାସନ ଆରୋହଣ କରି ଗୁପ୍ତାବ୍ଦ ପ୍ରଚଳନ କରିଥିଲେ। ହର୍ଷ ବର୍ଦ୍ଧନ ମଧ୍ୟ ଦୀପାବଳୀ ପାଳନ କରୁଥିବାର ପ୍ରମାଣ ମିଳେ। ଜୈନ ତୀର୍ଥଙ୍କର ମହାବୀର ବର୍ଦ୍ଧମାନ ଏହି ଦିନ ନିର୍ବାଣ ଲାଭ କରିଥିଲେ। ଶିଖ୍ ଗୁରୁ ହର ଗୋବିନ୍ଦ ସିଂହକୁ ଆଉରଙ୍ଗଜେବ ଏହିଦିନ କାରାଗାରରୁ ମୁକ୍ତ କରିଥିଲେ। ଦୀପାବଳୀ ଦିନ ରାତ୍ରିରେ ପ୍ରତି ଘରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ ଉତ୍ସବ ପାଳନ ହୁଏ। ଶ୍ରାଦ୍ଧ ସହିତ ଜ୍ୱଳନ୍ତ ବଳିତା, କାଉଁରିଆ କାଠିରେ ଆଲୋକ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଏ। ସେହି ସମୟରେ ଲୋକମାନେ ଉଚ୍ଚ ସ୍ୱରରେ ଗାଆନ୍ତି " ବଡ ବଡୁଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ"। ଗଙ୍ଗା ଯାଅ ଗୟା ଯାଅ, କାଶୀ ଯାଅ, ପୁରୁଷୋତମରେ ମହା ପ୍ରସାଦ ଖାଇ ବାଇଶି ପାହାଚରେ ଗଡ ଗଡଉ ଥାଅ"। ଦୀପାବଳୀ ଦିନ ମହାକାଳୀଙ୍କ ପୂଜା ସହିତ ଲକ୍ଷ୍ମୀ-ଗଣେଶଙ୍କ ପୂଜା କରାଯାଇଥାଏ। ଏହିଦିନ ଲୋକମାନେ ନୂଆ ପୋଷାକ ପରିଧାନ କରିଥାଆନ୍ତି। ରାତ୍ରରେ ଆଲୋକସଜ୍ଜା ସହିତ ବାଣ ଫୁଟାଯାଏ। ଏପରିକି ଲୋକମାନଙ୍କ ମଧ୍ୟରେ ବାଣ ପ୍ରତିଯୋଗିତା ଆରମ୍ଭ ହୋଇଯାଏ। ଆଜିକାଲି ପରିବେଶ ସୁରକ୍ଷା ଓ ଶବ୍ଦ ପ୍ରଦୂଷଣ ରକ୍ଷା ପାଇଁ ବାଣ ଫୁଟାଇବା ଉଚିତ୍ ନୁହେଁ। ବର୍ଷା ଋତୁରେ ଜନ୍ମିତ କୀଟ ପତଙ୍ଗ ଦୀପାଲୋକରେ ନଷ୍ଟ ହୋଇଯାଆନ୍ତି। ଦୀପାବଳୀ ଦିନ ପଶୁ ବଳୀ, ଜୁଆ ଓ ନିଶା ସେବନରୁ ଆମେ ଦୂରେଇ ରହି ଭକ୍ତି ଓ ଶ୍ରଦ୍ଧାରେ ପୂର୍ବ ପୁରୁଷଙ୍କୁ ଦୀପ ଜାଳି ଆଶୀର୍ବାଦ ଭୀକ୍ଷା କରିବା ଉଚିତ୍ । ଦୀପାବଳୀ ଏକ ଜାତୀୟ ପର୍ବ। ଏହି ଆଲୋକର ଉତ୍ସବ ତ୍ୟାଗ, ସଂଗଠନ ଓ ପବିତ୍ର ଭାବର ସନ୍ଦେଶ ପ୍ରଦାନ କରେ। ଆଲୋକ ଅନ୍ଧକାର ଦୂର କରିବା ପରି ଆମ ହୃଦୟରୁ ଅଜ୍ଞାନ ଅନ୍ଧକାର ଦୂର କରିବା ଏହି ପର୍ବର ଲକ୍ଷ୍ୟ। ସାମାଜିକ ଜୀବନକୁ ସୁଦୃଢ଼ ଓ ମଧୁମୟ କରିବା ପାଇଁ ଦୀପାବଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୀପାବଳୀ କହେ-

*"ଦୀପ ପରି ଜଳି ନର କର ବିଶ୍ୱ ଉପକାର*
*ହୃଦୟ ତିମିର ନାଶ କରି ହୁଅ ଅଗ୍ରସର।"*

**—ଅକ୍ଷୟ କୁମାର ରାଉତ**
ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର,
ମୋ-୯୯୩୭୬୯୧୪୭୫

# ଖାଉଟି ସୁରକ୍ଷା ଆଇନର ଗତି କୁଆଡେ ?



ଉପଭୋକ୍ତା ବା ଖାଉଟିର ସୁରକ୍ଷା ପାଇଁ ୧୯୮୬ ମସିହାରେ କେନ୍ଦ୍ର ସରକାର ଏକ ଐତିହାସିକ ଆଇନର ବ୍ୟବସ୍ଥା କରିଥିଲେ, ଯାହାକି ସେତେବେଳେ ସାରା ଦେଶରେ ଗ୍ରାହକମାନେ ଶୋଷଣର ଶୀକାରରୁ ନିଜକୁ ଦୂରେଇ ରଖିବା ସହ ନିଜ ଅଧିକାରକୁ ଜାହିର କରିପାରିଥିଲେ । କୌଣସି ବ୍ୟବସାୟୀ ଆପଣଉ ଥିବା ଅସାଧୁ କାରବାରରୁ ନିବୃତ ହେବାକୁ ବାଧ୍ୟ ହେଉଥିଲା । ଖାଉଟିମାନଙ୍କୁ ଉଚିତ ଅଧିକାର ଦେବାରେ ଏ ଆଇନ ସହାୟକ ହୋଇ ବହୁ ଅସାଧୁ ବ୍ୟବସାୟୀଙ୍କୁ ଆଇନ ପରିସରକୁ ଟାଣି ଆଣି ଦଣ୍ଡିତ କରିଛି । ଆଇନକୁ ସରଳ ଓ ସାବଲିଳ କରିବା ପାଇଁ ସେତେବେଳେ ବହୁ କସରତ କରି ଆଇନ ବିଶାରଦମାନେ କିଭଳି ଖାଉଟି ବିନା ଖର୍ଚ୍ଚରେ ଅତି କମ୍ ସମୟରେ ସୁଫଳ ପାଇ ପାରିବ ସେଥିପାଇଁ ସତତ ଚେଷ୍ଟା ଆଇନ ଜରିଆରେ ବ୍ୟବସ୍ଥା କରିଥିଲେ । ଖାଉଟି ସୁରକ୍ଷା ଆଇନ ମାଧ୍ୟମରେ ଖାଉଟିମାନଙ୍କର ଅନେକ ଗୁଡିଏ ବିବାଦକୁ ସମାଧାନ କରିବା ପାଇଁ ବହୁ ବ୍ୟବସ୍ଥା କରାଯିବା ସହ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଥିଲା ଖାଉଟିମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ତିନିମାସ ସମୟ ଧାର୍ଯ୍ୟ କରାଯାଇଥିଲା, ଏବଂ ଅଧିକ ଅନୁସଂଧାନର ଆବଶ୍ୟକତା ଥିଲେ ଅଭିଯୋଗ ଶୁଣାଣି ୫ମାସ ମଧ୍ୟରେ ଶେଷ କରାଯିବ । କିନ୍ତୁ ପ୍ରାୟ ୩୫ ବର୍ଷ ପରେ ଆଜି ଉପରୋକ୍ତ ଆଇନ ମୂଲ୍ୟହୀନ ହୋଇ ଯାଇଛି । ତ୍ୱରିତ ସେବା ପ୍ରଦାନ ପରିବର୍ତେ ଆଜି ବର୍ଷ ବର୍ଷ ଧରି ଅଭିଯୋଗଗୁଡିକ ପଡି ରହୁଛି । ଯାଦୁଆ ଯାଦୁ ମଲମ ବିକ୍ରି କଲା ଭଳି ଖାଉଟି ବିଭାଗ ହାତରେ ଖାଉଟିମାନଙ୍କର ସୁରକ୍ଷାର ଦାୟିତ୍ୱ ଦିଆଯାଇଥିଲା । ଫଳରେ ଖାଉଟିମାନଙ୍କର ସ୍ୱାର୍ଥ ଆଗରେ ଅସାଧୁ ଅଧିକାରୀମାନଙ୍କର ଅଧିକାର ବନ୍ଧା ପଡିଗଲା । ଖାଉଟି ବିଭାଗ ଅଧିକାରୀ ଓ ଅସାଧୁ ବ୍ୟବସାୟୀଙ୍କ ମଧୁ ଚନ୍ଦ୍ରିକା ଆଇନକୁ ଦିଗହରା କରି ଦେଲା । ଆଇନକୁ ଲୋକାଭିମୁଖୀ କରିବା ପାଇଁ ବାରମ୍ବାର ସଂଶୋଧନ କରାଯାଇ ପରିବର୍ତନ କରାଗଲା । ସାଧାରଣ ଜନତାକୁ ସୁବିଧା ଦେବା ନାଆଁରେ ଆଇନର ପ୍ରତିଟି ଅଙ୍ଗକୁ ଛେଦନ କରାଗଲା । ବିଚାର ପ୍ରକ୍ରିୟାକୁ ଦୃଢିଭୂତ କରିବା ପରିବର୍ତେ ନିଯୁକ୍ତି ନାଆଁରେ ଅଯଥା ସମୟ ନେଲେ । ଫଳରେ ନ୍ୟାୟ ପାଇଁ ଚାହିଁ ରହିଥିବା ଗ୍ରାହକଟି ଆହୁରି ହିନସ୍ତା ହେଲା । ଖାଉଟି ଅସାଧୁ ବ୍ୟବସାୟୀଠାରୁ ଯେତିକି କ୍ଷତିଗ୍ରସ୍ତ ହୋଇନାହିଁ, ତାଠାରୁ ଅଧିକ ମାନସୀକ ଓ ଶାରିରୀକ ନିର୍ଯ୍ୟାତନା ଭୋଗିଲା । ଅଯଥା ଅଭିଯୋଗ ଗୁଡିକର ବିଚାର ବର୍ଷ ବର୍ଷ ଧରି ପଡି ରହିଲା । ବିଚାର ପ୍ରକ୍ରିୟାର ମୂଖ୍ୟ ଅଙ୍ଗ ବିଚାର ବିଭାଗ ହାତକୁ ନ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ଦ୍ୱାରା ଆଜି ଅବହେଳିତ ହୋଇ ରହି ଯାଇଛି ।

ଖାଉଟି ସୁରକ୍ଷା ଆଇନ ୧୯୮୬ରେ ଅଭିଯୋଗଗୁଡିକୁ ବିଚାର ପାଇଁ ପ୍ରଥମେ ଜିଲ୍ଲା ସ୍ତରରେ ପ୍ରତ୍ୟେକ ଜିଲ୍ଲାପାଇଁ ବିଚାରାଳୟ ଓ ସମଗ୍ର ରାଜ୍ୟପାଇଁ ରାଜ୍ୟ ଆୟୋଗର ବ୍ୟବସ୍ଥା ରହିଥିଲା । ଆଇନ ଅନୁଯାୟୀ ଜିଲ୍ଲା ଜଜ୍‌ଙ୍କୁ ଜିଲ୍ଲା ବିଚାରାଳୟର ଅଧ୍ୟକ୍ଷ ଓ ଅପରପକ୍ଷରେ ରାଜ୍ୟ ଉଚ୍ଚ ନ୍ୟାୟାଳୟର ଜଣେ ମାନ୍ୟବର ବିଚାରପତିଙ୍କୁ ରାଜ୍ୟ ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବାର ବ୍ୟବସ୍ଥା ଥିଲା । ଫଳରେ ଖାଉଟି ତାର ଅଭିଯୋଗର ଉଚିତ ନ୍ୟାୟ ଠିକ ସମୟରେ ପାଇପାରୁଥିଲା । ପରବର୍ତି ସମୟରେ ଖାଉଟି ମାନଙ୍କର ସଚେତନତା ଯୋଗୁଁ କ୍ରମେ ଅଭିଯୋଗ ବଢିବା ସହ ଏଥିପାଇଁ ସ୍ୱତନ୍ତ୍ର ବିଚାରପତି ନିଯୁକ୍ତିର ଆବଶ୍ୟକତା ରହିଲା ଓ ପରବର୍ତି ମୁହୂର୍ତରେ ତାହାହିଁ ହେଲା ନୂତନ ସଭାପତି ନିଯୁକ୍ତି ପ୍ରକ୍ରିୟା ଖାଉଟି ବିଭାଗ ହାତରେ ରହିଲା ଓ ଖାଉଟି ବିଭାଗ ନିଯୁକ୍ତି ପ୍ରକ୍ରିୟାକୁ ଜାଣିଶୁଣି କାଳକ୍ଷେପଣ ନୀତି ଆପଣେଇ ବର୍ଷ ବର୍ଷ ଧରି ଅଧ୍ୟକ୍ଷ ନିଯୁକ୍ତି ନ କରାଯାଇ ପଦବୀକୁ ଖାଲି ରଖାଗଲା । ଫଳରେ ଅଭିଯୋଗଗୁଡିକର ବିଚାର ହୋଇ ନ ପାରି ପଡି ରହିଲା ଓ ଖାଉଟିମାନେ ଏ ପ୍ରକ୍ରିୟାକୁ ପ୍ରହସନ ଭାବି ଏବେ ଏ ଆଇନଠାରୁ ନିଜକୁ ଦୂରେଇ ରଖିବାକୁ ବାଧ୍ୟ ହେଉଛନ୍ତି । ଅଭିଯୋଗକାରୀ ଅଭିଯୋଗ ଦାଖଲ ବେଳେ କୌଣସି ଦେୟ ବା କୋର୍ଟ ଫି ଅଭିଯୋଗ ପତ୍ର ସହ ନ ଦେବାକୁ ଆଇନରେ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା ଥିଲା, ଯାହାକି ଏ ଆଇନର ଏହା ମୂଳ ଉଦ୍ଦେଶ୍ୟ ହୋଇ ରହିଥିଲା । କିନ୍ତୁ ସରକାର ଅଭିଯୋଗପତ୍ର ସହ ଜିଲ୍ଲା ସ୍ତରରେ ସର୍ବନିମ୍ନ ୧୦୦ଟଙ୍କାରୁ ଆରମ୍ଭ କରି ଅଧିକ ଫିସ ଦେୟର ବ୍ୟବସ୍ଥା କରି ଉଦ୍ଦେଶ୍ୟଠାରୁ ସଂପୂର୍ଣ୍ଣ ଦୂରେଇ ଯାଇଛନ୍ତି । ସେହିଭଳି ରାଜ୍ୟ ଆୟୋଗ ଓ ଜାତୀୟ ଆୟୋଗରେ ମଧ୍ୟ ଅଭିଯୋଗ କରିବାକୁ ହେଲେ ଅନୁରୂପ ଫିସ୍‌ର ବ୍ୟବସ୍ଥା ରହିଛି । ଅଭିଯୋଗକାରୀ ବା ତାଙ୍କର କ୍ଷମତାପ୍ରାପ୍ତ ଯେକୌଣସି ବ୍ୟକ୍ତି ଅଭିଯୋଗ ଦାଖଲ କରି ପାରିବା ସହ ଜିଲ୍ଲାସ୍ତରୀୟ ବିଚାରାଳୟ ବା ରାଜ୍ୟ ଆୟୋଗଙ୍କ ଇଜିଲାସରେ ଡାକ ଯୋଗେ ଆସିଥିବା ଅଭିଯୋଗପତ୍ର ଗ୍ରହଣ କରାଯିବାର ବ୍ୟବସ୍ଥାକୁ ଏ ଜରିଆରେ ବନ୍ଦ କରି ଦେଇଛନ୍ତି । ଖାଉଟି ଅଭିଯୋଗ ପତ୍ର ପ୍ରଦାନ ସମୟରେ ଏକ ସାଧାରଣ ଘୋଷଣାନାମା ଦେବାର ପ୍ରଥମେ ବ୍ୟବସ୍ଥା ଥିବା ବେଳେ ବର୍ତମାନ ଆଫିଡେଭିଟ ପ୍ରଦାନ କରିବା ଭଳି ଅଜବ ନିର୍ଦ୍ଦେଶ ପ୍ରଦାନ ଫଳରେ ଖାଉଟି ଏଥିରୁ କୌଣସି ସୁଫଳ ପାଇପାରୁନାହିଁ । ଦେୱାନୀ ଅଦାଲତରେ ମାମଲାର ଅହେତୁକ ବିଳମ୍ବ ଓ କୋର୍ଟ ଫି'ରୁ ଖାଉଟିଙ୍କୁ ମୁକ୍ତ ରଖିବାର ମୂଳ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଗଢା ଯାଇଥିବା ଖାଉଟି ସୁରକ୍ଷା ଆଇନ କ୍ରମେ ସାଧାରଣ ଖାଉଟିଙ୍କଠାରୁ ଦୂରେଇ ଗଲା ଭଳି ପ୍ରତୀୟମାନ ହେଉଛି । ଆଜି ଗଣମାଧ୍ୟମରେ ପ୍ରଚାର ସର୍ବସ୍ୱ ଭାବେ ଗ୍ରହଣ କରିଥିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜାଗୋ ଗ୍ରାହକର ଏକ ଶସ୍ତା ସ୍ଲୋଗାନ ଦେଇ ଚାଲିଥିବା ବେଳେ ଖାଉଟି ସୁରକ୍ଷା ଆଇନ ୧୯୮୬ ମୂଲ୍ୟହୀନ ହେବାକୁ ଯାଉଛି, ଏ ବିଷୟରେ କାହାର ବି ଧ୍ୟାନ ନାହିଁ । ଖାଉଟି ଆଜି ବି ନିଜର ଅଧିକାର ପାଇବା ପାଇଁ ସନ୍ଦିହାନ । ଖାଉଟି ଆଜି ବି ନିଜର ଜୀବନ ଓ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରୁଥିବା ଯେକୌଣସି ଉତ୍ପାଦନ ବସ୍ତୁ, ଉତ୍ପାଦନ ପ୍ରକ୍ରିୟା ଓ ସେବାମୂଳକ ଅନୁଷ୍ଠାନ ବିରୁଦ୍ଧରେ ସ୍ୱର ଉତୋଳନ କରିବାରେ ଅସମର୍ଥ । ଉପଭୋକ୍ତାକୁ ଠକାମୀ କିମ୍ବା ବିଜ୍ଞାପନ ବା ଲେବୁଲ୍ ମାଧ୍ୟମରେ ପ୍ରଲୁବ୍ଧ କରୁଥିବା ପଦ୍ଧତିରେ ପ୍ରଭାବିତ ନ ହୋଇ ଦ୍ରବ୍ୟର ପରିମାଣ, ଗୁଣ, ସାମର୍ଥ୍ୟ, ବିଶୁଦ୍ଧତା, ଓଜନ ଓ ମୂଲ୍ୟ ଆଦିର ସଠିକ ବିବରଣୀ ଜାଣିବାରେ ଅସମର୍ଥ, ଏକଚାଟିଆ ବ୍ୟବସାୟୀଙ୍କ ଠାରୁ ଉପଯୁକ୍ତ ସେବା ତଥା ମୂଲ୍ୟ ବିଷୟରେ ଜାଣିବା ଓ ପ୍ରତିଯୋଗିତାମୂଳକ ମୂଲ୍ୟର ଭିନ୍ନ ଭିନ୍ନ ଜିନିଷ ପାଇବା ପାଇଁ ଆଶ୍ୱାସନା ପାଇବାକୁ ଅସମର୍ଥ । ଅବିଳମ୍ବ ବସ୍ତୁ କିମ୍ବା ସେବା ଜନିତ ଆର୍ଥିକ କ୍ଷତିପୂରଣ ପାଇବା ତଥା ବିଚାରାଳୟରେ ଖାଉଟି ସୁରକ୍ଷା ପାଇବାରେ ଅସମର୍ଥ ।ଯେ କୌଣସି ବସ୍ତୁ ବା ସେବା ମାଧ୍ୟମରେ ଖାଉଟିଙ୍କ ଶୋଷଣ ବିରୁଦ୍ଧରେ ପ୍ରତିକାର କରିବାରେ ଅସମର୍ଥ । ଖାଉଟି ନିଜର ଅଧିକାରଗୁଡିକ ବିଷୟରେ ସଚେତନ ରହିବା ଓ ତାହାକୁ ସାବ୍ୟସ୍ତ କରିବା ପାଇଁ ଶିକ୍ଷାଲାଭ କରିବାରେ ଅସମର୍ଥ । ଏଣୁ ଏସବୁ ଦିଗରେ ସରକାର ତୁରନ୍ତ ଦୃଷ୍ଟି ଦେଇ ତ୍ୱରିତ ନ୍ୟାୟ ପ୍ରଦାନ କରି ଖାଉଟିମାନଙ୍କୁ ଆଇନ ଅନୁଯାୟୀ ତିନି ମାସ ମଧ୍ୟରେ ଅଭିଯୋଗଗୁଡିକର ଫଇସଲା କରିବାର ନିର୍ଭର ପ୍ରତିଶ୍ରୁତି ଦେଲେ ଆଇନ ପ୍ରତି ଯଥାର୍ଥରେ ସମ୍ମାନ ରହିଛି ବୋଲି ପ୍ରତିପାଦନ କରନ୍ତୁ ।

**ଆଡଭୋକେଟ ଗୋପାଳ ଚନ୍ଦ୍ର ନାଥ**
*ସାମ୍ବାଦିକ, ଅନୁଗୋଳ, ମୋ-୯୪୩୭୨୯୦୬୬୨*


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Mahaditya Publication

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com


# କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ୭ଜଣ ଦଲାଲଙ୍କୁ ଗିରଫ କଲା ପୋଲିସ




ଭୁବନେଶ୍ୱର (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ୭ଜଣ ଦଲାଲଙ୍କୁ ଟାଉନ ଥାନା ପୋଲିସ ଗୁରୁବାର ପୂର୍ବାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଛି। ସଦର ମହକୁମା ଡାକ୍ତରଖାନାକୁ ଗ୍ରାମାଞ୍ଚଳରୁ ଆସୁଥିବା ଗରୀବ ତଥା ଅସହାୟ ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ଏହି ଦଲାଲମାନେ ପ୍ରଲୋଭିତ କରିବା ସହ ଭୁଲାଇ ବେସରକାରୀ ନର୍ସିଂହୋମକୁ ନେଇଯିବା ପରେ ସେଠାରେ ସେମାନଙ୍କୁ ଶୋଷଣ କରାଯାଉଥିବା ବାରମ୍ବର ଅଭିଯୋଗ ହୋଇଆସୁଥିଲା। ଏସମ୍ପର୍କରେ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଆଜି ଏକ ବିଶେଷ ସୂତ୍ରରୁ ଖବର ପାଇବା ପରେ ଟାଉନ ଥାନାର ଭାରପ୍ରାପ୍ତ ଅଧିକାରୀ ତପନ କୁମାର ନାୟକ ଡାକ୍ତରଖାନା ପରିସରକୁ ଏକ ସାଦା ପୋଷାକଧାରୀ ପୋଲିସ ଟିମ ପଠାଇଥିଲେ। ସବଇନିସପେକ୍ଟର ରତିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ସଦର ମହକୁମା ଡାକ୍ତରଖାନାକୁ ଯାଇ ଚଢାଉ କରିଥିଲା। ଡାକ୍ତରଖାନା ପରିସରରେ ଥିବା ଟିକଟ କାଉଁଟର ଓ ଡାକ୍ତର ରୋଗୀ ଦେଖୁଥିବା ସ୍ଥାନରୁ ୭ଜଣ ଦଲାଲଙ୍କୁ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ଠାରୁ ଅର୍ଥ ଉତ୍କୋଚ ନେଉଥିବା ବେଳେ ପୋଲିସ କାବୁ କରିନେଇଥିଲେ। ଡାକ୍ତର ବିରଞ୍ଜନ ସ୍ୱାଇଁଙ୍କ ପାଖରେ ଥିବା ଦଲାଲମାନଙ୍କୁ ପୋଲିସ ଗିରଫ କରୁଥିବା ବେଳେ ଡା. ସ୍ୱାଇଁ ପୋଲିସକୁ ବାଧା ଦେଇଥିବା ନେଇ ଟାଉନ ଥାନା ଅଧିକାରୀ ଶ୍ରୀ ନାୟକଙ୍କ ଠାରୁ ସୂଚନା ମିଳିଛି। ଏହି ଦଲାଲମାନେ ସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା କରାଇଦେବା ଏବଂ ରୋଗୀଙ୍କୁ ଭୁଲାଇ ତଥା ପ୍ରଲୋଭିତ କରି ବେସରକାରୀ ନର୍ସିଂହୋମ ଓ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ନେଉଥିବା ପୋଲିସ କହିଛି। ସବଇନିସପେକ୍ଟର ଶ୍ରୀ ନାୟକଙ୍କ ଏତଲା ଆଧାରରେ ଥାନା କେଶ ନମ୍ବର ୧୮୦/୨୦୨୨ରେ ଆଇ.ପି.ସି.ର ୪୨୦ ଓ ୩୪ଦଫାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିବା ଟାଉନଥାନା ପରିସରରେ ଅନୁଷ୍ଠିତ ଏକ ପତ୍ରକାର ସମ୍ମିଳନୀରେ କେନ୍ଦ୍ରାପଡା ଏସଡିପିଓ ଜୟନ୍ତ ମହାପାତ୍ର କହିଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ୩ହଜାର୧୩୦ ଟଙ୍କା ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ହେଉଛନ୍ତି କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଂସାର ଗ୍ରାମର ନଟବର ସେଠୀଙ୍କ ଝିଅ ସ୍ୱର୍ଣ୍ଣମୟୀ ସେଠୀ(୩୪), ମାର୍ଶାଘାଇ ଥାନା ଅନ୍ତର୍ଗତ ମାର୍ଶାଘାଇ ଗ୍ରାମର ବିଜୟ କୁମାର ଦାସଙ୍କ ପତ୍ନୀ ଶସ୍ମିତା ବେହେରା(୩୫), କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଖଡିଅଙ୍ଗ ଗ୍ରାମର ସୁଶାନ୍ତ ନାୟକଙ୍କ ପତ୍ନୀ ସୁପ୍ରିୟା ନାୟକ(୪୫), ଟାଉନ ଥାନା ଅନ୍ତର୍ଗତ ଚାଟରାପାଟଣା ଗ୍ରାମର ଜୟନ୍ତ କୁମାର ଓଝାଙ୍କ ପତ୍ନୀ ଜୟନ୍ତୀ ସାହୁ(୬୨), ଯାଜପୁର ଜିଲ୍ଲାର ବରି ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ନିଳପଡା ଗ୍ରାମର କାଙ୍ଗାଳି ଚରଣ ରାଉତଙ୍କ ପୁଅ ଅବଧୁତ ରାଉତ(୩୯) ଏବଂ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଦଳିବାଡି ଗ୍ରାମର କାଙ୍ଗାଳି ଚରଣ ମଲିକଙ୍କ ପୁଅ ଶୁକଦେବ ମଲିକ(୩୯)।

## କଂଗ୍ରେସ ନେତୃବୃନ୍ଦଙ୍କୁ ଦିଲ୍ଲୀକୁ ନିମନ୍ତ୍ରଣ

ଭୁବନେଶ୍ୱର(ପିଏନ୍)- ଆସନ୍ତା ୨୬ ଅକ୍ଟୋବର ୨୦୨୨ରିଖ ସକାଳ ଘ.୧୦.୩୦ ମି. ସମୟରେ ଦିଲ୍ଲୀ ୨୪ ଆକବର ରୋଡ଼ ସ୍ଥିତ ଅଖିଳ ଭାରତ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟଠାରେ ନବନିର୍ବାଚିତ ଅଖିଳ ଭାରତ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କୁ ଦଳୀୟ ନିର୍ବାଚନରେ ଜିତିଥିବାର ପ୍ରମାଣପତ୍ର ମୁଖ୍ୟ ନିର୍ବାଚନ କର୍ତୃପକ୍ଷ ଶ୍ରୀଯୁକ୍ତ ମଧୁସୂଦନ ମିସ୍ତ୍ରୀ ପ୍ରଦାନ କରିବେ। ଏହି ଉପଲକ୍ଷେ ନୂଆଦିଲ୍ଲୀ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ସଭାର ଆୟୋଜନ କରାଯାଇଅଛି । ଏହି ସଭାକୁ ସିଡବ୍ଲ୍ୟୁସି ମେମ୍ବର, ପ୍ରଦେଶ କଂଗ୍ରେସ ସଭାପତି, ସିଏଲପି ନେତା, ବିଧାନ ପରିଷଦର କଂଗ୍ରେସ ନେତା, ଏଆଇସିସି କର୍ମକର୍ତା, ଅଖିଳ ଭାରତ ଜାତୀୟ କଂଗ୍ରେସର ସମସ୍ତ ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ, ସାଂସଦ, ପୂର୍ବତନ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, କଂଗ୍ରେସ ଶାସିତ ରାଜ୍ୟର ମନ୍ତ୍ରୀବୃନ୍ଦ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଓ ପୂର୍ବତନ କଂଗ୍ରେସ ବିରୋଧିଦଳ ନେତା, ପ୍ରଦେଶ କଂଗ୍ରେସର କାର୍ଯ୍ୟକାରୀ ସଭାପତିବୃନ୍ଦଙ୍କୁ ଏହି ସଭାକୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରାଯାଇଅଛି ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

## ୬୩ତମ ପୁଲିସ୍ ସହୀଦ୍ ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ପୁଲିସ୍ ପ୍ରଶାସକ ପକ୍ଷରୁ ୬୩ତମ ପୁଲିସ୍ ସହୀଦ୍ ଦିବସ ବାଲେଶ୍ୱର ରିଜର୍ଭ ପୁଲିସ୍ ପଡ଼ିଆ ଠାରେ ପାଳିତ ହୋଇଯାଇଛି। ଆଇ.ଜି. ଶ୍ରୀ ହିମାଂଶୁ କୁମାର ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ତଥା ସମାଜ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ପୁଲିସ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଏସପି ସୁଧାଂଶୁଶେଖର ମିଶ୍ର ମଧ୍ୟ ଏଥିରେ ଉପସ୍ଥିତ ଥିଲେ।




# ଆୟୋଡିନ ଅଭାବଜନିତ ରୋଗ ନିୟନ୍ତ୍ରଣ ଜିଲ୍ଲାସ୍ତରୀୟ ଦିବସ ପାଳିତ

ବଲାଙ୍ଗିର,(ପି.ଏନ): ମଣିଷ ଶରୀର ପାଇଁ ଆୟୋଡିନ ଏକ ଆବଶ୍ୟକୀୟ ଅଣୁ ପୋଷକ ତତ୍ୱ, ଯାହା ସ୍ୱାଭାବିକ ଅଭିବୃଦ୍ଧି ଏବଂ ମାନସିକ ବିକାଶ ଘଟିବା ପାଇଁ ଅତି ଆବଶ୍ୟକ। ଉପଯୁକ୍ତ ମାତ୍ରାରେ ଆୟୋଡିନ ଯୁକ୍ତ ଲୁଣ ସେବନ ହିଁ ଆୟୋଡିନ୍ ଅଭାବଜନିତ ରୋଗ ନିରାକରଣର ଏକମାତ୍ର ଉପାୟ। ତେଣୁ ହସୁଥିବା ସୂର୍ଯ୍ୟ ଚିହ୍ନ ଥିବା ଲୁଣ ପ୍ୟାକେଟରୁ ହିଁ ଆୟୋଡିନ ଯୁକ୍ତ ଲୁଣ ସେବନ କରିବା ଉଚିତ ବୋଲି ଆଜି ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆୟୋଡିନ ଅଭାବଜନିତ ରୋଗ ନିୟନ୍ତ୍ରଣ ଦିବସ ଅବସରରେ ମତ ପ୍ରକାଶ ପାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ( ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡାକ୍ତର ପଦ୍ମହଂସା ଦୋରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିବା ବେଳେ ଡିପିଏମ୍ ବିଶ୍ୱମ୍ବର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ, ଜନସ୍ୱାସ୍ଥ ସଂପ୍ରସାରଣ ଅଧିକାରୀ, ବିପିଏମ, ସମସ୍ତ କାର୍ଯ୍ୟକ୍ରମ ପରିଚାଳକ, ଆଇସିଡିଏସ୍ ସୁପରଭାଇଜର ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ, ଅଣସଂକ୍ରାମକ ରୋଗ ପରିଚାଳକ ଗୀତାଞ୍ଜଳି ମେହେର, ଆଶା ସଂଯୋଜକ ତରଣୀସେନ୍ ପ୍ରଧାନ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

# ସ୍ୱେରେଜ ସଂଯୋଗିକରଣ ଗୃହମାଳିକ ସମେତ ସରକାରୀ ଯାଗା ଜବରଦଖଲକାରୀ ମାନେ ମଧ୍ୟ ନେଇପାରିବେ

ରାଉରକେଲା,(ପି.ଏନ): ରାଉରକେଲା ସହରରେ ସ୍ୱେରେଜ ବୋର୍ଡ ତରଫରୁ ମୁଖ୍ୟ ଲାଇନ ସହର ସାରା ବିଛାଯିବା ପରେ ଏବେ ଏହି ନାଳକୁ ନିଜଘରର ମଇଳା ପାଣି ଓ ମଇଳା ଲାଇନକୁ ସଂଯୋଗ କାମ ଆରମ୍ଭ ହୋଇଥିବା ବେଳେ ଏହି ସଂଯୋଗିକରଣ ପ୍ରତି ଘର ମାଲିକ ବ୍ୟବସାୟିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ଆପାର୍ଟମେଂଟ ସମେତ ସରକାରୀ ଯାଗା ଜବର ଦଖଲ କରି ରହୁଥିବା ଓ ବେପାର କରୁଥିବା ଲୋକ ମାନେ ମଧ୍ୟ ଏହି ସଂଯୋଗିକରଣର ଫାଇଦା ନେଇପାରିବେ ବୋଲି ଏହାର ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି । ତେବେ ଏହି କାମ ସିଭିଲ ଟାଉନ ଅଂଚଳରେ ପ୍ରଥମେ ଆରମ୍ଭ ହୋଇ ଏବେ ଛେଣ୍ଡକୁ ଆସିଛି । ତେବେ ଏହା କିଭଳି ହେବ ସେ ନେଇ ଲୋକେ ଦ୍ୱନ୍ଦରେ ଥିବା ବେଳେ ଏହାର ମୁଖ୍ୟ କହିଛନ୍ତି ଯେ ,ଏଥିଲାଗି ଏକ ଫର୍ମ ମିଳୁଛି, ଏହାକୁ ପୁରଣ କରି ସେଥିରେ ଘରର କୌଣସି କାଗଜର ଫଟୋକପି ସଂଯୋଗ କରି ସିଭିଲ ଟାଉନ ସ୍ୱେରେଜ ବୋର୍ଡ ଅଫିସରେ ଦେବା ପରେ ଏହାର ସ୍ୱୀକୃତି ଦିଆଯିବ । ତାପରେ ନିଜ ଖର୍ଚ୍ଚରେ ଏ ସଂଯୋଗ ବିଷୟରେ ଜାଣିଥିବା ଠିକାଦାର ମିସ୍ତ୍ରୀଙ୍କ ଦ୍ୱାରା କାମ କରାଇ ନେବାକୁ କୁହାଯାଇଛି । ଏ ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ କୁହାଯାଇଛି । ଏନେଇ ୧୨ ଜଣ ମିସ୍ତ୍ରୀଙ୍କୁ ତାଲିମ ଦିଆଯାଇଛି, ସେ ତାଲିକା ମଧ୍ୟ ରଖାଯାଇଛି । ସେମାନଙ୍କର ସହଯୋଗ ମଧ୍ୟ ନିଆଯାଇପାରିବ । ତା ଛଡା ଏହାକୁ ନେଇ ସଚେତନତା ମେଳା ମଧ୍ୟ କରାଯାଉଛି। ଆଗାମୀ ୨୭ତାରିଖରେ ଛେଣ୍ଡରେ ଏହି ମେଳା ଅନୁଷ୍ଠିତ ହେବ। ସେଠାରେ ଆବେଦନ ଫର୍ମ ଗ୍ରହଣ ମଧ୍ୟ ଗ୍ରହଣ କରାଜିବ ବୋଲି କୁହାଯାଇଛି । ବାକି ରହିଲା ଯେଉଁ ମାନେ ସରକାରୀ ଯାଗା ଜବରଦଖଲ କରି ଘର, ଅନୁଷ୍ଠାନ କରି ରହୁଛନ୍ତି ସେମାନେ ଏଥିଲାଗି ଏକ ଏଗ୍ରିମେଂଟ ଦେବେ ଯେଉଁଥିରେ ଲେଖା ରହିବ ଭବିଷ୍ୟତରେ ଏହି ସ୍ୱୀକୃତି ପତ୍ରକୁ ଅଦାଲତରେ ବ୍ୟବହାର କରିପାରିବେ ନାହିଁ, ପରେ ସେମାନେ ଏହି ସଂଯୋଗ ନେଇ ପାରିବେ, ମନ ଇଛା ନେଲେ ସେମାନେ ଏଥିଲାଗି ଦଣ୍ଡିତ ହେବେ ବୋଲି ନିର୍ବାହୀ ଅଧିକାରୀ ବସନ୍ତ ଡାକୁଆ ପ୍ରକାଶ କରିଛନ୍ତି ।

## ୧୭ ଗ୍ରାମ ବ୍ରାଉନସୁଗର ଜବତ, ୪ ଅଭିଯୁକ୍ତ ଗିରଫ

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ଧର୍ମଶାଳା ଥାନା ଅଂଚଳରୁ ୧୭ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ ।ଗତ କିଛି ଦିନ ହେବ ଏହି ଧଳା ଜହର କାରବାର ଯାଜପୁର ଜିଲାରେ ବୃଦ୍ଧି ପାଇଛି । ପୋଲିସ ପ୍ରଶାସନ ଏହି କାରବାର ଉପରେ ନଜର ରଖିଥିଲା । କୌଣସି ସୂତ୍ରରୁ ଖବର ପାଇ ଯାଜପୁର ଜିଲା ପୋଲିସ ସ୍କ୍ୱାର୍ଡ ଓ ଧର୍ମଶାଳା ପୋଲିସ ଚଢଉ କରିଥିଲେ । ଗୁରୁବାର ରାତିରେ ଧର୍ମଶାଳା ଥାନା ଦେଉଳି ପାହାଡ ନିକଟରେ ବ୍ରାଉନସୁଗର କାରବାର ଚାଲିଥିବା ବେଳେ ପୋଲିସ ସେଠାରୁ ୪ ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା । ସେମାନଙ୍କ ନିକଟରୁ ୧୭ ଗ୍ରାମରୁ ଉର୍ଦ୍ଧ୍ୱ ବ୍ରାଉନସୁଗର ଜବତ କରି ତଦନ୍ତ ଚଳାଇଥିଲା । ଏଥି ସହିତ ସେମାନଙ୍କ ନିକଟରୁ ଗୋଟିଏ ବାଇକ୍, ୫ଟି ମୋବାଇଲ ଓ ନଗଦ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ଚୋରମୁହାଁ ଗ୍ରାମର ଗୋଲଖ ବିହାରୀ ଦତଙ୍କ ପୁଅ ଅରୂପଲାଲ ଓରଫ ଟୁଲୁ (୩୫), ଭଦ୍ରକ ଥାନା ଅନ୍ତର୍ଗତ ବଉଳ ପୋଖରୀ ଗ୍ରାମର ବନ ମଲ୍ଲିକଙ୍କ ପୁଅ ବାପି (୨୦) ଭଦ୍ରକ ଜିଲା ଧୁସୁରୀ ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ନରେନ୍ଦ୍ର ଜେନାଙ୍କ ପୁଅ ଫକିର ମୋହନ (୨୯) ଓ ବରପାଡ ଗ୍ରାମର ଗୌରାଙ୍ଗ ମୁଣ୍ଡାଙ୍କ ପୁଅ ଲମ୍ବୁ (୩୦) ବୋଲି ଜଣାପଡିଛି । ଏ ସଂକ୍ରାନ୍ତରେ ଥାନାରେ କେସ୍ ନଂ ୫୭୩/୨୨ରେ ଏକ ମାମଲା ରୁଜୁ ହୋଇଛି ଓ ଏହି ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ମାଟି ତଳୁ ବିପୁଳ ପରିମାଣର ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ପୋଲିସକୁ ପୁଣି ଏକ ବଡ ସଫଳତା ମିଳିଛି । ଦୀର୍ଘ ଦିନ ଅପେକ୍ଷା ପରେ ଚଳିତ ମାସ ୧୯ ତାରିଖ ଦିନ ମାଲକାନଗିରି ଏସଓଜି ଓ ଡିଭିଏଫ ଯବାନ ମାନେ ମାଓ ବିରୋଧୀ ଅଭିଯାନ ନିମନ୍ତେ ତୁଳସୀ ପାହାଡ଼ ଅଭିମୁଖେ କୁମ୍ବିଙ୍ଗ ଅପରେସନ ଆରମ୍ଭ କରିଥିଲେ । ତୁଳସୀ ପାହାଡ଼ ଅନ୍ତର୍ଗତ କଟୁଆପଦର ଗାଁ ନିକଟ ଜଙ୍ଗଲରେ କୁମ୍ବିଙ୍ଗ ଅପରେସନ ସମୟରେ ମାଟି ତଳେ ପୋତା ହୋଇଥିବା ବିପୁଳ ପରିମାଣର ମାଓ ସାମଗ୍ରୀ ଓ ବିସ୍ଫୋରକ ପାଇଥିଲେ । ଏହି ମାଓ ସାମଗ୍ରୀ ମଧ୍ୟରେ ମାଓ ପୁସ୍ତିକା, ୨ ଟି ବନ୍ଧୁକ, ୬ ଟି ଆଇଡି ବୋମା, କିଛି ଔଷଧ ମଧ୍ୟ ଜବତ ହୋଇଥିଲା । ଏହି ଜବତ ସାମଗ୍ରୀ ମଧ୍ୟରେ ବିପୁଳ ମାତ୍ରାରେ ଗର୍ଭ ନିରୋଧକ ଔଷଧ ମିଳିଥିଲା । ଯାହାକି ମହିଳା ମାଓବାଦୀ ମାନଙ୍କୁ ବଡ ବଡ କ୍ୟାଡର ମାନେ ଅଧିକ ମାତ୍ରାରେ ଶୋଷଣ କରୁଥିବା ଜଣାପଡୁଛି । ମାଲକାନଗିରି ଜିଲ୍ଲାରୁ ଅନେକ ଅଂଚଳ ମାଓ ମୁକ୍ତ ହୋଇଥିବା ବେଳେ ଅନେକ କ୍ୟାଡର ମାଓବାଦୀ ଆତ୍ମ ସମର୍ପଣ ମଧ୍ୟ କରିଛନ୍ତି । ତେବେ ଯେଉଁ ମାନେ ବର୍ତମାନ ମାଓ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି ସେମାନେ ମାଓବାଦୀ କାର୍ଯ୍ୟକଳାପ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଏସଡିପିଓ ଶୁଭେନ୍ଦୁ ପାତ୍ର ଆହ୍ୱାନ ଦେଇଛନ୍ତି ।

# କାଗଜ କଳ ଅବସରପ୍ରାପ୍ତ ଶ୍ରମିକମାନଙ୍କ ଧାରଣା ନଭେମ୍ବର ୩ ରୁ

ଜୟପୁର, (ପି.ଏନ): ଜୟପୁର ସେବା କାଗଜ କଳର ଅବସରପ୍ରାପ୍ତ ଶ୍ରମିକ ମାନେ ସେମାନଙ୍କ ଇପିଏଫ୍, ପେନସନ୍, ବକେୟା ପାଉଣା ପାଇବା ପାଇଁ ଦୀର୍ଘ ବର୍ଷ ଅପେକ୍ଷା କରି ଶେଷରେ କାରଖାନା ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୁର୍ଣ୍ଣ ଧାରଣା ଦେବା ପାଇଁ ଆଜି ମଦର୍ ଆର୍ଥ କମ୍ପାନୀର ୟୁନିଟ୍ ହେଡ୍ ଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହାର ନକଲ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶ୍ରମ ସଚିବ, ଶିଳ୍ପ ସଚିବ, ଶ୍ରମ କମିଶନର, କୋରାପୁଟ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଉପଜିଲ୍ଲାପାଳ, ଡି ଏଲ୍ ଓ, ପୋଲିସ ଅଧିକାରୀ ସମସ୍ତଙ୍କୁ ଦେଇଛନ୍ତି ।ପ୍ରକାଶଯୋଗ୍ୟ ଯେ, ସେବା କାଗଜ କଳର ମ୍ୟାନେଜମେଂଟ ବିଜିପିପିଏଲ୍ ଦାୟିତ୍ୱରେ ରହିଥିଲା, କିନ୍ତୁ ୨୦୨୦ ଫେବୃଆରୀ ମାସରୁ ବିଜିନେସ୍ ଟ୍ରାନ୍ସଫର୍ ଏଗ୍ରିମେଂଟ ବା ବିଟିଏ ଜରିଆରେ ନୂଆ କମ୍ପାନୀ ମଦର ଆର୍ଥ କମ୍ପାନୀ ବା ଏମ୍ ଇ ଆର୍ ପି ଏଲ୍ କମ୍ପାନୀ ହାତକୁ ମ୍ୟାନେଜମେଂଟ ଭାର ନେଇଛି। ଉକ୍ତ ବିଟିଏ କୁ ଦେଖେଇ କାରଖାନା ପୁନଃ ଚାଲୁ କରିବା ପାଇଁ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ୧୫୦ କୋଟି ଋଣ ୨୦୨୦ ଜୁନ୍ ମାସ ରୁ ନେଇଛି । ସେଥିରୁ ୧୦୦ କୋଟି ପୁରୁଣା ବିଜିପିପିଏଲ୍ ମୁଖ୍ୟ ଗୌତମ ଥାପର କୁ ଦେଇଛି ଅର୍ଥାତ୍ ଗୋଟିଏ ରୁଗଣ କାରଖାନା କୁ ଚଳେଇବା ନାଁ ରେ ଋଣ ନେଇ ମାଲିକ ମାନେ ମାଲା ମାଲ୍ ହେଇଗଲେ ଅଥଚ ନିରୀହ ଶ୍ରମିକମାନଙ୍କ ବକେୟା ପାଉଣା ଏବଂ ପି ଏଫ୍ ଆଦି ବିଷୟକୁ ଅଣଦେଖା କରିଛନ୍ତି। ଆଜି ପର୍ଯ୍ୟନ୍ତ ଶ୍ରମିକ ମାନେ ସେମାନଙ୍କ କଷ୍ଟାର୍ଜିତ ପିଏଫ ଟଙ୍କା ପାଇପାରିଲେ ନାହିଁ । ସମୁଦାୟ ବକେୟା ପାଉଣା ର ହିସାବ ତାଲିକା ମ୍ୟାନେଜମେଂଟ ଦେଇ ସେଥିରେ ସର୍ତ ରଖିଛି ୫,୫୦୦ ମେଟ୍ରିକ୍ ଟନ୍ ଉତ୍ପାଦନ ହେଲେ ଏସବୁ ପାଉଣା ଦିଆଯିବ । ଏଭଳି ସର୍ତ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ହତାଶ କରିଛି । କମ୍ପାନୀ ର ଧାର୍ଯ୍ୟ ଲକ୍ଷ ହାସଲ କରିବା ସମ୍ଭବପର ହେବ, କିନ୍ତୁ ସେହି ଲକ୍ଷ ହାସଲ ପାଇଁ ଆବଶ୍ୟକ କଂଚାମାଲ, କୋଇଲା, କେମିକାଲ ରଖିବାକୁ ହେବ । ଏବେ ମଧ୍ୟ ଶ୍ରମିକ ମାନଙ୍କୁ ପ୍ରାୟ ଅଧାଦରମା ହିଁ ଦିଆଯାଉଛି ।ମାସକୁ ୭୦୦/୮୦୦ ଟନ୍ ଉତ୍ପାଦନ ହେଉଛି । ନୂଆ ମ୍ୟାନେଜମେଂଟ ପାଣ୍ଠି ବିନିଯୋଗ କଲେ ହୋଇପାରିବ କିନ୍ତୁ ସେଥିପାଇଁ ଦୃଷ୍ଟି ଥିବା ଅନୁମେୟ ହୋଇପାରୁନି। ଇତିମଧ୍ୟରେ ଅନେକ ଶ୍ରମିକ ଅବସର ପରେ ଚିକିତ୍ସା ପାଇଁ ଅର୍ଥ ଅଭାବରୁ ମରିଗଲେଣି, ଅନେକ ରୋଗିଣା ଶ୍ରମିକ ଟଙ୍କା ପାଉନାହାନ୍ତି। ଶ୍ରମିକ ମାନଙ୍କ ର ଜମା ଟଙ୍କା ବା ପିଏଫ୍ ସେମାନେ ପାଇପାରୁ ନାହାନ୍ତି । ଏସବୁ ସତ୍ୱେ ଅବସରପ୍ରାପ୍ତ ଶ୍ରମିକ ମାନେ କମ୍ପାନୀ କୁ ପୁନଃ କାର୍ଯ୍ୟକ୍ଷମ କରାଇବା ପାଇଁ ଅଳ୍ପ ଦରମା ରେ ମଧ୍ୟ କାମ କରୁଛନ୍ତି । କେବେ ପରିସ୍ଥିତି ସୁଧୁରିବ ତାର କୌଣସି ଗ୍ୟାରେଂଟି ନାହିଁ । ଶ୍ରମିକ ମାନଙ୍କର ଇପିଏଫ ଟଙ୍କା ଆଗରୁ କରମ୍ ଚାନ୍ଦ୍ ଥାପର ପିଏଫ୍ ଟ୍ରଷ୍ଟ ରେ ରହୁଥିଲା। ନୂଆ କମ୍ପାନୀ ନିଜସ୍ୱ ନୂଆ ନମ୍ବରରେ ପିଏଫ ଜମା କରୁଛି, କିନ୍ତୁ ଟ୍ରଷ୍ଟ ରୁ ରିଜିଓନାଲ୍ ପିଏଫ୍ କମିଶନ କୁ ଅର୍ଥ ଟ୍ରାନ୍ସଫର୍ ହୋଇପାରୁନି । ମ୍ୟାନେଜମେଂଟ କହୁଛି ଶୀଘ୍ର ହୋଇଯିବ କିନ୍ତୁ ତତ୍ପରତା ଅଭାବରୁ ହୋଇପାରୁ ନାହିଁ । ବର୍ତମାନ ସୁଦ୍ଧା ଦ୍ୱିତୀୟ ମେସିନ୍ ଚାଲିପାରୁ ନାହିଁ । ମ୍ୟାନେଜମେଂଟର ଶ୍ରମିକ ମାନଙ୍କ ପ୍ରତି ଏତାଦୃଶ ବ୍ୟବହାର ଗଭୀର ଆଶଙ୍କା ସୃଷ୍ଟି କରିଛି । ଏହାକୁ ଦୂର କରି ସରକାରଙ୍କ ହସ୍ତକ୍ଷେପ ଲୋଡ଼ିବା ଉଦ୍ଦେଶ୍ୟରେ ଅନ୍ୟ ପନ୍ଥା ନପାଇ ଅବସରପ୍ରାପ୍ତ ଶ୍ରମିକ ମାନେ କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ନଭେମ୍ବର -୩ ତାରିଖରୁ ଅଫିସ୍ କାର୍ଯ୍ୟ ସମୟ ସକାଳ ଘ ୮.୦୦ ରୁ ବସିବେ । କୌ।ଣସି ପରିସ୍ଥିତିରେ କାରଖାନାର ଉତ୍ପାଦନ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି କରାନଯାଇ ଶାନ୍ତିପୁର୍ଣ୍ଣ ଭାବେ ଧାରଣା ବିକ୍ଷୋଭ ପ୍ରଦର୍ଶନ କରାଯିବ । ଏହି ଧାରଣା ସମସ୍ତ ଦାବି ପୂରଣ ପର୍ଯ୍ୟନ୍ତ ଚାଲିବ । ଆଜି ପ୍ରାୟ ପଚାଶରୁ ଉର୍ଦ୍ଧ ଶ୍ରମିକଙ୍କ ଦସ୍ତଖତ ସମ୍ବଳିତ ନୋଟିସ୍ ମ୍ୟାନେଜମେଂଟକୁ ଦିଆଯାଇଛି। ଏଥରେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପକ୍ଷରୁ ପ୍ରମୋଦ କୁମାର ମହାନ୍ତି, ପ୍ରକାଶ ଚୌଧୁରୀ, ନାରାୟଣ ଦାସ, ସରୋଜ ପଣ୍ଡା, ଆର୍ କେ ତ୍ରିପାଠୀ, ଉମା ବେହେରା ପ୍ରମୁଖ ନେତୃତ୍ୱ ନେଇ ଆଜି ଦାବି ପତ୍ର ପ୍ରଦାନ କରିଛନ୍ତି।

# ଜୟପୁର ଏୟାରପୋର୍ଟ ପରିଦର୍ଶନ କଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ

ଜୟପୁର, (ପି.ଏନ): ଜୟପୁର ଏୟାରପୋର୍ଟ ପରିଦର୍ଶନ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ । ଗତକାଲି ଜୟପୁର ଏୟାରପୋର୍ଟରୁ ବିମାନ ଉଡିବା ନେଇ ଡିଜିସିଏ ଲାଇସେନ୍ସ ପ୍ରଦାନ କରିଛନ୍ତି । ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓରାମ କୋରାପୁଟ ଭଳି ଆଦିବାସୀ ଜିଲାରେ ଟୁ ବି ଲାଇସେନ୍ସରେ ବିମାନ ଚଳାଚଳ ପାଇଁ ଅନୁମତି ଦେଇଥିବାରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ଶ୍ରମିକ ନେତା ଅରୁଣ ସାହୁଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳୀ ସଭା

ବଲାଙ୍ଗିର,(ପି.ଏନ): ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ତଥା ଭାରତୀୟ ତେଲି ସାମାଜର ରାଷ୍ଟ୍ରୀୟ ତେଲି ସାହୁ ମହା ସଂଗଠନର ରାଷ୍ଟ୍ରୀୟ ଉପସଭାପତି ସ୍ୱର୍ଗତ ଅରୁଣ କୁମାର ସାହୁଙ୍କ ଆଜି ଦ୍ୱାଦଶାହ ଉପଲକ୍ଷେ ସ୍ଥାନୀୟ ଅଗ୍ରସେନ ଭବନ ଠାରେ ଅୟୋଜିତ ସଭାରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି ।ଜିଲ୍ଲା ତେଲି ସାମାଜ ସଭାପତି ଉମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳୀରେ ଭାରତୀୟ ମଜଦୁର ସଂଘ ଓ ତେଲି ସମାଜର ସୁରେନ୍ଦ୍ର ରାୟ, ସାନ୍ତନୁ ମହାପାତ୍ର, ଡା. ବିଶ୍ୱଜିତ୍, ଗିରୀଶ ମହାନ୍ତି, ଗୌରୀ ସାହୁ, ପ୍ରେମାନନ୍ଦ ସାହୁ, ସାନ୍ତନୁ କୁମାର ବେହେରା, ଶ୍ରମିକ ନେତା ବିଭୂଦତ ମିଶ୍ର, କୃଷ୍ଣଚନ୍ଦ୍ର ସାହୁ, ବିଧୁଭୁଷଣ ତ୍ରିପାଠୀ, ଶଶିଭୂଷଣ ସାହୁ, ସନ୍ତୋଷ କୁମାର ସାହୁ, ବୀର ପଣ୍ଡା, ସଂଘ ପ୍ରଚାରକ ସନ୍ତୋଷ କୁ ବେହେରା, ପ୍ରଦୀପ କୁମାର ବେହେରା, କୃଷ୍ଣ ବିହାରୀ ସାହୁ, ବିରଂଚି ପାଢୀ, ଅଙ୍ଗିରା ସାହୁ, ବସନ୍ତ ସାହୁ,ଫକୀର ସାହୁ, ବିକାଶ ସାହୁ ତାଙ୍କ ସମ୍ପର୍କରେ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଆଜୀବନ ଅବିବାହିତ ଥିବା ସ୍ୱର୍ଗତ ସାହୁ ପିଲାଦିନରୁ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ବେଳେ ଛାତ୍ର ଜୀବନରୁ ବିଦ୍ୟାର୍ଥୀ ପରିଷଦର ଜଣେ ସକ୍ରିୟ କାର୍ଯ୍ୟକର୍ତା କେନ୍ଦ୍ର ସ୍ତରରୁ ରହି ଆସିଥିଲେ। ଶ୍ରମିକଙ୍କ ସେବା କର୍ମରେ ଲିପ୍ତ ରହି ସେ ୩୦ ବର୍ଷରୁ ଅଧିକ ସମୟ ଧରି ଭାରତୀୟ ମଜଦୁର ସଂଘର ଜଣେ ସକ୍ରିୟ କାର୍ଯ୍ୟକର୍ତା ଭବରେ ଜିଲ୍ଲା ରାଜ୍ୟ ଓ କେନ୍ଦ୍ରରେ ବେଶ ସକ୍ରିୟ ଥିଲେ। କେନ୍ଦ୍ରୀୟ ସ୍ତରରେ ସାହୁ ତେଲି ସାମାଜ ସଂଗଠନ ସହିତ ସେ ଜଡିତ ରହି କେନ୍ଦ୍ରୀୟ ପଦାଧିକାରୀ ରହି ସାମାଜ ପାଇଁ ବିଭିନ୍ନ ରାଜ୍ୟରେ କାର୍ଯ୍ୟରତ ଥିଲେ। ୫୩ ବର୍ଷ ବୟସରେ ଗତ ୧୦ ଅକ୍ଟୋବରରେ ହୃଦଘାତରେ ତାଙ୍କର ପରଲୋକ ହୋଇଥିଲା।

# ମହାପୁରୁଷ ମହମ୍ମଦଙ୍କ ୧୪୯୭ତମ ଜୟନ୍ତୀ ପାଳନ ଅବସରରେ ଅଶୋକନଗର ସଂଖ୍ୟାଲଘୁ କମିଟି ତରଫରୁ ଭାଇଚାରାର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ





ଭୂବନେଶ୍ୱର,(ପି.ଏନ):ଧର୍ମ ଯାଜକ ପ୍ରଫେଡ୍ ମହମ୍ମଦଙ୍କ ୧୪୯୭ତମ ଜୟନ୍ତୀ ପାଳନ ଅବସରରେ ୟୁନିଟ୍-୨ ସ୍ଥିତ ମାର୍କେଟ୍ ବିଲଡିଙ୍ଗ୍ ନିକଟରେ ଆଜି ପୂର୍ବାହ୍ନ ୧୧.୩୦ମିନିଟ୍ ସମୟରେ ଅନ୍ତ ନାରାୟଣ ବାସୁଦେବ ବ୍ୟବସାୟୀ ସଂଘ ଓ ଅଶୋକନଗର ସଂଖ୍ୟା ଲଘୁ କମିଟିର ମିଳିତ ଆନୁକୂଲ୍ୟରେ ଏକ ଭାଇଚାରାର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବନ୍ଧୁ ମିଳନ ଉତ୍ସବରେ ଭୂବନେଶ୍ୱରର ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭୂବନେଶ୍ୱର ପୌର ପରିଷଦର ୪୦ନମ୍ବର ୱାର୍ଡର କର୍ପୋରେଟର ହାସିଆ ବେଗମ୍ ଓ ପୂର୍ବତନ ବିଧାୟକ ଆୟୁବ୍ ଖାଁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ ଉତ୍ସବକୁ କମିଟିର ସଭାପତି ଶେଖ୍ ଆଜାଦ୍ ଅଲ୍ଲୀ (ମୁନ୍ନା ଭାଇ) ସୁପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ଓ ଅନ୍ୟାନ୍ୟ ବୁଦ୍ଧିଜିବୀମାନେ ଯୋଗଦାନ କରିଥିଲେ ।

# ପାଥେରପୁରୀ ହଷ୍ଟେଲର ସ୍ମୃତି ରକ୍ଷା ପାଇଁ ଦାବିପତ୍ର

ପୁରୀ, (ପି.ଏନ): ବିଶ୍ୱକବି ରବିନ୍ଦ୍ରନାଥ ଟାଗୋରଙ୍କ ସ୍ମୃତି ରକ୍ଷା ପାଇଁ ପାଥେରପୁରୀ ହଷ୍ଟେଲର ଉନ୍ନତିକରଣ ପାଇଁ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଦି ବେଲ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି । ଏ ସମ୍ପର୍କରେ ଅନୁଷ୍ଠାନର କର୍ମକର୍ତା ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କୁ ସାକ୍ଷାତକରି ଟାଗୋରଙ୍କ ସାଧନା ପୀଠର ସୁରକ୍ଷା ପାଇଁ ଆଲୋଚନା କରିଥିଲେ । ରବିନ୍ଦ୍ରନାଥ ଟାଗୋରଙ୍କ ନାମରେ ହାଇସ୍କୁଲ ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଛି । ସେଠାରେ ଟାଗୋରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତି ସ୍ଥାପନ ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ଦେବା ସମୟରେ ଦି ବେଲ ୟୁଥ ଫୋରମର ସତ୍ୟନାରାୟଣ ସାହୁ, ଓମପ୍ରକାଶ ମହାନ୍ତି, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଉତ୍କଳ ବିଦ୍ୱତ ପରିଷଦର ଅଧ୍ୟକ୍ଷ ମନୋଜ ରଥ, ଆମେ ଶ୍ରୀକ୍ଷେତ୍ରବାସୀର ଶଙ୍କର ପଣ୍ଡା, ଶ୍ରୀସାଇ ଉଦୟଲକ୍ଷ୍ମୀ ଟ୍ରଷ୍ଟର ରାଜକିଶୋର ପାତ୍ର, ଗ୍ରୀନ ଅମ୍ବ୍ରେଲାର ରତିକାନ୍ତ ପ୍ରତିହାରୀ,ସମର୍ପଣର ବ୍ରଜକିଶୋର ସାହୁ, ସଙ୍କଳ୍ପ ଫାଉଣ୍ଡେସନର ସୁଚରିତା ପାଢୀ,ବୋଧିଚକ୍ରର ଉମେଶ ଦାସ, ଦି ମିରର ସଞ୍ଜୟ ପ୍ରଧାନଙ୍କ ସମେତ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ଗୀତା ଆବୃତି କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ପୁରୀର ଛାତ୍ରୀ କ୍ରିଷ୍ଣାକୁମାରୀ

ପୁରୀ,(ପି.ଏନ): ପୁରୀ ଦତତୋଟାର ଦଶମ ଶ୍ରେଣୀର ଛାତ୍ରୀ କ୍ରିଷ୍ଣା କିରଣ ଦୀକ୍ଷିତ୍ (ମାମୁଲୁ) ଗୀତା ଆବୃତି କରି ୩ ମିନିଟ୍‌ରେ ଗୀତାର ୪୭ଟି ଶ୍ଳୋକ ପଢି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ -୨୦୨୨ରେ ସ୍ଥାନ ପାଇଛନ୍ତି । ସେ ସେଂଟ ଜାଭିୟର ହାଇସ୍କୁଲରେ ପଢୁଛନ୍ତି । ତାଙ୍କ ବାପା ପ୍ରଦୀପ୍ତ କୁମାର ଦୀକ୍ଷିତ୍ ଝିଅକୁ ୩ ବର୍ଷ ହୋଇଥିବା ବେଳେ ୫ଟି ଶ୍ଳୋକ ଶିଖାଇଥିଲେ । ଏହାପରେ ପରେ କ୍ରିଷ୍ଣା ଗୀତା ପଢିବା ସହ କଣ୍ଠଶିଳ୍ପୀ ଭାବେ ବେଶ ପରିଚିତ ହୋଇପାରିଛନ୍ତି । ଗୀତା ଆବୃତି କରି ସେ ଗଜପତି ମହାରାଜା ଓ ଶଙ୍କରାଚାର୍ଯ୍ୟଙ୍କ ଠାରୁ ସମ୍ମାନିତ ହୋଇଛନ୍ତି । ଦୁବାଇରେ ଇସ୍କନ ପକ୍ଷରୁ ଆନ୍ତର୍ଜାତୀୟ ଗୀତା ଆବୃତି ପ୍ରତିଯୋଗୀତାରେ ଚତୁର୍ଥ ସ୍ଥାନ ହାସଲ କରିଥିଲେ । ଇଣ୍ଡିଆ ବୁକ୍ ଅଫ ରେକର୍ଡ଼ସରେ କ୍ରିଷ୍ଣା ଗୀତା ଆବୃତିର ଭିଡ଼ିଓ ପଠାଇଥିଲେ । ଏ ସମ୍ପର୍କରେ ତାଙ୍କ ପାଖକୁ ମେଲ ଆସିଥିବା ବେଳେ ଏବେ ମାନପତ୍ର ଓ ପରିଚୟପତ୍ର,ପେନ୍ ଏବଂ ପଦକ ଆସି ଘରେ ପହଞ୍ଚିଛି । ତାଙ୍କ ମାଆ ଜ୍ୟୋତ୍ସ୍ନାରାଣୀ ଦୀକ୍ଷିତ୍ ଝିଅକୁ ପାଠ ପଢେଇବା,ଗୀତ ଶିଖେଇବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି ବୋଲି କ୍ରିଷ୍ଣା କହିଛନ୍ତି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Sunday October 23, 2022 ଭୁବନେଶ୍ବର ରବିବାର, ଅକ୍ଟୋବର ୨୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ନରୀ ଭାଇ ଜଣେ ଉଚ୍ଚକୋଟୀର ସଂଗଠକ ଥିଲେ: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ବର, (ପି.ଏନ): ନରୀ ଭାଇ ଜଣେ ଉଚ୍ଚ୍ଚ କୋଟୀର ସଂଗଠକ ଓ ଦରଦୀ ବ୍ୟକ୍ତି ଥିଲେ ବୋଲି ଶନିବାର ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣା ଠାରେ ବିଜେପିର ବରିଷ୍ଠ ନେତା ତଥା ଏସସି ମୋର୍ଚ୍ଚାର ପୂର୍ବତନ ରାଜ୍ୟ ଉପସଭାପତି ସ୍ବର୍ଗତ ନରେନ୍ଦ୍ରନାଥ ନାୟକଙ୍କ 'ସ୍ମୃତିସଭା'ରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।ସ୍ବର୍ଗତ ନାୟକଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଦେବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ବର୍ଗୀୟ ନରୀ ଭାଇ ମୋର ଜଣେ ଅତ୍ୟନ୍ତ ଆତ୍ମୀୟ ବନ୍ଧୁ ଥିଲେ । ସଂଘ ପରିବାରର କାର୍ଯ୍ୟକର୍ତ୍ତା ଭାବେ କାମ ଆରମ୍ଭ କରିବା ବେଳେ ତାଙ୍କ ସହ ମୋର ପରିଚୟ ହୋଇଥିଲା । ଉଭୟ ମିଶି ରାଜନୀତିରେ କାମ କରିଛୁ । ନରୀ ଭାଇ ଜଣେ ସୁସଙ୍ଗଠକ ଥିଲେ । ପ୍ରଥମେ ଅନ୍ୟକୁ ଓ ପରେ ନିଜକୁ ଦେଖୁଥିଲେ । ବିଶେଷ ଭାବରେ ସମାଜର ବଞ୍ଚିତ, ଅସହାୟ ଓ ଗରିବ ଲୋକମାନଙ୍କର ପ୍ରତିନିଧିତ୍ବ କରିବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ସମାଜସେବା ଦିଗରେ ତାଙ୍କର ଉତ୍ସର୍ଗୀକୃତ ମନୋଭାବ କାର୍ଯ୍ୟକର୍ତ୍ତାଙ୍କୁ ସର୍ବଦା ପ୍ରେରିତ କରିବ । ତାଙ୍କ ନୀତି ଓ ଆଦର୍ଶ କିପରି ବଞ୍ଚି ରହିବ ସେଥିପ୍ରତି ଆମେ ସର୍ବଦା ଚେଷ୍ଟିତ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି ।



## ପ୍ରଧାନମନ୍ତ୍ରୀ ରୋଜଗାର ମେଳା ଏକ ରାଜନୈତିକ ସ୍ଲୋଗାନ

ଭୁବନେଶ୍ବର,(ପି.ଏନ) : ପ୍ରଧାନମନ୍ତ୍ରୀଙ୍କ ରୋଜଗାର ମେଳା ଓ ୭୫ ହଜାର ଲୋକଙ୍କୁ ନିଯୁକ୍ତି ପତ୍ର ବଂଟନ ଏକ ରାଜନୈତିକ ସ୍ଲୋଗାନ, କେନ୍ଦ୍ର ସରକାର ୮.୯ ଲକ୍ଷ ପୋଷ୍ଟ। ରେଳ ବିଭାଗ ୧.୫୯ ହଜାର ଓ ସରକାରୀ ଉଦ୍ୟୋଗ ବ୍ୟାଙ୍କରେ ୩ ଲକ୍ଷରୁ ଅଧିକ ପୋଷ୍ଟ ଗତ ୩ ବର୍ଷ ହେବ ଖାଲି ଅଛି। ୧୨.୬୮ ହଜାର ଲୋକଲୋକ ଗତ ତିନି ବର୍ଷ ହେବ ଚାକିରୀ ପାଇଥାଆନ୍ତେ ସେମାନଙ୍କୁ ନିଯୁକ୍ତି ଦିଆନଯାଇ ସଂପ୍ରତି ଗୁଜୁରାଟ ଓ ହିମାଂଚଳ ନିର୍ବାଚନ ପୂର୍ବରୁ ନିଯୁକ୍ତି ମେଳା କେବଳ ଏକ ରାଜନୈତିକ ଚାଲ ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ କହିଛନ୍ତି। ଅନ୍ୟପକ୍ଷରେ ଭୁଲ ଅର୍ଥନିତି, ବିମୁଦ୍ରୀକରଣ, ଭୁଲ୍ ଜି.ଏସ୍.ଟି ଏବଂ ତାଲା ବନ୍ଦ ଫଳରେ କୋଟି କୋଟି ଲୋକ ଚାକିରି ହରାଇଛନ୍ତି। ଏଣୁ କେନ୍ଦ୍ର ସରକାର ରାଜନୈତିକ ହଟ୍ଟଗୋଳ ଛାଡ଼ି ସମସ୍ତ କେନ୍ଦ୍ର ସରକାର, ରେଲେୱେ ଓ ବ୍ୟାଙ୍କରେ ଖାଲି ଥିବା ପୋଷ୍ଟଗୁଡ଼ିକୁ ୩୧ ତାରିଖ ଡିସେମ୍ବର ୨୦୨୨ ପୂର୍ବରୁ ପୂରଣ କରିବା ପାଇଁ ଡଃ ଖୁଂଟିଆ ଦୃଢ଼ ଦାବୀ କରିଛନ୍ତି।

## ସୋନପୁର ଠାରେ ହସ୍ତ ତନ୍ତ ମଲର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ସୁବର୍ଣ୍ଣପୁର,(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଆଭାସୀ ଜରିଆରେ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଠାରେ ହସ୍ତ ତନ୍ତ ମଲ ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଏହିପରିପ୍ରେକ୍ଷୀରେ ଜିଲ୍ଲା ଓସ୍ୱାନ କେନ୍ଦ୍ରଠାରେ ବିଧାୟକ ବୀରମହାରାଜପୁର ପଦ୍ମନାଭ ବେହେରା, ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ଙ୍କ ତରଫରୁ ଡବ୍ଲୁଓଡିସି ହସ୍ତତନ୍ତ ମଲ ର ଭିତ୍ତିପ୍ରସ୍ତର ସ୍ଥାପନ ଫଳକ ର ଶୁଭ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲୀ ସୁନିଲ ନରୱ୍ଵଣେ,ଜିଲ୍ଲାପରିଷଦ ଅଧକ୍ଷା ସୁପାର ଠେଲା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ,ଓ ନିଶି ପୁନମ ମିଞ୍ଜ, ସି ଡି ଓ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଅଧକ୍ଷା ପୌରପରିଷଦ ସୋନପୁର ତାମସୀ ତାମସ୍ମିତା ନାଏକ, ଉପଜିଲ୍ଲାପାଳ ସୋନପୁର ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ କୋଠା ବାଡ଼ି ଦାମୋଦର କୈବର୍ତ୍ତ, ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ଡବ୍ଲୁଓଡିସି, ଚତୁର୍ଭୁଜ ସାହୁ, ପ୍ରମୁଖ ଉପସ୍ଥିତ ରହିଥିଲେ ଓ ପରେ ପରେ ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ନରୱ୍ଵଣେ କାର୍ଯ୍ୟକ୍ରମ ର ବିସ୍ତୃତ ରୂପ ରେଖ ଉପରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଥିଲେ । ସେ କହିଥିଲେ ଯେ ଆମ ଜିଲ୍ଲା ହସ୍ତତନ୍ତ ଓ ହସ୍ତ ଶିଳ୍ପ କାରୁକାର୍ଯ୍ୟ ପାଇଁ ଦେଶ ବିଦେଶରେ ପ୍ରସିଦ୍ଧିଲାଭ କରିଛି । ବୁଣାକାର ଓ ସେମାନଙ୍କ ଦ୍ଵାରା ପ୍ରସ୍ତୁତ ହସ୍ତ ତନ୍ତ ବସ୍ତ୍ରର ବହୁଳ ବିକ୍ରୟ ତଥା ସେମାନଙ୍କ ଅର୍ଥନୈତିକ ବିକାଶ ଉଦ୍ଦେଶ୍ୟ ରେ ପରିଷଦ ୬ କୋଟି ୪୫ ଲକ୍ଷ ବ୍ୟୟରେ ଡବ୍ଲୁଓଡିସି ହସ୍ତ ତନ୍ତ ମଲ ନିର୍ମାଣ ପାଇଁ ପଦକ୍ଷେପ ସ୍ଵରୂପ ଆଜି ମୁଖ୍ୟମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ପରିଷଦ ତରଫରୁ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ର ଉନ୍ନତି ପାଇଁ ଅର୍ଥ ମଞ୍ଜୁର କରିବା ସହିତ ଏହି ଜିଲ୍ଲାର ବିଜୁପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଗୃହ ନିର୍ମାଣ ପାଇଁ ପରିଷଦ ତରଫରୁ ୪ କୋଟି ଟଙ୍କା ମଞ୍ଜୁର ହୋଇଛି । ପୁନଶ୍ଚ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଦ୍ଵାରା ପରିଚାଳିତ କଫେଟେରିଆର ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ଦିଆଯାଇଛି ।

## ହବିଷ୍ୟାଳୀମାନଙ୍କ କାର୍ତ୍ତିକବ୍ରତ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ସହର ଉପକଣ୍ଠ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱାତୀଙ୍କ ଅଧକ୍ଷତାରେ ଆସନ୍ତା ପଞ୍ଚୁକରେ ତୁଳସୀକ୍ଷେତ୍ରରେ ହବିଷ୍ୟାଳୀମାନଙ୍କ କାର୍ତ୍ତିକବ୍ରତ ପାଳନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକବ୍ରତ ପାଳନ ପାଇଁ ହବିଷ୍ୟାଳୀମାନଙ୍କ ରହିବା ପାଇଁ ଶ୍ରୀବଳଦେବଜୀଉଙ୍କ ଯାତ୍ରୀନିବାସରେ ବ୍ୟବସ୍ଥା କରାଯାଇଥିବା ବେଳେ ସେଠାରେ ଦୈନିକ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଏଥିସହିତ ପଞ୍ଚୁକ ପାଞ୍ଚଦିନ ଯଥାଯଥ ଭାବେ ପାଳନ କରାଯିବା ପାଇଁ ବିଧି ମୁତାବକ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳି ସେଠୀ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ନୃସିଂହ ଚରଣ ତ୍ରିପାଠୀ, ସଖୀବଟ ଉନ୍ନୟନ ପରିଷଦର ସମ୍ପାଦକ ଶ୍ରୀଚରଣ ସାମଲ, ବଗଡା ପଞ୍ଚାୟତର ସରପଞ୍ଚ ସୁବନୀ ସାହୁ, ନାଟ୍ୟ ନିର୍ଦ୍ଦେଶକ ଦିଲ୍ଲିପ କୁମାର ସାହୁ, ରୀତାଞ୍ଜଳୀ ନାଥ, ଗବେଷକ ନିରଞ୍ଜନ ମେକାପ, କପାଳେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ, ସାବିତ୍ରୀ ମିଶ୍ର, ସରଳା ମହାରଣା, ଦ୍ରୌପଦୀ ରାଉତ ଏବଂ ହବିଷ୍ୟାଳୀ ଗୋପ ଗ୍ରାମର ମା' ସରସ୍ୱତୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଶ୍ରମର ନୃସିଂହ ବାବା ସଭା ପରିଚାଳନା କରିଥିଲେ।

## ଆନନ୍ଦମୟ ଶିକ୍ଷାର ମହାର୍ଘ ମଂଚ ପାଲଟିଛି 'ସୁରଭି'

କୋଣାର୍କ, (ପି.ଏନ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହାୟତାରେ ଆୟୋଜିତ ହେଉଛି ଶିଶୁ ମହୋତ୍ସବ ସୁରଭି। ଏହି ଉତ୍ସବ ପ୍ରତି କ୍ଲଷ୍ଟରସ୍ତରରୁ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏଥିରେ ସରକାରୀ ସ୍କୁଲଗୁଡିକରେ ଅଧ୍ୟୟନରତ ଚତୁର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ କନିଷ୍ଠ ଓ ବରିଷ୍ଠ ବର୍ଗ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଶୈକ୍ଷିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହେଉଛନ୍ତି। ଶିଶୁ ମହୋତ୍ସବ ସୁରଭିରେ ତର୍କ, ବକ୍ତୃତା, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ, ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ ନୃତ୍ୟାଭିନୟ ପ୍ରଦର୍ଶନ ଓ ମଧ୍ୟାହ୍ନ ଭୋଜନ ପରିଚାଳନା ସଂପର୍କିତ ସଚେତନତା ମେଳା ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶିଶୁମାନେ ବହୁବିଧ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଉଛନ୍ତି। ଶିଶୁ ମହୋତ୍ସବ ସୁରଭି ଆନନ୍ଦମୟ ଶିକ୍ଷାର ଏକ ମହାର୍ଘ ମଂଚ ପାଲଟିଛି ବୋଲି ଭୈରବ ନୋଡାଲ ଉ.ପ୍ରା ସ୍କୁଲ କ୍ଲଷ୍ଟର ପକ୍ଷରୁ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଯୋଗଦେଇ ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶିଲ କୁମାର ବ୍ରହ୍ମା ମତବ୍ୟକ୍ତ କରିଛନ୍ତି। ଶନିବାର ଗୋପ ବ୍ଲକ୍ ଅନ୍ତର୍ଗତ ତଥା କୋଣାର୍କ ନିକଟ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ଭୈରବ ନୋଡାଲ ଉପ୍ରା ସ୍କୁଲ ପକ୍ଷରୁ ଶିଶୁ ମହୋତ୍ସବ ସୁରଭି-୨୦୨୨ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। କ୍ଲଷ୍ଟରର ୧୪ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିରୂପେ ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶିଲ କୁମାର ବ୍ରହ୍ମା, ମୁଖ୍ୟବକ୍ତାରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ଏବଂ ସମ୍ମାନୀତ ଅତିଥିରୂପେ ସମାଜସେବୀ ନିରଂଜନ ସାହୁ ଓ ସିମିଳି ସରପଞ୍ଚ ବିଶ୍ୱଜିତ୍ ସ୍ୱାଇଁ ଯୋଗଦେଇ ଆୟୋଜିତ ପ୍ରତିଯୋଗିତାଗୁଡିକରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ସୃଜନାତ୍ମକ ଲିଖନରେ ବିଜୟାଲକ୍ଷ୍ମୀ କାଣ୍ଡି, ଚିତ୍ରାଙ୍କନରେ ଦଶରଥ ମାଝି, ତର୍କରେ ଶୁଚିସ୍ମିତା ଦାସ, କୁଇଜରେ ଦକ୍ଷିଣ ମୁର୍ମୁ, ବକ୍ତୃତାରେ ସ୍ମୃତିପ୍ରଜ୍ଞା ପ୍ରଧାନ, ପ୍ରବନ୍ଧରେ ଅଙ୍କିତା ସେଠୀ ଓ ସଂଗୀତରେ ଦୁଖିଆ ମାଝି ଏବଂ କନିଷ୍ଠ ବର୍ଗରେ କୁଇଜରେ ସ୍ୱୟଂଶ୍ରୀ ସ୍ୱାଇଁ, ହସ୍ତାକ୍ଷର ଓ ଶ୍ରୁତଲିଖନରେ ରାଜଶ୍ରୀ ବେହେରା, ଚିତ୍ରାଙ୍କନରେ ମନିଷା ସ୍ୱାଇଁ, ବକ୍ତୃତାରେ ପ୍ରୀତିପ୍ରଜ୍ଞା ଲେଙ୍କା, ସୃଜନାତ୍ମକ ଲିଖନରେ ବିଶ୍ୱରୂପା ସେଠୀ ଓ ସଂଗୀତରେ ଶାଶ୍ୱତୀ ମହାରଣା ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରକୁ ଉନ୍ନୀତ ହୋଇଛନ୍ତି। ଦଳଗତ ସାଂସ୍କୃତିକ ନୃତ୍ୟାଭିନୟରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଛାତ୍ରମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସିଆରସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ଚିତ୍ତରଂଜନ ଦାଶ, ସ୍ମରଜିତ୍ କୁମାର ସେନ୍, ବାଲୁଙ୍କେଶ୍ୱର ବାରିକ, ଶିକ୍ଷକ ସୁଶାନ୍ତ କୁମାର ସାହୁ, ରାମକୃଷ୍ଣ ମହାନ୍ତି, ବାନାମ୍ବର ବେହେରା, କାଳନ୍ଦି ଚରଣ ଜେନା, ପ୍ରମୋଦ କୁମାର ବେହେରା, ଜିତେନ୍ଦ୍ର କୁମାର କାଣ୍ଡି, ଶୁଭସ୍ମିତା ଦଳାଇ, ସୁଚିତ୍ରା ବିଶୋଇ, ଚିତ୍ରାଞ୍ଜଳି ନାୟକ, ଦିଲ୍ଲିପ କୁମାର ନାୟକ, ଆଲୋକ କୁମାର ପ୍ରଧାନ ଓ ଆଶୁତୋଷ ରାଉତ ବିଚାରକରୂପେ ଦାୟିତ୍ୱ ନିର୍ବାହ କରିଥିଲେ।




## କଂକ୍ରିଟ ରାସ୍ତା ଉପରେ ଫ୍ଲେବର ଇଟା ରାସ୍ତା ନକରିବାକୁ ଆପ ଦଳ ଦାବି

ପୁରୀ, (ପି.ଏନ): ପୁରୀର ଅଧିକାଂଶ ରାସ୍ତା କାମ ଏବେ ପେଭର୍ ବ୍ଲକ୍ ଇଟା ଦ୍ୱାରା ନିର୍ମାଣ ହେଉଅଛି। ପେଭର୍ ବ୍ଲକ୍ ଇଟା ସାଧାରଣତଃ ବର୍ଷା ଜଳ ନଷ୍ଟ ନହେବା ଏବଂ ଭୂତଳ ଜଳ ବଢିବା ପାଇଁ ଏକ ପ୍ରୟାସ ଅଟେ। ପୁରୀ ର ଅଧିକାଂଶ ରାସ୍ତା ବର୍ତ୍ତମାନ ପୂର୍ବ ସିମେଂଟ ରାସ୍ତା ନଖୋଳି ତାରି ଉପରେ ପେଭର୍ ବ୍ଲକ୍ ଇଟା ରଖି ରାସ୍ତା ନିର୍ମାଣ ହେଉଅଛି। ଯାହା ସଂପୂର୍ଣ୍ଣ ବେଆଇନ ଅଟେ। ଆଜି ୧୧ ନମ୍ବର୍ ୱ୍ୱାର୍ଡ ରେ ରାସ୍ତା କାମ କଂକ୍ରିଟ ରାସ୍ତା ନ ଉଠେଇ ତାରି ଉପରେ ପେଭର୍ ବ୍ଲକ୍ ଇଟା ପକେଇ କାମ କରୁଥିବା ସମୟରେ ୟୁଥ୍ ୱିଂ ତରଫରୁ ବିରୋଧ କରାଯାଇଛି। ଆମ୍ ଆଦ୍‌ମୀ ପାର୍ଟି ଏଭଳି ବେଆଇନ ନିର୍ମାଣକୁ ବିରୋଧ କରିବା ସହ ଜିଲ୍ଲାପାଳଙ୍କୁ ଏହା ପ୍ରତି ଧ୍ୟାନ ଦେଇ ସଠିକ୍ କାମ ପାଇଁ ନିର୍ଦ୍ଦେଶ ଦେବେ ବୋଲି ୟୁଥ୍ ୱିଂ ତରଫରୁ ଦାବି କରାଯାଇଛି। ଯଦି ଏହି କାମ ଏହିପରି ବେଆଇନ ଭାବେ ଚାଲେ ତେବେ ଆମ୍ ଆଦ୍‌ମୀ ପାର୍ଟି ୟୁଥ୍ ୱିଂ ପୁରୀ ର ସମସ୍ତ ବେଆଇନ ରାସ୍ତା ନିର୍ମାଣକୁ ବନ୍ଦ କରି ବିରୋଧ ପ୍ରଦର୍ଶନ କରିବାକୁ ବାଧ ହେବ ବୋଲି ଚେତାବନୀ ଦେଇଛି।ଯଥାଶୀଘ୍ର ପେଭର୍ ବ୍ଲକ୍ ଇଟାଦ୍ୱାରା ରାସ୍ତା ନିର୍ମାଣର ମହତ୍ୱ ବୁଝି ଜିଲ୍ଲାପାଳଙ୍କ ତଦାରଖରେ ପୁରୁଣା କଂକ୍ରିଟ ରାସ୍ତାକୁ କାଢ଼ିଲା ପରେ ପେଭର୍ ବ୍ଲକ୍ ଇଟା ଦ୍ୱାରା ସମସ୍ତ ରାସ୍ତା ନିର୍ମାଣ କରିବାକୁ ଜିଲ୍ଲାପାଳ ମହୋଦୟ ନିର୍ଦ୍ଦେଶ ଦେବେବୋଲି ଏକ ଦାବିପତ୍ର ଜିଲ୍ଲା ପାଳଙ୍କୁ ଦିଆଯାଇଛି।

## କେନ୍ଦ୍ରାପଡାରେ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ କ୍ୟାରିଅର କାଉନସେଲିଂ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ କ୍ୟାରିଅର କାଉନସେଲିଂ ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଦାୟୀତ୍ୱରେ ଥିବା ରସାୟନ ବିଭାଗର ମୁଖ୍ୟ ଡଃ. ଦେବେନ୍ଦ୍ର ଗୋଛାୟତ ଏହି ସଭାରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆମେରିକାସ୍ଥିତ ସାନ ଡିଏଗୋ ମେଡିକାଲ ଏବଂ ସାଇଣ୍ଟିକ ଆଫେୟାର୍ସ, ବାୟୋସାଇନ୍ସର ବରିଷ୍ଠ ବୈଜ୍ଞାନିକ ଡଃ. ବିମଳେନ୍ଦୁ ଜେନା ଛାତ୍ରଛାତ୍ରୀମାନଙ୍କୁ ନିଜ ଉପରେ ଆତ୍ମବିଶ୍ୱାସ ରଖିବା ସହିତ ନିଜ ପାଇଁ ସଫଳତା ନିଜେ ନିର୍ଦ୍ଧାରଣ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏଥିସହିତ ଆଜି ଦିନରେ ଯେତେ ଅଧିକ ତଥ୍ୟ ସଂଗ୍ରହ କରିବେ ତାହା ତାଙ୍କର ସଫଳତା ପାଇଁ ଉପାଦେୟ ହେବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗଦେଇ କଲେଜ ପରିଚାଳନା ପରିଷଦର ସଦସ୍ୟ ପ୍ରଫେସର ଅଜୟ ସାମଲ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ଯେ ସେମାନେ ତାଙ୍କର ପୁରାତନ ଛାତ୍ରଛାତ୍ରୀମାନଙ୍କର ପ୍ରତିଷ୍ଠାରେ ଗୌରବାନ୍ୱିତ ଅନୁଭବ କରିବା ସହିତ ନିଜେ କେମିତି ଆହୁରି ଆଗକୁ ଯାଇପାରିବେ ସେଥିପାଇଁ ଉତ୍ସାହିତ ହୁଅନ୍ତୁ। ପ୍ରାଧ୍ୟାପକ ରଞ୍ଜିତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପୂର୍ବାଶା ପ୍ରିୟଦର୍ଶିନୀ ସଭାକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଆନନ୍ଦ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ପ୍ରାଧ୍ୟାପକ ଜ୍ଞାନୀନ୍ଦ୍ର ଦାଶ, ମେଜର ମନୋରଞ୍ଜନ ମହାନ୍ତି, ଡଃ. ସଞ୍ଜୀବ ମହାନ୍ତି, ଡଃ. ପ୍ରଭାକର ମଲ୍ଲିକ, ଅଶୋକ କୁମାର ଦାସ, ଦେବକାନ୍ତ ଷଡଙ୍ଗୀ, ଡଃ. ହାରାଚାନ୍ଦ ମହାନ୍ତି, ଜ୍ଞାନରଞ୍ଜନ ଦାସ, ଫ୍ଲାଇ.ପଦ୍ମାବତୀ, ସୁବ୍ରତ କୁମାର ପାତ୍ର, ବିକାଶ କୁମାର ପ୍ରଧାନ, ମଧୁସ୍ମିତା ସିଂଙ୍କ ସମେତ କଲେଜର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## କହ୍ନେଇନାଳ କଲଭର୍ଟ ଉଦ୍‌ଘାଟିତ

ଝାରସୁଗୁଡ଼ା,(ପି.ଏନ): ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୨୯ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଝାରସୁଗୁଡ଼ା ବ୍ଲକର ମାରାକୁଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କହ୍ନେଇନାଳ ଉପରେ ନିର୍ମିତ କଲଭର୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଜି ଆଭାସି ମାଧ୍ୟମରେ ଉଦଘାଟିତ ହୋଇଛି। ବାର ମିଟର ଲମ୍ବ, ଛ'' ମିଟର ଚଉଡ଼ା ଓ ଦୁଇ ସ୍ପାନ ବିଶିଷ୍ଟ ଏହି କଲଭର୍ଟ ନିର୍ମାଣ ଦ୍ୱାରା ଓରାମପଡ଼ା,ଜମେରା, ମାରାକୁଟା ଓ ମୁଣ୍ଡାପଡ଼ା ଆଦି ପାଞ୍ଚଟି ଗ୍ରାମର ଅଧିବାସୀ ଉପକୃତ ହେବେ । ପୂର୍ବରୁ ଏହି ସବୁ ଗ୍ରାମର ଅଧିବାସୀ ଜିଲ୍ଲା ସଦର ମହକୁମା ଝାରସୁଗୁଡ଼ାକୁ ଯାତାୟତ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି କଲଭର୍ଟ ନିର୍ମାଣ ଫଳରେ ଜିଲ୍ଲା ସଦର ମହାକୁମାକୁ ପାଞ୍ଚ କିଲୋମିଟର ଦୂରତ୍ୱ ହ୍ରାସ ପାଇଛି । ଆଭାସି ଜରିଆରେ ଅନୁଷ୍ଠିତ ଏହି ପ୍ରକଳ୍ପ ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟର ଓସୱାନ କକ୍ଷରେ ଜିଲ୍ଲାପାଳ ସରୋଜ କୁମାର ସାମଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ପିଡି(ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ , ଗିତିକା ନାଏକ, ଡେପୁଟି ଡ଼ାଇରେକ୍ଟର ,ପ୍ଲାନିଂ ଶରତ ନାଏକ ଓ ଝାରସୁଗୁଡା ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray